ବର୍ଷ-୨୪, ସଂଖ୍ୟା-୨୫୬
ଭୁବନେଶ୍ୱର
୧୯ ଅକ୍ଟୋବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 256
Bhubaneswar
19 October, 2024 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ରଣଜୀ : ପଦାର୍ପଣରେ ସୁମିତଙ୍କୁ ୫ ୱିକେଟ



# ଆଉ ୧ ଲକ୍ଷ କୋଟି ପୁଞ୍ଜିନିବେଶ କରିବ ବେଦାନ୍ତ

**ମୁମ୍ବାଇ,୧୮।୧୦(ମହାଭାରତ):** ମୁମ୍ବାଇରେ ଆୟୋଜିତ ନିବେଶକ ସମ୍ମିଳନୀରେ ଯୋଗଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଶିଳ୍ପ ସଚିବ ହେମନ୍ତ ଶର୍ମା। ଆଜି ମୁଖ୍ୟମଣ୍ଡୀ ବିଶିଷ୍ଟ ଶିଳ୍ପପତି ତଥା ଜେଏସଡବ୍ଲୁ

## ମୁମ୍ବାଇରେ ଶିଳ୍ପପତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟ ସଜ୍ଜନ ଜିନ୍ଦଲ ଓ ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କୁ ଭେଟି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଛନ୍ତି।

ତେବେ ଖୁସିର କଥା ଯେ, ବେଦାନ୍ତ ଗତ ଦୁଇ ଦଶନ୍ଧିରେ ଓଡ଼ିଶାରେ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ କରିଥିବାବେଳେ ରାଜ୍ୟରେ ଆଉ ୧ ଲକ୍ଷ କୋଟି ଟଙ୍କାର ନୂତନ ପୁଞ୍ଜି ବିନିଯୋଗ କରିବାକୁ ଘୋଷଣା କରିଛି। ଉତ୍କର୍ଷ ଓଡ଼ିଶା ୨୦୨୫ ରୋଡ୍ ସୋ'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସହ ବେଦାନ୍ତ ଗ୍ରୁପ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କ ଆଲୋଚନାବେଳେ କମ୍ପାନି ଏହି ନିବେଶ ସଂପର୍କରେ ଘୋଷଣା କରିଛି।



ବେଦାନ୍ତ ଟେଣ୍ଡର ମାଧ୍ୟମରେ ସିଜିମାଳି ଖଣି ପାଇଛି ଯେଉଁଠାରେ ବିପୁଳ ପରିମାଣର ବକ୍ସାଇଟ୍ ଗଚ୍ଛିତ ରହିଛି । ଅକ୍ଷୟ ଶକ୍ତି ଦ୍ୱାରା ପରିଚାଳିତ ସବୁଜ ଆଲୁମିନିୟମ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ବାର୍ଷିକ ୬ ନିୟୁତ ଟନ୍ ଆଲୁମିନିୟମ ରିଫାଇନାରୀ ଓ ୩ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ଆଲୁମିନିୟମ କାରଖାନା ପ୍ରତିଷ୍ଠା ଦିଗରେ ଏହି ପୁଞ୍ଜିନିବେଶକୁ କାର୍ଯ୍ୟକାରୀ କରାଯିବ। ଅଟୋ, ଶକ୍ତି, ନିର୍ମାଣ ଏବଂ ରେଲୱେ ଭଳି ଶତାଧିକ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଆଲୁମିନିୟମର ଅଧିକ ପ୍ରୟୋଗ ହେଉଥିବାରୁ ଏହା ଆନୁଷଙ୍ଗିକ ଶିଳ୍ପ ପାଇଁ ଏକ ବିଶାଳ ଶିଳ୍ପ କମ୍ପ୍ଲେକ୍ସ ସୃଷ୍ଟି କରିବ।

୨୦୩୦ ସୁଦ୍ଧା ଅଧା ଟ୍ରିଲିୟନ ଡଲାର ଅର୍ଥନୀତି ହାସଲ କରିବା ଲକ୍ଷ୍ୟ ନେଇ ଓଡ଼ିଶା ଅନ୍ୟତମ ବିକଶିତ ରାଜ୍ୟରେ ପରିଣତ ହେବା ଦିଗରେ ଅଗ୍ରସର ହେଉଥିବା ବେଳେ ବେଦାନ୍ତ ଝାରସୁଗୁଡ଼ା ଭଳି ରାୟଗଡ଼କୁ ଏକ ଉଚ୍ଚ ବିକଶିତ ଅଞ୍ଚଳ ଭାବେ ଉଭା ହେବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶା ସରକାରଙ୍କ ସହଯୋଗରେ ବେଦାନ୍ତ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ଦକ୍ଷତା ବିକାଶ କେନ୍ଦ୍ର ଓ ନନ୍ଦଘର ପ୍ରତିଷ୍ଠା କରି ରାଜ୍ୟବାସୀଙ୍କୁ ଉପକୃତ କରିବ। ଓଡ଼ିଶାରେ ଏହା ହେଉଛି ସର୍ବବୃହତ ପୁଞ୍ଜିନିବେଶ ଯାହା ୧୦୦୦ ଏମ୍ଏସ୍ଏମ୍ଇ ପାଇଁ ସୁଯୋଗ ସୃଷ୍ଟି ସହିତ ୨ ଲକ୍ଷ ନିଯୁକ୍ତି ସୃଷ୍ଟି କରିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ୨୦୪୭ ସୁଦ୍ଧା ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ପରିକଳ୍ପନା ପ୍ରତି ଓଡ଼ିଶାର ନୂତନ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ। ୨୦୩୦ ସୁଦ୍ଧା ଓଡ଼ିଶାକୁ ଅଧା ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଥିବାରୁ ଆମେ ନୂଆ। ଓଡ଼ିଶାରେ ପୁଞ୍ଜିନିବେଶ କରିବାକୁ ବିଶ୍ୱକୁ ଆମନ୍ତ୍ରଣ କରୁଛୁ। ଆମେ ଜାନୁଆରୀ ୨୦୨୫ରେ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଉତ୍କର୍ଷ ଓଡ଼ିଶା ଆୟୋଜନ କରୁଛୁ ଏବଂ ଆଜି ପ୍ରି-ଇଭେଣ୍ଟ ରୋଡ୍ ସୋ' ସମୟରେ ଆମେ ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କ ସହ ଫଳପ୍ରଦ ଆଲୋଚନା କରିଛୁ। ଯିଏ କି ଆମର ନୂତନ ସୁଦୃଢ଼ ନୀତି ତାଙ୍କୁ ପ୍ରଭାବିତ ହୋଇଛନ୍ତି। ସେ ଆମ ସରକାରଙ୍କ ସହ ହାତ ମିଳାଇ ଓଡ଼ିଶାରେ ପୁଞ୍ଜିନିବେଶକୁ ଦ୍ୱିଗୁଣିତ କରିଛନ୍ତି। ନୂଆ ଆଲୁମିନା ପ୍ରକଳ୍ପରେ ୧ ଲକ୍ଷ କୋଟି ଟଙ୍କାର ବିନିଯୋଗ ସୁଯୋଗ ରହିଛି।ଯାହା ରାଜ୍ୟବାସୀଙ୍କ ପାଇଁ ଅଧିକ ନିଯୁକ୍ତି ସୃଷ୍ଟି କରିବ। ଏହି ନୂତନ ବିନିଯୋଗ ପାଇଁ ଶ୍ରୀ ଅଗ୍ରୱାଲଙ୍କୁ ଧନ୍ୟବାଦ ଜଣାଉଛି ଏବଂ ଏହି ପ୍ରକଳ୍ପଗୁଡ଼ିକର ବିକାଶ ଦିଗରେ ରାଜ୍ୟ ସରକାର ପୂର୍ଣ୍ଣ ସହଯୋଗ କରିବେ ବୋଲି ମୁଖ୍ୟମନ୍ତ୍ରୀ ସୁନିଶ୍ଚିତ କରିଛନ୍ତି।

ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ କହିଛନ୍ତି ଯେ ବେଦାନ୍ତର ଅଭିବୃଦ୍ଧିରେ ଓଡ଼ିଶା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆମର ପୁଞ୍ଜିନିବେଶ ରାଜ୍ୟର ସାମଗ୍ରିକ ଅଭିବୃଦ୍ଧି ଏବଂ ବୃହତ ଶିଳ୍ପାୟନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମେ ରାଜ୍ୟର ଅର୍ଥନୈତିକ ପ୍ରଗତିରେ ଯୋଗଦାନ ଜାରି ରଖିବୁ, ସମୁଦାୟକୁ ସଶକ୍ତ କରିବୁ ଏବଂ ଓଡ଼ିଶାର କୋଟି କୋଟି ଲୋକଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିବୁ । ଏହି ଘୋଷଣା କେବଳ ଓଡ଼ିଶାର ବିକାଶରେ ବେଦାନ୍ତର ଏକ ପ୍ରମୁଖ ଅଂଶୀଦାର ଭାବରେ ସ୍ଥିତିକୁ ଦୋହରାଇନାହିଁ ବରଂ ଆଲୁମିନିୟମ ଏବଂ ଶିଳ୍ପ ଉଦ୍ଭାବନ ପାଇଁ ଏକ ବିଶ୍ୱ ସ୍ତରୀୟ କେନ୍ଦ୍ରରେ ପରିଣତ ହେବାର ରାଜ୍ୟର ସମ୍ଭାବନାକୁ ସୁଦୃଢ଼ କରିଛି।

ମୁମ୍ବାଇରେ ଶିଳ୍ପପତିଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ସୋଶାଲ୍ ମିଡ଼ିଆରେ ଲେଖିଛନ୍ତି, ଓଡ଼ିଶାରେ ଇଭି, ଲିଥିୟମ୍ ଆୟନ ବ୍ୟାଟେରି ଓ ୩୨ ଏମ୍‌ଟିପିଏ ଇସ୍ପାତ ପ୍ରକଳ୍ପର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇଦେବେ। ଏହାଦ୍ୱାରା ଇସ୍ପାତ, ଇଭି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହେବା ସହ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହେବ ବୋଲି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି।

## 'ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ ହେବ'

**ଭୁବନେଶ୍ୱର,୧୮।୧୦ (ମହାଭାରତ):** ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ବଡ଼ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ଆୟୁଷ୍ମାନ ଭାରତ ଲାଗୁ ହେବ। ଏନେଇ ମୋହନ ସରକାର ପୂର୍ବରୁ ଘୋଷଣା କରିସାରିଛନ୍ତି। ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ଗୋଟିଏ କାର୍ଡ ଜାରି ହେବ। ଆକଳନ ଅନୁଯାୟୀ ସାଢେ ୩ କୋଟି ଲୋକଙ୍କୁ ଏହି କାର୍ଡ ମିଳିବ। ଆୟୁଷ୍ମାନ ଭାରତ ଭଳି ରାଜ୍ୟରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ସୁବିଧା ପାଇବେ। ରାଶନ କାର୍ଡ ପାଇଁ ଇ-କେୱାଇସି ଚାଲିଛି। ସରିବା ପରେ ସଂଖ୍ୟା ଜଣାପଡିବ। ବିଏସ୍‌କେୱାଇ ଯୋଜନାରେ ୯୫୭ ହସ୍ପିଟାଲରେ ସୁବିଧା ମିଳୁଥିଲା। ଏଣିକି ୨୭ ହଜାରରୁ ଉର୍ଦ୍ଧ୍ୱ ଅନୁବନ୍ଧିତ ହସ୍ପିଟାଲରେ ସୁବିଧା ମିଳିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

## ଝାରପଡ଼ା ଜେଲରେ କଏଦୀଙ୍କୁ ହତ୍ୟା

**ଭୁବନେଶ୍ୱର, ୧୮।୧୦ (ମହାଭାରତ):** ଝାରପଡା ଜେଲରେ ବିଚାରଧୀନ କଏଦୀ ବିଦ୍ୟାଧର ଗୁରୁଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି। ଜେଲରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ବିଦ୍ୟାଧର ଗୁରୁ ଅକ୍ଟୋବର ୫ ତାରିଖରୁ ଜେଲରେ ଥିଲେ। ଆଜି ସକାଳୁ ବିଦ୍ୟାଧର ଗୁରୁଙ୍କ ସ୍ୱାସ୍ଥ୍ୟ ଖରାପ ଏବଂ କ୍ୟାପିଟାଲ ହସ୍ପିଟାଲ ଚିକିତ୍ସା ପାଇଁ ନିଆଯାଇଥିବା ନେଇ ତାଙ୍କ ସ୍ତ୍ରୀଙ୍କୁ ଜେଲ ପକ୍ଷରୁ ସୂଚନା ଦିଆଯାଇଥିଲା। ହେଲେ ହସ୍ପିଟାଲରେ ଚିକିତ୍ସା ପୂର୍ବରୁ ତାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି।

ତେବେ ପରିବାର ପକ୍ଷରୁ ଜେଲରେ ହତ୍ୟା କରାଯାଇଥିବା ଅଭିଯୋଗ ସହ ନ୍ୟାୟ ଦାବୀ କରାଯାଇଛି। ବ୍ରାଉନ ସୁଗାର ବା ନାର୍କୋଟିକ୍ସ କେସରେ ଅବକାରୀ ଥାନା ଗତ ଅକ୍ଟୋବର ୫ରେ ଗିରଫ କରିଥିଲା। ଆଜି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଝାଡପଡା ଜେଲ ପକ୍ଷରୁ କିଛି ପ୍ରତିକ୍ରିୟା ମିଳିନାହିଁ।

# ନକ୍ସଲ ପାଇଁ ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ

**ଭୁବନେଶ୍ୱର,୧୮।୧୦(ମହାଭାରତ):** ରାଜ୍ୟରେ ମାଓବାଦୀ ଗତିବିଧି ଧୀରେ ଧୀରେ ହ୍ରାସ ପାଉଥିବାବେଳେ ନକ୍ସଲ ମୁକାବିଲା ପାଇଁ ଅବସରପ୍ରାପ୍ତ ସେନା ଓ କେନ୍ଦ୍ରୀୟ ପୁଲିସ ଫୋର୍ସର ଯବାନମାନଙ୍କୁ ନିୟୋଜିତ କରାଯିବ। ଏଥିପାଇଁ ରାଜ୍ୟ ସରକାର ୩୦୦୯ଜଣ ସେନା ଯବାନ ଓ ଅଫିସରଙ୍କୁ ନେଇ ୩ଟି ସ୍ୱତନ୍ତ୍ର ବାଟାଲିୟନ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ବାଟାଲିୟନର ନାଁ ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ(ଓଏସଏସଏଫ) ରଖାଯାଇଛି। ପ୍ରତ୍ୟେକ ବାଟାଲିୟନରେ ସେନା ଓ କେନ୍ଦ୍ରୀୟ ପୁଲିସ ଫୋର୍ସର ଅବସରପ୍ରାପ୍ତ ୧୦୦୩ଜଣ ଯବାନ ଓ ଅଫିସର ରହିବେ। ଏହି ବାଟାଲିୟନ ସମ୍ପୂର୍ଣ୍ଣ ଭାବେ ଅବସରପ୍ରାପ୍ତ ସେନା ଓ କେନ୍ଦ୍ରୀୟ ପୁଲିସ କର୍ମୀଙ୍କ ଦ୍ୱାରା ପରିଚାଳିତ ହେବ।

ରାଜ୍ୟପାଳଙ୍କ ଅନୁମୋଦନ ପରେ ଗୃହ ବିଭାଗ ପକ୍ଷରୁ ଜାରି ସୂଚନା ଅନୁସାରେ, ରାଜ୍ୟର ନକ୍ସଲ ପ୍ରଭାବିତ ଅଂଚଳରୁ କେନ୍ଦ୍ର ସରକାର କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀକୁ ପ୍ରତ୍ୟାହାର କରିବା ପରେ ନକ୍ସଲ ମୁକାବିଲା ଜାରି ରଖିବାକୁ ଭାରତୀୟ ସେନା ଓ କେନ୍ଦ୍ରୀୟ ପୁଲିସ ଫୋର୍ସର ଅବସରପ୍ରାପ୍ତ ଯବାନ ଓ ଅଫିସରଙ୍କୁ ନେଇ ୩ଟି ବାଟାଲିୟନ ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ନକ୍ସଲ ପ୍ରଭାବିତ ଅଂଚଳରେ ମୁତୟନ ହୋଇଥିବା କେନ୍ଦ୍ରୀୟ ଫୋର୍ସ ପ୍ରତ୍ୟାହାର ପରେ ଏହି ବାଟାଲିୟନଗୁଡ଼ିକ ନକ୍ସଲ ମୁକାବିଲା ଦାୟିତ୍ୱରେ ମୁତୟନ ହେବେ। ଏହି ୩ଟି ସ୍ୱତନ୍ତ୍ର ବାଟାଲିୟନ ପାଇଁ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ୨୦୨୪ ସେପ୍ଟେମ୍ବର ୬ ଓ ଅକ୍ଟୋବର ୫ତାରିଖରେ ବିସ୍ତୃତ ଗାଇଡଲାଇନ୍ ସହ ଅନୁରୋଧ କରାଯାଇଥିଲା। ଏହି ବାଟାଲିୟନ ନିମନ୍ତେ ଆବଶ୍ୟକ ଖର୍ଚ୍ଚ ପାଇଁ ଅର୍ଥ ବିଭାଗ ଅନୁମତି ଦେଇଛି।

ପ୍ରତ୍ୟେକ ବାଟାଲିୟନରେ ୧୦୦୩ଜଣ ଅବସରପ୍ରାପ୍ତ ଯବାନ ଓ ଅଫିସର ରହିବେ

**ସାମିଲ ହେବେ ଅବସରପ୍ରାପ୍ତ ସେନା ଓ କେନ୍ଦ୍ରୀୟ ପୁଲିସ ଫୋର୍ସର ଯବାନ**

ପ୍ରତ୍ୟେକ ବାଟାଲିୟନରେ ୬ଟି କମ୍ପାନୀ ଓ ଗୋଟିଏ ହେଡକ୍ୱାର୍ଟର କମ୍ପାନୀ ରହିବେ। ପ୍ରତ୍ୟେକ ବାଟାଲିୟନରେ ଜଣେ କମାଣ୍ଡାଣ୍ଟ, ୩ଜଣ ଡେପୁଟି କମାଣ୍ଡାଣ୍ଟ, ୭ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୫୧ଜଣ ଜୁନିୟର କମିଶନଡ ଅଫିସର(ଜେସିଓ) ଓ ୬୭୫ଜଣ ସିପାହୀ ରହିବେ। ଏମାନଙ୍କ ବ୍ୟତୀତ ୨୫୯ଜଣ ଡ୍ରାଇଭର ଓ ଟ୍ରେଡସମ୍ୟାନ୍ ଏବଂ ୭ଜଣ ମିନିଷ୍ଟିଆଲ ପଦବୀରେ ରହିବେ।

ସେନା ଓ କେନ୍ଦ୍ରୀୟ ପୁଲିସ ଫୋର୍ସର ଅବସରପ୍ରାପ୍ତ ଯବାନ ଓ ଅଫିସରଙ୍କୁ ଏହିସବୁ ପଦବୀରେ ନିଯୁକ୍ତି ମିଳିବ। ଚାକିରିରେ ଯୋଗଦେବାବେଳେ ଅଫିସରଙ୍କ ବୟସସୀମା ୫୫ବର୍ଷ, ହାବିଲଦାରଙ୍କ ବୟସ ୫୦ବର୍ଷ ଓ ସିପାହୀଙ୍କ ବୟସ ୪୫ବର୍ଷରୁ ଅଧିକ ହୋଇନଥିବା ଜରୁରୀ। ୬୦ବର୍ଷ ବୟସ ହେଲାପରେ ସେମାନଙ୍କର ଚୁକ୍ତି ଆଉ ନବୀକରଣ କରାଯିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ସମସ୍ତ ଯବାନ ଓ ଅଫିସରଙ୍କୁ ୟୁନିଫର୍ମ ଭତ୍ତା ସହ ମୃତ୍ୟୁ ଅବା ଶାରୀରିକ ଅକ୍ଷମ ହେଲେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ଅନୁକମ୍ପାମୂଳକ ସହାୟତା ରାଶି ମଧ୍ୟ ମିଳିବ।ଏହି ଚାକିରି ପାଇଁ ଅବସରପ୍ରାପ୍ତ ଯବାନ ଓ ଅଫିସରଙ୍କର ସ୍ୱାସ୍ଥ୍ୟ ଫିଟ୍ ଥିବା ସହ ସେମାନଙ୍କର ବୟସ ଓ ଅନ୍ୟାନ୍ୟ ଦସ୍ତାବିଜ ଠିକ୍ ରହିଥିବା ଜରୁରୀ । କେବଳ ଜେସିଓ, ସିପାହୀ ଓ ଟ୍ରେଡସମ୍ୟାନମାନଙ୍କୁ ଶାରୀରିକ ପରୀକ୍ଷା କରାଯିବ। ସେମାନେ ୪୫ମିନିଟ୍ ଭିତରେ ୪କିମି ଦୌଡ଼ି ପାରୁଥିବା ଜରୁରୀ । ଏହି ବାଟାଲିୟନକୁ ୨୦୨୬ ମାର୍ଚ୍ଚ ମାସ ପର୍ଯ୍ୟନ୍ତ କାର୍ଯ୍ୟ କରିବା ନିମନ୍ତେ ଏବେ ଅନୁମତି ମିଳିଛି। ଯଦିଉକ୍ତ ବାଟାଲିୟନକୁ ଜାରି ରଖିବାକୁ ପଡ଼ିବ ତାହେଲେ ପୁଲିସ ମୁଖ୍ୟାଳୟକୁ ସାନି ପ୍ରସ୍ତାବ ଗୃହ ବିଭାଗକୁ ପଠାଇବାକୁ ପଡ଼ିବ ବୋଲି କୁହାଯାଇଛି। ଏହାସହିତ ଓଡ଼ିଶାରେ ନକ୍ସଲ ମୁକାବିଲା ପାଇଁ କିଭଳି ପୁଣିଥରେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ମୁତୟନ ହେବେ।

## ଶ୍ରୀମନ୍ଦିରକୁ ୫ କୋଟି ଦାନ

**ପୁରୀ,୧୮।୧୦(ମହାଭାରତ):** ଆଜି ଜଣେ ଶ୍ରଦ୍ଧାଳୁ ଶ୍ରୀମନ୍ଦିରକୁ ୫କୋଟି ଟଙ୍କା ଦାନ କରିଥିବା ସୂଚନା ମିଳିଛି। ତେବେ ଏହି ବଦାନ୍ୟ ବ୍ୟକ୍ତି ତାଙ୍କ ନାମକୁ ଗୋପନୀୟ ରଖିଥିବା ଜଣାପଡ଼ିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦେଶ୍ୟରେ ୫କୋଟି ଟଙ୍କା ଏକାସଙ୍ଗରେ ଜଣେ ଶ୍ରଦ୍ଧାଳୁ ଦାନ କରିଛନ୍ତି। ମହାପ୍ରଭୁଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ଥିବାରୁ ସେ ଏହି ଦାନ ଶ୍ରୀମନ୍ଦିରକୁ ପ୍ରଥମ ଥର ପାଇଁ



ଏକକାଳୀନ କୌଣସି ଶ୍ରଦ୍ଧାଳୁ ନଗଦ ୫କୋଟି ଟଙ୍କା ଅର୍ଥରାଶି ପ୍ରଦାନ କରିଥିବା ସୂଚନା ମିଳିଛି। ଏକକାଳୀନ ୫କୋଟି ଟଙ୍କା ଦାନ କରିବାରେ ପ୍ରଥମ ଶ୍ରଦ୍ଧାଳୁଙ୍କ ନାମ ଜଣାପଡ଼ି ନାହିଁ। ଏଠାରେ ସୂଚନା ଯୋଗ୍ୟ ଯେ ଜଗନ୍ନାଥ ମନ୍ଦିରରେ ବିଭିନ୍ନ ହୁଣ୍ଡିରୁ ଦୈନିକ ୪ରୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଦାନ କରିଥିବା ଅର୍ଥରାଶି ମିଳିଥାଏ। ଆଜି ଗୋଟିଏ ହୁଣ୍ଡି ଖୋଲି ଟଙ୍କା ହିସାବବେଳେ ଏକକାଳୀନ ଜଣେ ଶ୍ରଦ୍ଧାଳୁ ୫ ଲକ୍ଷ ଟଙ୍କା ଦାନ କରିଥିବା ଜଣାପଡ଼ିଥିଲା।

# ସର୍ତ୍ତ ସହ ନେତାନ୍ୟାହୁଙ୍କ ଯୁଦ୍ଧ ସମାପ୍ତି ଆହ୍ୱାନ

## ମୁଖିଆ ମୃତ୍ୟୁ ପରେ ବି ପଛଘୁଞ୍ଚା ଦେଉନି ହମାସ

**ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି):** ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏକ ବଡ଼ ଘୋଷଣା କରିଛନ୍ତି। ହମାସର ନେତା ଯାହିୟା ସିନୱାରଙ୍କ ହତ୍ୟା ପରେ ସେ ଗାଜାବାସୀଙ୍କୁ ସମ୍ବୋଧିତ କରିଥିଲେ । ଏହି ସମୟରେ ନେତାନ୍ୟାହୁ କହିଛନ୍ତି ଯେ ଯଦି ହମାସ ଇସ୍ରାଏଲର ବନ୍ଧକମାନଙ୍କୁ ଫେରାଇ ଆଣିବାକୁ ଏବଂ ଅସ୍ତ୍ରଶସ୍ତ୍ର ରଖିବାକୁ ରାଜି ହୁଏ, ତେବେ ଆସନ୍ତାକାଲି ଯୁଦ୍ଧ ଶେଷ ହେବ । ଏବେ ଦେଖିବାକୁ ବାକି ରହିଲା ହମାସ ବେଞ୍ଜାମିନ ନେତାନ୍ୟାହୁଙ୍କ ପ୍ରସ୍ତାବକୁ ଗ୍ରହଣ କରୁଛନ୍ତି କି ନାହିଁ । ସୂଚନାଯୋଗ୍ୟ, ୧୭ ଅକ୍ଟୋବରରେ ଯାହିୟା ସିନୱାରଙ୍କୁ ଇସ୍ରାଏଲ ସେନା ଦ୍ୱାରା ହତ୍ୟା କରାଯାଇଥିଲା ।ଗତ ବର୍ଷ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲେ ସିନୱାର । ଠିକ ଗୋଟିଏ ବର୍ଷ ଏବଂ ୧୦ ଦିନ ପରେ ଇସ୍ରାଏଲ ସିନୱାରଙ୍କୁ ହତ୍ୟା କଲା। ତାଙ୍କ ସହ ଅନ୍ୟ ଦୁଇ ଆତଙ୍କବାଦୀଙ୍କୁ ମଧ୍ୟ ହତ୍ୟା କରାଯାଇଛି। ତାଙ୍କ ଅଫିସିଆଲ ଏକ୍ସ ଆକାଉଣ୍ଟରେ ଏକ ଭିଡିଓ ବାର୍ତ୍ତାରେ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି ଯେ ଯାହିୟା ସିନୱାରଙ୍କ ମୃତ୍ୟୁ ହୋଇଛି । ସାହସୀ ଇସ୍ରାଏଲ ସେନାମାନେ ତାଙ୍କୁ ରାଫାରେ ହତ୍ୟା କରିଛନ୍ତି। ତେବେ ଏହା ଗାଜାରେ ଯୁଦ୍ଧର ସମାପ୍ତ ନୁହେଁ । କିନ୍ତୁ ଏହା ନିଶ୍ଚିତ ଭାବରେ ଏକ ଆରମ୍ଭ ଗାଜାବାସୀଙ୍କୁ ମୋର ପ୍ରତ୍ୟକ୍ଷ ବାର୍ତ୍ତା ହେଉଛି ଆସନ୍ତାକାଲି ଯୁଦ୍ଧ ଶେଷ ହୋଇପାରେ, କିନ୍ତୁ ଯଦି ହମାସ ଅସ୍ତ୍ରଶସ୍ତ୍ର ରଖିବ ତେବେ ଏହା ଶେଷ ହେବ । ଇସ୍ରାଏଲ ବନ୍ଧକମାନଙ୍କୁ ଫେରସ୍ତ କରୟନେତାନ୍ୟାହୁ ସୂଚନା ଦେଇଛନ୍ତି, ହମାସ ଗାଜାରେ ୧୦୧ଜଣଙ୍କୁ ବନ୍ଧକ ରଖିଛନ୍ତି । ଏଥିରେ



ଇସ୍ରାଏଲ ସମେତ ୨୩ ଟି ଦେଶର ନାଗରିକ ଅଛନ୍ତି। ଇସ୍ରାଏଲ ସମସ୍ତଙ୍କୁ ଫେରାଇ ଆଣିବାକୁ ପ୍ରତିଶ୍ରୁତିବଦ୍ଧ। ସେ ଆହୁରି ମଧ୍ୟ କହିଛନ୍ତି, ଯେଉଁମାନେ ବନ୍ଧକଙ୍କୁ ଫେରାଇ ଦିଅନ୍ତି ସେମାନଙ୍କ ସୁରକ୍ଷା ପାଇଁ ଇସ୍ରାଏଲ ନିଶ୍ଚିତ କରିଥାଏ । ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ହମାସ ମୁଖ୍ୟ ଯାହୟା ସିନାର ନିହତ ହୋଇଥିବା କଥାକୁ ଶେଷରେ ସ୍ୱୀକାର କରିଛି ତାଙ୍କ ସଂଗଠନ। ଇସ୍ରାଏଲ ଓ ବିଭିନ୍ନ ଜାତୀୟ ଗଣମାଧ୍ୟମ ବେଶ ପୂର୍ବରୁ ସିନାରଙ୍କୁ ହତ୍ୟା କରାଯାଇଥିବା କହି ସାରିଥିଲେ ଏବେ ସଂଗଠନ ପକ୍ଷରୁ ଏହି ଖବରକୁ ନିଶ୍ଚିତ କରାଯାଇଛି। ସିନାର ମୃତ୍ୟୁ ହୋଇଥିବା ଗାଜାରେ ଥିବା ହମାସର ଉପ ମୁଖ୍ୟ ଖଲିଲ ଅଲ ହାୟା ସୂଚନା ଦେଇଛନ୍ତି।

ସିନାରଙ୍କ ମୃତ୍ୟୁ ହୋଇଥିଲେ ହେଁ ହମାସ ଇସ୍ରାଏଲର ପଣବନ୍ଦୀମାନଙ୍କୁ ଛାଡ଼ିବ ନାହିଁ ବୋଲି ସେ କହିଛନ୍ତି। ତାଙ୍କ କହିବା କଥା ଯେ ଯେଉଁ ପର୍ଯ୍ୟନ୍ତ ଗାଜାରେ ଆକ୍ରମଣ ବନ୍ଦ ହୋଇ ନାହିଁ ଓ ଇସ୍ରାଏଲ ସେନା ସଂପୂର୍ଣ୍ଣ ଭାବେ ଗାଜାରୁ ପ୍ରତ୍ୟାହୃତ ହୋଇ ନାହାନ୍ତି, ସେଯାଏ ପଣବନ୍ଦୀଙ୍କୁ ଖଲାସ କରାଯିବ ନାହିଁ।

## ହବିଷ୍ୟାଳିଙ୍କ ସମସ୍ୟା ଦୂର କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୧୦(ମହାଭାରତ):** ଧର୍ମର ମାସ କାର୍ତ୍ତିକରେ ବ୍ରତ ପାଳିବାକୁ ଶ୍ରୀକ୍ଷେତ୍ର ଆସି ଦହଗଞ୍ଜ ହେଉଥିଲେ। ହବିଷ୍ୟାଳି ରହଣୀକୁ ନେଇ ଦେଖାଦେଇଥିଲା ବିବାଦ ମୁଣ୍ଡ ଗୁଞ୍ଜିବାକୁ ଜାଗା ନପାଇ ହବିଷ୍ୟାଳିମାନେ ବୃନ୍ଦାବତୀ ନିବାସ ଆଗରେ ଧାରଣାରେ ବସିଥିଲେ। ଏହି ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘଟଣାରେ ହସ୍ତକ୍ଷେପ କରିଛନ୍ତି। ସେ ବ୍ୟକ୍ତିଗତ ଭାବେ ବିଭାଗୀୟ ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନ ତଥା ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ହବିଷ୍ୟାଳିଙ୍କ ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏ ନେଇ ମୁଖ୍ୟମନ୍ତ୍ରୀ ସୋଶାଲ୍ ମିଡିଆରେ ଲେଖିଛନ୍ତି, ଶ୍ରୀଜଗନ୍ନାଥ ଧାମ ପୁରୀଠାରେ ବାହାର ଜିଲ୍ଲାରୁ ଆସି ହବିଷ୍ୟବ୍ରତ ପାଳନ କରୁଥିବା ହବିଷ୍ୟାଳି ମା'ମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ପ୍ରଭୁ ଜଗନ୍ନାଥ ଆପଣ ସମସ୍ତଙ୍କ ବ୍ରତ ସଫଳ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି।

## ରାସାୟନିକ ଉଦ୍ୟୋଗର ସଫଳତାରେ ଭାରତର ବିଶେଷ ଯୋଗଦାନ ରହିଛି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୧୦ (ମହାଭାରତ):** ମୁମ୍ବାଇରେ ଆୟୋଜିତ 'ଇଣ୍ଡିଆ ସେମ୍-୨୦୨୪'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି। ତାଙ୍କ ସହିତ ମଧ୍ୟପ୍ରଦେଶ ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ବୈଠକରେ ସାମିଲ ହୋଇଛନ୍ତି । କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି. ନଡ୍ଡା ଅଧ୍ୟକ୍ଷତା ଅନୁଷ୍ଠିତ ବୈଠକରେ ସାର ଓ ରାସାୟନିକ ଶିଳ୍ପକୁ ନୂଆ। ଦିଶା ଦେଖାଇବାକୁ ଗୁରୁତ୍ୱ ଦିଆଯାଉଛି।




ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁମ୍ବାଇ ଠାରେ ଆୟୋଜିତ 'ଇଣ୍ଡିଆ ସେମ୍-୨୦୨୪'ରେ ଦେଶରେ ରାସାୟନିକ ଉଦ୍ୟୋଗ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି, ନିବେଶ ସମ୍ଭାବନା, ନିଯୁକ୍ତି ପ୍ରଦାନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସଫଳ ଆଲୋଚନା କରାଯାଇଛି। ବିଶ୍ୱରେ ରାସାୟନିକ ଉଦ୍ୟୋଗ କ୍ଷେତ୍ରରେ ଭାରତର ବିଶେଷ ଯୋଗଦାନ ରହିଛି। ନୂତନ ସମ୍ଭାବନାକୁ ପ୍ରୋତ୍ସାହନ, ବୈଦେଶିକ ରାସାୟନିକ ଉଦ୍ୟୋଗକୁ ନିବେଶ ସୁଯୋଗ ପ୍ରଦାନ ପାଇଁ ସରକାର ସମସ୍ତ ସହଯୋଗ ଯୋଗାଇ ଦେଉଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତକୁ ବିଶ୍ୱର ରାସାୟନିକ ଉଦ୍ୟୋଗର କେନ୍ଦ୍ରବିନ୍ଦୁ କରିବା ନିମନ୍ତେ ଅନେକ ଯୁଗାନ୍ତକାରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ 'ପୂର୍ବୋଦୟ ବିକାଶ'ର ସ୍ୱପ୍ନକୁ ସାକାର କରିବା ନିମନ୍ତେ ଓଡ଼ିଶା ମଧ୍ୟ ନିଜର ଯୋଗଦାନକୁ ଆହୁରି ସଶକ୍ତ କରିଛି। ରାସାୟନିକ କ୍ଷେତ୍ରରେ ନୂତନ ଉଦ୍ୟୋଗ ସହିତ ନିବେଶ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି । ଏହାକୁ ଆହୁରି ତ୍ୱରାନ୍ୱିତ କରିବା ନିମନ୍ତେ 'ଉତ୍କର୍ଷ ଓଡ଼ିଶା ସମ୍ମିଳନୀ' ଆୟୋଜନ କରିବାକୁ ଯାଉଛି। ନିବେଶକଙ୍କ ନିମନ୍ତେ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ନିବେଶ ସ୍ଥଳରେ ପରିଣତ କରିବା ପାଇଁ ଆମେ ପ୍ରତିବଦ୍ଧ। ଯାହାକି ଆଗାମୀ ଦିନରେ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ନିର୍ମାଣରେ ପ୍ରମୁଖ ଭୂମିକା ନେବା ସହିତ ଭାରତର ଆର୍ଥିକ ପ୍ରଗତିରେ ନିଶ୍ଚୟ ସହାୟକ ହେବ।

# ହସ୍ପିଟାଲ ବିରୋଧରେ ସାଂଘାତିକ ଅଭିଯୋଗ

**ମୁଣ୍ଡରେ ଆଘାତ, ତଳିପେଟରେ ଅପରେସନ୍**

**ଅଙ୍ଗ ତସ୍କରି ଅଭିଯୋଗର ତଦନ୍ତ ନିର୍ଦ୍ଦେଶ**

**ଭୁବନେଶ୍ୱର,୧୮।୧୦(ମହାଭାରତ):** ଦିଲ୍ଲୀ, ମୁମ୍ବାଇ ଭଳି ମେଟ୍ରୋ ସିଟିରେ ଥିବା କିଛି ଡାକ୍ତରଖାନାରେ ରୋଗୀଙ୍କ ଶରୀରରୁ ଅଙ୍ଗ ଚୋରି ନେଇ ଖବର ଗଣମାଧ୍ୟମରେ ଅନେକ ଥର ଆସିଛି। କିନ୍ତୁ ଓଡ଼ିଶାରେ ଏହି ଭଳି ଖବର ନୂଆ ଲାଗୁଛି। କଟକର ଏକ ଘରୋଇ ଡାକ୍ତରଖାନା ନାମରେ ଅଙ୍ଗ ଚୋରି ନେଇ ଅଭିଯୋଗ ଗଣମାଧ୍ୟମରେ ଏନେଇ ଘନଘନ ଖବର ପ୍ରକାଶ ପାଇଲା ପରେ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ପ୍ରକାଶ ପାଇଛି। ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅଭିଯୋଗ ଆସିଥିବା ସଂପୃକ୍ତ ଘରୋଇ ଡାକ୍ତରଖାନା ଉପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।ଅଙ୍ଗ ତସ୍କରୀ ନେଇ ପରିବାର ଲୋକଙ୍କ ପକ୍ଷରୁ କନ୍ଧମାଳ ବାଲିଗୁଡ଼ା ଥାନାରେ ଏତଲା ହେବା ପରେ ସଦର ଥାନା ଅଞ୍ଚଳ ରୁଦ୍ର ହସ୍ପିଟାଲରେ ପୁଲିସ ପହଞ୍ଚିଛି। ପୁଲିସ ଡାକ୍ତରଖାନାର କର୍ମଚାରୀଙ୍କୁ ପଚରାଉଚରା କରିଛି। କିନ୍ତୁ ଅଭିଯୋଗକୁ ରୁଦ୍ର ହସ୍ପିଟାଲର ମ୍ୟାନେଜର ଖଣ୍ଡନ କରିଛନ୍ତି।

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଟିକରବାଜୁ ଗାଁର ବାବୁଲା ଦିଗାଳ ଗତ ୧୩ ତାରିଖରେ ଏକ ଦୁର୍ଘଟଣାରେ ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ନଘଟିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଥିଲା। ହେଲେ ସ୍ୱାସ୍ଥ୍ୟ ଅବସ୍ଥାରେ ସେମିତି କିଛି ଉନ୍ନତି ଘଟୁନଥିଲା।ତେଣୁ ପରିବାର ଲୋକେ ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ କଥାରେ ପଡ଼ି ବାବୁଲାଙ୍କୁ କଟକ ରୁଦ୍ର ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ।ମେଡିକାଲରେ ଆଡ୍‌ମିଟ ହେବାର ଗୋଟିଏ ଦିନ ପରେ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ମେଡ଼ିକାଲ୍ କର୍ତ୍ତୃପକ୍ଷ ଏ ସମ୍ପର୍କରେ ପୁଲିସ୍‌କୁ ଜଣାଇଲେ ନାହିଁ। ଏପରିକି ପରିବାର ଲୋକଙ୍କୁ ମୃତଦେହ ଦେଖିବାକୁ ଦେଲେ ନାହିଁ।ଚିକିତ୍ସା ବାବଦକୁ ଲକ୍ଷେ ୧୦ ହଜାର ଟଙ୍କା ନେଇ ମୃତଦେହକୁ ତରବରିଆ ଭାବେ




ପଲିଥିନ୍ ଗୋଡ଼ାଇ ଏକ ପ୍ରାଇଭେଟ୍ ଆମ୍ବୁଲାନ୍ସରେ ଘରକୁ ପଠାଇ ଦେଇଥିଲେ।

ମୃତଦେହ ଯାଉଥିବା ଆମ୍ବୁଲାନ୍ସରେ ବାବୁଲାଙ୍କ ପତ୍ନୀ ଥିଲେ। ତେବେ ଅଧା ବାଟରେ ମୃତ ସ୍ୱାମୀଙ୍କ ମୁହଁ ଦେଖିବା ପାଇଁ ଜିଦ୍ ଧରିଥିଲେ। ଆଉ ସେତେବେଳେ ସେ ଦେଖିବାକୁ ପାଇଥିଲେ ତଳି ପେଟରେ ବ୍ୟାଣ୍ଡେଜ୍ ପଡ଼ିଛି। ଯଦି ମୁଣ୍ଡରେ ଆଘାତ ଲାଗିଥିଲା, ତାହାହେଲେ ତଳି ପେଟରେ କଣ ପାଇଁ ବ୍ୟାଣ୍ଡେଜ୍ ପଡ଼ିଲା ? ଯାହାକୁ ନେଇ ପତ୍ନୀଙ୍କ ମନରେ ନାନା ସନ୍ଦେହ ହୋଇଥିଲା। ହେଲେ ପରିବାର ଲୋକ ତାହା ଉପରେ ବେଶୀ ଧ୍ୟାନ ନଦେଇ ରୀତିନୀତି ଅନୁସାରେ ମୃତଦେହକୁ ଗାତ ଖୋଳି ପୋତି ଦେଇଥିଲେ।

ଗୁରୁବାର ମୃତ ବାବୁଲାଙ୍କ ସ୍ତ୍ରୀ ଏନେଇ ପରିବାର ଲୋକଙ୍କୁ କହିଥିଲେ। ତାପରେ ପରିବାର ଲୋକେ ଅଙ୍ଗ ତସ୍କରୀ ହୋଇଥିବା ସନ୍ଦେହ କରି ବାଲିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ଆଜି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କବରରୁ ବାବୁଲାଙ୍କ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶେଷ ଖବର ଅନୁସାରେ ମୃତଦେହ ବ୍ୟବଚ୍ଛେଦ ସରିଛି କେବଳ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା ରହିଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ଉକ୍ତ ଘରୋଇ ମେଡ଼ିକାଲ୍‌ରେ ପହଞ୍ଚି ପୁଲିସ ତନାଘନା କରୁଛି।

ଅନ୍ୟପକ୍ଷରେ ଅଙ୍ଗ ତସ୍କରୀ ଅଭିଯୋଗକୁ ଖଣ୍ଡନ କରିଛନ୍ତି ମେଡ଼ିକାଲ୍ କର୍ତ୍ତୃପକ୍ଷ। ରୁଦ୍ର ମେଡ଼ିକାଲ୍‌ର ମ୍ୟାନେଜର ପ୍ରଶାନ୍ତ ବେହେରା କହିଛନ୍ତି, ଅତି ଗୁରୁତର ଅବସ୍ଥାରେ ରୋଗୀ ଜଣକ ଆସିଥିଲେ। ମେଡ଼ିକାଲ୍‌ରେ ପହଞ୍ଚିବା ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଡିକମ୍ପ୍ରେସିଭ୍ କ୍ରାନିଓଟୋନିକ ହୋଇଥିଲା। ତେଣୁ କ୍ରାନିଓଟୋନିକ୍‌ରୁ ସ୍କଲ କଢ଼ା ଯାଇ ପେଟରେ ରହିଥିଲା। ରୋଗୀ ସୁସ୍ଥ ହେବାର ୬ ମାସ ପରେ ସ୍କଲ୍‌କୁ ପେଟରୁ ବାହାର କରାଯାଇ ମୁଣ୍ଡରେ ଲଗାଯାଇଥାଏ। ଅପରେସନ୍ ପୂର୍ବରୁ ନ୍ୟୁରୋସର୍ଜନ ପରିବାର ଲୋକଙ୍କ ସହିତ କଥା ହୋଇଥିଲେ। ସବୁ ନିୟମ ପାଳନ କରାଯାଇ ଅପରେସନ୍ କରାଯାଇଥିଲା। ଅଙ୍ଗ ତସ୍କରୀ ହେବାର ଚାନ୍ସ ନହିଁ ବୋଲି ଶ୍ରୀ ବେହେରା କହିଛନ୍ତି।

## ବାମ୍ଫ ବାଟି ମାଛ

ଆବଶ୍ୟକୀୟ ସାମଗ୍ରୀ: ମାଛ, ଧଳା ସୋରିଷ, ନଡିଆ ପୋସ୍ତ, କଞ୍ଚା ଲଙ୍କା ବଟା, ବସା ଦହି, ସ୍ୱାଦ ଅନୁସାରେ ଲୁଣ ଓ ରିଫାଇନ ତେଲ ।

ପ୍ରସ୍ତୁତ ପ୍ରଣାଳୀ : ପ୍ରଥମେ ମାଛକୁ ଭଲ ଭାବେ ଧୋଇ ସେଥିରେ ଲୁଣ, ଧଳା ସୋରିଷ, ନଡିଆ ପୋସ୍ତ ଓ କଞ୍ଚା ଲଙ୍କା ବଟା, ବସା ଦହି ଓ ରିଫାଇନ ତେଲ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାପରେ ମ୍ୟାରିନେଟ୍ ମାଛକୁ ଏକ ପାତ୍ରରେ ରଖି ସେଥିରେ ଗୋଟା କଞ୍ଚାଲଙ୍କା ଓ ଅଳ୍ପ ରିଫାଇନ ତେଲ ପକାଇ ଘୋଡଣୀ ଘୋଡାଇ ଦିଅନ୍ତୁ । ଏବେ କଡେଇରେ ତେଲ ଦେଇ ମାଛ ଭର୍ତ୍ତି ହୋଇଥିବା ଟିଫିନକୁ ରଖି ଘୋଡଣୀ ଘୋଡା ଦିଅନ୍ତୁ । ୨୦ରୁ ୨୫ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ 'ବାମ୍ଫ ବାଟି ମାଛ' ।



····· ପରଦା ଖବର ·····

# ଓଡିଶା ଆନ୍ତର୍ଜାତୀକ ଚଳଚ୍ଚିତ୍ର ମହୋତ୍ସବ ୨୦୨୪; ଶ୍ରେଷ୍ଠ ଚଳଚ୍ଚିତ୍ର 'ହରିଦ୍ରା'

ଇଣ୍ଡିଆନ୍ ଫିଲ୍ମ ମେକର୍ସ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଓଡିଶା ଆନ୍ତର୍ଜାତୀକ ଚଳଚ୍ଚିତ୍ର ମହୋତ୍ସବ ୨୦୨୪ ଭୁବନେଶ୍ୱର ଜୟଦେବ ଭବନ ଠାରେ ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି। ଏଥିରେ ଶ୍ରେଷ୍ଠ ଫିଚର୍ ଫିଲ୍ମ ଭାବେ ତେଲୁଗୁ ଚଳଚ୍ଚିତ୍ର ସରକାରୁ ନୌକରୀ, କ୍ଷୁଦ୍ର ଚଳଚ୍ଚିତ୍ର ବିଭାଗରେ ତେଲୁଗୁ ଚଳଚ୍ଚିତ୍ର 'ହରିଦ୍ରା' ଶ୍ରେଷ୍ଠ ବିବେଚିତ ହୋଇଛି ଯ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ମାଲାୟାଲାମ ଫିଲ୍ମ ଇନ୍ ଦି ଲାପ୍ ର ନିର୍ଦ୍ଦେଶକ ଗୋପାଳ ମେନନ୍, ଶ୍ରେଷ୍ଠ ପ୍ରଯୋଜକ ଭାବେ ଚିତ୍ରଗୁପ୍ତଠୁଦୁ ଭିଆ ଭୋଲ୍ଲକାମ୍ ଟୁର୍ ଚଳଚ୍ଚିତ୍ରର ପ୍ରଯୋଜକ ଦାଡ଼ି ଜନାର୍ଦ୍ଦନ ରାଓ, ଶ୍ରେଷ୍ଠ କ୍ଷୁଦ୍ର ବଙ୍ଗଳା



ଭାଷାର ପରିଜାୟୀ ସହ ଓଡ଼ିଆ ଶ୍ରେଷ୍ଠ ଚଳଚ୍ଚିତ୍ର ୨୦୨୨ ପ୍ରତୀକ୍ଷା, ୨୦୨୩ ପାଇଁ ଚଳଚ୍ଚିତ୍ର ଦମନ ଓ ଶ୍ରେଷ୍ଠ ଅଭିନେତ୍ରୀ ଓଡ଼ିଆ ଭାବେ ଆଭା ଚଳଚ୍ଚିତ୍ରର ଅଭିନେତ୍ରୀ ସୋନା ମଲ୍ଲିକ ଏବଂ ଶ୍ରେଷ୍ଠ ଚଳଚ୍ଚିତ୍ର ଜୁରି ଆୱାର୍ଡ଼ ୨୦୨୪ ଆଭାଚଳଚ୍ଚିତ୍ରକୁ ପ୍ରଦାନ କରାଯାଇଥିଲା। ଏଥିସହ ଶ୍ରେଷ୍ଠ ପ୍ରଯୋଜକ ଓଡ଼ିଆ ଅତିସ କୁମାର ରାଉତ ଭୋଟ ଚଳଚ୍ଚିତ୍ର ଓ ଶ୍ରେଷ୍ଠ ନାୟିକା ତେଲୁଗୁ ସନ୍ଧ୍ୟାରାଣୀ ରାଭୂପଲ୍ଲି ଚଳଚ୍ଚିତ୍ର ପଦ୍ମଶ୍ରୀ କୁ ପ୍ରଦାନ କରାଯାଇଥିବା ବେଳେ ବେଷ୍ଟ ଡକ୍ୟୁମେଣ୍ଟାରି ଫିଲ୍ମ ଭାବେ ଓଡ଼ିଆ ଚଳଚ୍ଚିତ୍ର ଜାଗା ଆଖଡ଼ା, ଶ୍ରେଷ୍ଠ ୱେବ୍ ସିରିଜ ୨୦୨୨ ପାଇଁ ଗାଙ୍ଗସ୍ ଅଫ ପୁରୀ,୨୦୨୩ ପାଇଁ ଚଳଚ୍ଚିତ୍ର ବାରଙ୍ଗ ୧୯୯୯ କୁ ପୁରସ୍କୃତ କରାଯାଇଥିଲା। ଭିଉ କାହାଣୀ ସହିତ ଖୁବ୍ ଶୀଘ୍ର ବଡ଼ ପରଦାରେ ପୁରସ୍କାର ଉତ୍ସବରେ ନ୍ୟାସନାଲ ପ୍ରେସିଡେ□ ଦିଲ୍ଲୀପ କୁମାର ଏଚଆର,ସାଧାରଣ ସମ୍ପାଦକ ପି ରଘୁନାଥ ରେଡ୍ଡୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଓଡ଼ିଶାରୁ ଆନ୍ତର୍ଜାତୀକ ଚଳଚ୍ଚିତ୍ର ମହୋତ୍ସବକୁ ମିଳିଥିବା ସହଯୋଗକୁ ଭୂୟସୀ ପ୍ରଶଂସା କରିଥିଲେ। ଆସନ୍ତା ବର୍ଷ ଏହି କାର୍ଯ୍ୟକ୍ରମକୁ ଆହୁରି ଧୁମଧାମରେ ହେବ ବୋଲି ସୂଚନା ଦେଇଥିଲେ। ଉତ୍ସବରେ ଅତିଥି ଭାବେ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ପ୍ରଣବ ଦାସ, ପ୍ରଯୋଜକ ଓ ସମ୍ପାଦକ ଗଦାଧର ପୁଟି, ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, କଞ୍ଚାଲଙ୍କାର ନିର୍ଦ୍ଦେଶକ ବିଭୁ ପ୍ରସାଦ ରଥ, ଚିତ୍ତ ରଞ୍ଜନ ନାୟକ, ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ତଥା ମିଡ଼ିଆ ପ୍ଲାନର ପ୍ରଣୟ ଜେଠି ବିଜେତା ମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଇଣ୍ଡିଆନ୍ ଫିଲ୍ମ ମେକର୍ସ ଆସୋସେସନ୍ ୨୦୧୨ରୁ ଦେଶର ବିଭିନ୍ନ ସ୍ଥାନରେ ଏହି ଆନ୍ତର୍ଜାତୀକ ଚଳଚ୍ଚିତ୍ର ମହୋତ୍ସବ କରି ପ୍ରଶଂସା ସାଉଁଟିଛି।

## ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଖାଆନ୍ତୁ ସଜନା ଶାଗ

ମୋବାଇଲ କମ୍ପ୍ୟୁଟରର ଅତ୍ୟଧିକ ବ୍ୟବହାର କରିବା ଦ୍ୱାରା ଆଖି ଜନିତ ସମସ୍ୟା ଦେଖାଦେଇଥାଏ । ମୋବାଇଲ ଓ କମ୍ପ୍ୟୁଟରରୁ ବାହାରୁଥିବା ଆଲୋକ ଦୃଷ୍ଟି ଶକ୍ତିକୁ କମ୍ କରିଥାଏ । ହେଲେ କିଛି ଘରୋଇ ଉପଚାର ଦ୍ୱାରା ଆଖିର ଦୃଷ୍ଟିଶକ୍ତି ବଢିପାରିବ । ଆସନ୍ତୁ ଜାଣିବା ଏହି ଘରୋଇ ଉପଚାର ବିଷୟରେ

ସଜନା ଶାଗ: ବାଡି ବଗିଚାରେ ମିଳୁଥିବା ସଜନା ଶାଗ ଶରୀର ପାଇଁ ବେଶ ଉପକାରୀ । ଆଖିର ଦୃଷ୍ଟିଶକ୍ତି ବଢାଇବା ପାଇଁ ବେଶ ସହାୟକ ହୋଇଥାଏ ସଜନା ଶାଗ । ଶାଗରେ ପ୍ରଚୁର ପରିମାଣରେର ଆଇରନ ଥିବାରୁ ଆଖି ପାଇଁ ଏହା ଉପକାରୀ ।

ଗାଜର: ଗାଜରରେ ଭିଟାମିନ-ଏ ଥାଏ । ଏଣୁ ଏହାକୁ ପ୍ରତିଦିନ ଖାଇବା ଦ୍ୱାରା ବା ଜୁସ୍ ପିଇବା ଦ୍ୱାରା ଦୃଷ୍ଟିଶକ୍ତି ବଢେ ।

ଦେଶୀ ଘିଅ : ଆଖି ପାଇଁ ଦେଶୀ ଘିଅ ଖୁବ ଉପଯୋଗୀ । କାନ ପଟିରେ ଦେଶୀ ଘିଅ ହାଲକା ଭାବେ ପ୍ରତିଦିନ ୫-୧୦ ମିନିଟ ମସାଜ କଲେ ଆଖିର ଦୃଷ୍ଟିଶକ୍ତି ବଢିଥାଏ ।

ବାଦାମ: ପ୍ରତିଦିନ ରାତିରେ ୬-୭ଟି ବାଦାମ ପାଣିରେ ଭିଜାଇ ରଖନ୍ତୁ । ଏହାକୁ ସକାଳେ ଚୋପା ଛଡେଇ ଖାଇଲେ ଆଖି ପାଇଁ ଭଲ ।

ଜିରା : ଜିରା ଓ ମିଶ୍ରୀକୁ ସମାନ ମାତ୍ରାରେ ଗୁଣ୍ଡ କରି ପ୍ରତିଦିନ ଏକ ଚାମଚ ଘିଅ ସହ ଖାଇଲେ ଆଖିର ଦୃଷ୍ଟିଶକ୍ତି ବଢାଇଥାଏ ।

ସୋରିଷ ତେଲ : ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ତଳି ପାଦରେ ସୋରିଷ ତେଲ ମାଲିସ କଲେ ଭଲ । ଏହା ମଧ୍ୟ ଆଖିର ଦୃଷ୍ଟି ଶକ୍ତି ବଢାଇବାରେ ସାହାଯ୍ୟ କରିବ ।

ଗ୍ରୀନଟି: ଦିନକୁ ୨ରୁ୩ କପ ଗ୍ରୀନ ଟି ପିଅନ୍ତୁ, ଆଖିକୁ ସୁସ୍ଥ ରଖନ୍ତୁ ।

# ପେଟ ଥଣ୍ଡା କରେ ଗୁଡ

ନିୟମିତ ଗୁଡ ସେବନ କରିବା ଦ୍ୱାରା ଅନେକ ପ୍ରକାର ରୋଗରୁ ରକ୍ଷା ମିଳିଥାଏ । ଏହାକୁ ଆପଣ ନିୟମିତ ଡାଏଟର ସାମିଲ କଲେ ଶରୀରକୁ ଅନେକ ଲାଭ ମିଳିଥାଏ । ଆୟୁର୍ବେଦ ଅନୁସାରେ ସୁସ୍ଥ ରହିବା ନିମନ୍ତେ ଦୈନିକ ୨୦ଗ୍ରାମ ଗୁଡ ସେବନ କରିବା ଉଚିତ । ଚିନି ଖାଇଲେ ଶରୀରରେ ଅମ୍ଳ ବୃଦ୍ଧି ହେବା ସହ ଏସିଡିଟି ରୋଗ ବଢେ । ହେଲେ ଗୁଡ ଖାଇବା ଦ୍ୱାରା ଅମ୍ଳ ସମ୍ପୂର୍ଣ୍ଣ ଭାବେ ଦୂର ହୋଇଥାଏ ।

ଗୁଡ ସେବନର ଫାଇଦା ସମ୍ପର୍କରେ ଜାଣନ୍ତୁ -



ହାଡ ଶକ୍ତ ରଖେ : ଯଦି ଆପଣଙ୍କ ଆଣ୍ଠୁ ଗଣ୍ଠିରେ ଦରଜ ଅନୁଭବ ହେଉଛି ତେବେ ଗୁଡ ସହିତ ଅଦା ଖାଇବା ଦ୍ୱାରା ଆପଣଙ୍କୁ ଲାଭ ମିଳିଥାଏ । କାରଣ ଗୁଡରେ ପ୍ରଚୁର ମାତ୍ରାରେ କ୍ୟାଲସିୟମ ଓ ଫୁସଫରସ ରହିଛି । ଏହି ଦୁଇଟି ତତ୍ତ୍ୱ ହାଡ ଶକ୍ତ କରିବାରେ ସହାୟତା କରେ ।

ଏନିମିଆ ରୋଗ : ଗୁଡରେ ପ୍ରଚୁର ପରିମାଣରେ ଆଇରନ ଥିବାରୁ ଏହା ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ । ଏଥିସହିତ ଏନିମିୟା ରୋଗୀଙ୍କ ପାଇଁ ଗୁଡର ସେବନ ଖୁବ ଉପକାରୀ ହୋଇଥାଏ ।

ଥଣ୍ଡାକାଶ : ଗୁଡ ଗରମ ହୋଇଥିବାରୁ ଥଣ୍ଡା ଦିନରେ ଏହାକୁ ଖାଇଲେ ଶରୀରର ଉଷ୍ମ ରହିଥାଏ। ଏଥିସହିତ ଥଣ୍ଡା ଓ କାଶ ଭଳି ରୋଗରୁ ରକ୍ଷା କରିଥାଏ । ଗୁଡ ଖାଇଲେ ସଂକ୍ରମଣ ଜନିତ ରୋଗରୁ ବି ମୁକ୍ତି ମିଳିଥାଏ ।

ଗଳା ସମସ୍ୟା : କଳା ଲଙ୍କା, ଅଦା ଓ ଗୁଡକୁ ମିଶାଇ ଖାଇବା ଦ୍ୱାରା ଥଣ୍ଡା ଜ୍ୱର ଦୂର ହୁଏ । ଯଦି ଆପଣ ଗୁଡ ଓ ଅଦାକୁ ଗରମ କରି ଖାଇବେ ତେବେ ଗଳା ଜନିତ ସମସ୍ୟାରୁ ତୁରନ୍ତ ଆରାମ ମିଳିବ ।

ପେଟ ପାଇଁ ଲାଭଦାୟକ: ଯଦି ଆପଣଙ୍କର କୋଷ୍ଠକାଠିନ୍ୟ,ଗ୍ୟାସ ଓ ଅମ୍ଳ ସମସ୍ୟା ରହିଛି ତେବେ ଗୁଡ ଖାଇବା ଭଲ । ଯଦି ଆପଣଙ୍କର ଆମ୍ବିଳା ହେକୁଟି ଆସୁଛି ତେବେ ଗୁଡ ସହିତ କଳା ଲୁଣ ମିଶାଇ ଖାଆନ୍ତୁ। ଦେଖିବେ ନିହାତି ଆରାମ ଲାଗିବ । ଖାଇବା ପରେ ଗୁଡ ଖାଇବା ଦ୍ୱାରା ହଜମ ଶକ୍ତି ବଢିବା ସହ ଭୋକ ଲାଗିଥାଏ ।

ପେଟ ଥଣ୍ଡା ରଖେ ଗୁଡ : ଖାଇବା ପିଇବା ଠିକ୍ ଭାବେ ନକଲେ ପେଟ ଗରମ ହୋଇଯାଏ। ଏହାସହ ପରିସ୍ରା ପୋଡା ଭଳି ସମସ୍ୟା ଦେଖାଦିଏ। ଏଭଳି କ୍ଷେତ୍ରରେ ଲେମ୍ବୁ ମିଶ୍ରିତ ପାଣିରେ ଗୁଡ ମିଶାଇ ପିଇଲେ ପେଟ ଥଣ୍ଡା ହୋଇଥାଏ ।

ଥଣ୍ଡା-କାଶରୁ ମୁକ୍ତି : ଥଣ୍ଡା କାଶରୁ ମୁକ୍ତି ପାଇବା ଲାଗି ଗୁଡ ଲାଭଦାୟକ । କଳା ଲୁଣ ଏବଂ ଅଦା ସହିତ ଗୁଡ ମିଶାଇ ଖାଇଲେ ଥଣ୍ଡା କାଶରୁ ଆରାମ ମିଳିଥାଏ । ଯଦି କାଶ ଲାଗିରହେ ତେବେ ଗୁଡ ଖାଇବା ଉଚିତ । ଗୁଡ ସହିତ ଅଦା ମିଶାଇ ଗରମ କରି ଖାଇବା ଦ୍ୱାରା ଗଳା ଠିକ୍ ଲାଗିଥାଏ ।

# ପାପ ଭାର କମାଏ ଫୁଲ ଦ୍ୱାରା ପୂଜା



ସନାତନ ଧର୍ମରେ ପ୍ରତୀମା ପୂଜାର ପରମ୍ପରା ଆରମ୍ଭରୁ ଚାଲିଆସିଛି । ଠାକୁରଙ୍କ ମୂର୍ତ୍ତି ପୂଜା ସମୟରେ ଫୁଲ ଚଢ଼ାଇବାର ପରମ୍ପରା ମଧ୍ୟ ବହୁଦିନରୁ ପ୍ରଚଳିତ । ତେବେ ଏହି ପରମ୍ପରା କାହିଁକି ପାଳନ କରାଯାଏ, ସେ ସମ୍ପର୍କରେ ଶାସ୍ତ୍ରରେ ବର୍ଣ୍ଣନା ରହିଛି । ଶାସ୍ତ୍ରରେ ଫୁଲ ସମ୍ପର୍କରେ କୁହାଯାଇଛି "ପୁଣ୍ୟ ସଂବର୍ଦ୍ଧନାଚ୍ଚାପି ପାପୌଘପରିହାରତ । ପୁଷ୍କଲାର୍ଥପ୍ରଦାନାର୍ଥ ପୁଷ୍ପମିତ୍ୟଭିଧୀୟତେ" । ଏହାର ଅର୍ଥ ହେଉଛି ପୁଣ୍ୟ ବୃଦ୍ଧି କରିବା, ପାପ ଭାର କମାଇବା ଏବଂ ଫଳ ପ୍ରଦାନ କରୁଥିବା ହେତୁ ଏହାକୁ ଫୁଲ କୁହାଯାଇଥାଏ । "ଦେବସ୍ୟ ମସ୍ତକଂ କୁର୍ଯ୍ୟାତ୍କୁସୁମୋପହିତଂ ସଦା" । ଦେବତାଙ୍କ ମସ୍ତକ ସର୍ବଦା ଫୁଲ ଦ୍ୱାରା ସୁଶୋଭିତ ରହିବା ଆବଶ୍ୟକ । "ପୁଷ୍ପୈର୍ଦେବାଂ ପ୍ରସିଦନ୍ତି ପୁଷ୍ପୈ ଦେବାଶ୍ଚ ସଂସ୍ଥିତା । ନ ରତ୍ନୈର୍ନ ସୁବର୍ଣ୍ଣେନ ନ ବିତ୍ତେନ ଚ ଭୂରିଣା, ତଥା ପ୍ରସାଦମାୟାତି ଯଥା ପୁଷ୍ପୈର୍ଜନାର୍ଦ୍ଦନ" । ଏହାର ଅର୍ଥ ଦେବତାମାନେ ରତ୍ନ, ସୁବର୍ଣ୍ଣ, ଭୂରି ଦ୍ରବ୍ୟ, ବ୍ରତ, ତପସ୍ୟା ଏବଂ ଅନ୍ୟ କୌଣସି ଜିନିଷ ଦ୍ୱାରା ଯେତେ ପ୍ରସନ୍ନ ହୋଇନଥାନ୍ତି, ଫୁଲ ଚଢ଼ାଇବା ଦ୍ୱାରା ତା'ଠାରୁ ଅଧିକ ପ୍ରସନ୍ନତା ଲାଭ କରିଥାନ୍ତି ।

ଫୁଲ ଚଢ଼ାଇବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି । ଫୁଲର ସୁଗନ୍ଧ ଦ୍ୱାରା ଘରର ବାତାବରଣ ମହକି ଉଠିଥାଏ । ଏହାଦ୍ୱାରା ମନକୁ ଶାନ୍ତି ମିଳିଥାଏ । ମସ୍ତିଷ୍କରେ ସର୍ବଦା ସକାରାତ୍ମକ ବିଚାର ଆସିଥାଏ । ନକାରାତ୍ମକ ଶକ୍ତିର ପ୍ରଭାବ ଘରୁ ନଷ୍ଟ ହୋଇଯାଇଥାଏ । ଫଳରେ ଜୀବନ ଜିଇଁବା ପାଇଁ ପ୍ରେରଣା ପ୍ରାପ୍ତ ହୋଇଥାଏ । ଫୁଲର ଆୟୁଷ କମ୍ ହୋଇଥାଏ । କିନ୍ତୁ ମଉଳିଯିବା ପୂର୍ବରୁ ଏହାର ସୁଗନ୍ଧ ବାତାବରଣକୁ ମହକାଇ ଦେଇଥାଏ । ଏଣୁ ଆମେ ଜୀବନରେ ସର୍ବଦା ଏଭଳି ବଞ୍ଚିବା ଉଚିତ୍, ଯେପରି ଆମ ଆଖପାଖରେ ଥିବା ଲୋକମାନେ ସୁଖ ଲାଭ କରନ୍ତୁ ।

ବାସ୍ତୁ ଶାସ୍ତ୍ର ଅନୁଯାୟୀ ଘରେ ବଗିଚା ରହିବା ଅନିର୍ବାଯ୍ୟ । ବଗିଚା ଅନେକ ବାସ୍ତୁ ଦୋଷ ଦୂର କରିଥାଏ । ଘର ଆଗରେ ବ୍ରହ୍ମକମଳ, ଗୁଡହଲ୍, ମିଠା ନିମ୍ବ, ଚାନ୍ଦିନୀ ଆଦି ବୃକ୍ଷ ଲାଗାଇଲେ ବାସ୍ତୁ ଦୋଷ ଦୂର ହୁଏ । ଏହା ବ୍ୟତୀତ ପାରିଜାତ, ମୋଗରା, ଗେଣ୍ଡୁ, ସେବତୀ ଫୁଲ ଘର ଅଗଣାରେ ରହିବା ଶୁଭ ହୋଇଥାଏ । ଏହି ସବୁ ଫୁଲ ଘରେ ସକାରାତ୍ମକ ବାତାବରଣ ସୃଷ୍ଟି କରିଥାନ୍ତି । ଫଳରେ ପରିବାରରେ ସର୍ବଦା ହସଖୁସିର ବାତାବରଣ ରହିଥାଏ ।

## ଯୁବା ଦିଶିବାର ସହଜ ଉପାୟ

ମୁଖମଣ୍ଡଳରେ ବାର୍ଦ୍ଧକ୍ୟର ଛାପ ଦିଶିଲେ ଅଧା ସୌନ୍ଦର୍ଯ୍ୟ ସେଇଟି କମିଯାଏ। ଏପରି ପରିସ୍ଥିତିରେ ଅଧିକାଂଶ ଲୋକ ସଂକୋଚ ଅନୁଭବ କରିଥାନ୍ତି। ଆପଣଙ୍କ ଚର୍ମର ରଙ୍ଗ ଯାହା ହେଉ ପଛେ ତାହା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ,



ଆପଣ କେତେ ଆକର୍ଷଣୀୟ ଭାବେ ନିଜକୁ ଉପସ୍ଥାପିତ କରୁଛନ୍ତି ତାହା ହିଁ ଗୁରୁତ୍ୱପୂର୍ଣ୍ଣ। ନିମ୍ନରେ ସେ ସଂପର୍କରେ ଉଲ୍ଲେଖ କରାଯାଇଛି। ଏହି ସବୁ ଦିଗକୁ ଧ୍ୟାନ ଦେଲେ ଆପଣ ବି ଦିଶିବେ ଚୀର ସବୁଜ। ଡାକ୍ତରଙ୍କଠାରୁ ଆରମ୍ଭ କରି ଯୋଗ ଗୁରୁ, ସେଲିବ୍ରେଟି ଏବଂ ସବୁ ଧରଣର ବିୟୁଟିସିଆନମାନେ ମତ ଦିଅନ୍ତି ଯେ ପାଣି ପିଇବା ଉତ୍ତମ ତ୍ୱଚା ପାଇଁ ସବୁଠାରୁ ଅଧିକ ଜରୁରୀ। ଯିଏ ଡେତେ ପରିମାଣରେ ପାଣି ପିଅନ୍ତି ତାଙ୍କ ତ୍ୱଚା ସେତେ ଚିକ୍କଣ ଦିଶେ। ବ୍ରଣ ସମସ୍ୟା ମଧ୍ୟ ପାଖ ପଶେ ନାହିଁ। ଫଳ, ପରିବା, ଦୁଗ୍ଧ ଜାତୀୟ ଖାଦ୍ୟ ନିଶ୍ଚୟ ଖାଆନ୍ତୁ। ଫଳରେ ତ୍ୱଚା ତେଲିଆ ଦିଶେ। ଦୂରରୁ ମଧ୍ୟ ଆପଣଙ୍କ ଚେହେରା ଚକମକ କରିବ। ପାରୁଛନ୍ତି ଯଦି କଲରା, ଲାଉ ଏବଂ ଗାଜର ରସ ପିଅନ୍ତୁ। ଚା, କଫି କିମ୍ବା ଫାଷ୍ଟଫୁଡରୁ ନିଜକୁ ଦୂରେଇ ରଖନ୍ତୁ। ମନେ ରଖନ୍ତୁ ଫାଷ୍ଟଫୁଡ ପ୍ରିୟ ଲୋକଙ୍କ ମଧ୍ୟରେ ଖୁବ୍ କମ୍ ବୟସରେ ବାର୍ଦ୍ଧକ୍ୟର ଛାପ ସ୍ପଷ୍ଟ ବାରି ହୋଇପଡ଼େ। ମଝିରେ ମଝିରେ ମୁହଁରେ ଅମୃତଭଣ୍ଡା, କଦଳୀ, ଆଳୁ, ବିଲାତି ବାଇଗଣ କିମ୍ବା ମହୁ କୌଣସିରୁ ଗୋଟାଏ ଲେପ ଦିଅନ୍ତୁ। ଏହା ଦ୍ୱାରା ତ୍ୱଚା ନରମ ହୋଇଥାଏ। ଅଧିକରୁ ଅଧିକ ଥର ମୁହଁ ଧୁଅନ୍ତୁ। ଥଣ୍ଡା ପାଣିରେ ମୁହଁ ଧୋଇଲେ ବେଶି ଭଲ। ବ୍ରଣ, ଦାଗ କିମ୍ବା ଛଉ ଆଦି ସମସ୍ୟା ପାଖ ପଶେ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାତିରେ ଜଲ୍ଦି ଶୋଇ ଜଲ୍ଦି ଉଠନ୍ତୁ। ବିଳମ୍ବିତ ରାତିରେ ଶୋଇବା ତ୍ୱଚା ପାଇଁ ଆଦୌ ଶୁଭଙ୍କର ନୁହେଁ।

# ନୂତନ ଶ୍ରେଣୀଭୁକ୍ତ ଶାସ୍ତ୍ରୀୟ ଭାଷାର ଭାଷାବିତମାନଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮।୧୦ (ମହାଭାରତ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନିକଟରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପାଲି, ପ୍ରାକୃତ, ମରାଠୀ, ଆସାମୀ(ଅହମିୟା) ଏବଂ ବଙ୍ଗଳା ଭାଷାରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେବାକୁ ମଞ୍ଜୁର କରିଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ଏହି ସବୁ ଭାଷାର ଭାଷାବିତମାନଙ୍କୁ ଭେଟି ସାକ୍ଷାତ୍ ଆଲୋଚନା କରିଛନ୍ତି ।

ଏହି ଭାରତୀୟ ଭାଷା ଗୁଡ଼ିକୁ ଶାସ୍ତ୍ରୀୟ ଭାଷା ତାଲିକାରେ ଅନ୍ତର୍ଭୁକ୍ତ କରିଥିବାରୁ ଭାଷାବିତମାନେ ଖୁସି ବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ସବୁ ଭାଷାକୁ ପ୍ରୋତ୍ସାହିତ ଓ ସୁସମୃଦ୍ଧ କରିବା ଦିଗରେ ସମସ୍ତେ ନିଜର ସମର୍ଥନ ଜଣାଇଛନ୍ତି । ଏ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଆମ ଭାଷା ଗୁଡିକ ହେଉଛି 'ଭାରତୀୟତା'ର ପ୍ରାଣ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ସରକାର ସବୁ ଭାରତୀୟ ଭାଷା ବା ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରୁଛନ୍ତି । ଜାତୀୟ ଶିକ୍ଷା ନୀତିର କଳ୍ପନା ଅନୁସାରେ ଆମର ଭାଷାଗତ ଐତିହ୍ୟକୁ ସମ୍ମାନ ଜଣାଇବା ସହ ସଂରକ୍ଷଣ କରିବା ପାଇଁ ସବୁ ପ୍ରକାର ପ୍ରୟାସ କରୁଛନ୍ତି । ମାତୃ ଭାଷା ଶିକ୍ଷାକୁ ସୁଗମ କରିବା, ସମସ୍ତ ଭାରତୀୟ ଭାଷା ଉପରେ ସମାନ ଗୁରୁତ୍ୱ ଦେବା ସହିତ ବହୁଭାଷାଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଉଲ୍ଲେଖନୀୟ ଯେ, ଭାରତ ସରକାର ପୂର୍ବରୁ ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ, ମକ୍ଷଲକ୍ଷୟାଲମ୍ ଓ ଓଡ଼ିଆ । ଭାଷା ଗୁଡିକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇସାରିଛନ୍ତି । ଶାସ୍ତ୍ରୀୟ ଭାଷାକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ସଂସ୍କୃତ ଭାଷାର ପ୍ରଚାର ପାଇଁ ସଂସଦର ଏକ ଅଧିନିୟମ ମାଧ୍ୟମରେ ୨୦୨୦ରେ ତିନୋଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ପ୍ରାଚୀନ ତାମିଲ ଗ୍ରନ୍ଥଗୁଡିକର ଅନୁବାଦକୁ ସୁଗମ କରିବା ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା ଏବଂ ତାମିଲର ଭାଷା ଛାତ୍ରମାନଙ୍କ ପାଇଁ ପାଠ୍ୟକ୍ରମ ପ୍ରଦାନ କରିବାକୁ କେନ୍ଦ୍ରୀୟ ଶାସ୍ତ୍ରୀୟ ତାମିଲ ସଂସ୍ଥାନ ପ୍ରତିଷ୍ଠା କରାଯାଇଥିଲା।

ଶାସ୍ତ୍ରୀୟ ଭାଷାର ଅଧ୍ୟୟନ ଏବଂ ସଂରକ୍ଷଣକୁ ଆହୁରି ବାଢ଼ିବା ପାଇଁ ମହୀଶୁରରେ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଲାଙ୍ଗୁଏଜ୍ ଅଧିନରେ ଶାସ୍ତ୍ରୀୟ କନ୍ନଡ, ତେଲୁଗୁ, ମାଲାୟାଲମ୍ ଏବଂ ଓଡିଆରେ ଅଧ୍ୟୟନ ପାଇଁ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ୟ ଏହି ପଦକ୍ଷେପଗୁଡିକ ସହିତ, ଶାସ୍ତ୍ରୀୟ ଭାଷା କ୍ଷେତ୍ରରେ ଉପଲବ୍ଧତାକୁ ମାନ୍ୟତା ଦେବା ସହ ପ୍ରୋତ୍ସାହିତ କରିବା ପାଇଁ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାର ମଧ୍ୟ ଆରମ୍ଭ କରାଯାଇଛି ।

## 'ଜାତୀୟ ଶିକ୍ଷା ନୀତି' ୨୦୨୦ ଖୁବଶୀଘ୍ର ଲାଗୁ କରାଯିବ : ଗଣ ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୮।୧୦(ମହାଭାରତ): ରାଜ୍ୟରେ 'ଜାତୀୟ ଶିକ୍ଷା ନୀତି' ୨୦୨୦ ଖୁବଶୀଘ୍ର ଲାଗୁ କରାଯିବ ବୋଲି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସେ ସୋସିଆଲ ମିଡିଆରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବା ନିମନ୍ତେ ରାଜ୍ୟରେ 'ଜାତୀୟ ଶିକ୍ଷା ନୀତି' ଖୁବଶୀଘ୍ର ଲାଗୁ କରାଯିବ, ଏଥିପାଇଁ ଆମ ସରକାର ସମସ୍ତ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହାର କାର୍ଯ୍ୟକାରିତା ପାଇଁ ଟାସ୍କ ଫୋର୍ସକୁ ପୁନର୍ଗଠନ କରିବା ସହିତ ୬ଟି ସବକମିଟି ମଧ୍ୟ ଗଠନ କରାଯାଇଛି।ଓଡ଼ିଶାର ଶିକ୍ଷା ବ୍ୟବସ୍ଥାର ସୁଧାର ଏବଂ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ନିମନ୍ତେ ଆମ ସରକାର ପ୍ରତିବଦ୍ଧ। ରାଜ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ ର ସଫଳ ରୂପାୟନ ଶିକ୍ଷା କ୍ଷେତ୍ରରେ ନିଶ୍ଚୟ ଏକ କ୍ରାନ୍ତି ଆଣିବାରେ ସହାୟକ ହେବ।

ବେଆଇନ କଲ୍ ସେଂଟର ମାମଲା

# ଛଅ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା କମିଶନରେଟ ପୋଲିସ

ଭୁବନେଶ୍ୱର,୧୮।୧୦(ମହାଭାରତ): କମିଶନେରେଟ୍ ପୋଲିସ୍ ବେଆଇନ କଲ୍ ସେଂଟର ଚାଲାଇବା ଏବଂ ଲୋକଙ୍କୁ ଠକିବା ଅଭିଯୋଗରେ ଗିରଫ୍ କରାଯାଇଥିବା ଛଅ ବ୍ୟକ୍ତିଙ୍କୁ ତିନି ଦିନର ରିମାଂଡରେ ନେଇଛି । ଭୁବନେଶ୍ୱରର ଏକ ଦାଲତ କମିଶନେରେଟ୍ ପୋଲିସ୍ କୁ ଆଗକୁ ଜାଂଚ କରିବା ପାଇଁ ସେମାନଙ୍କୁ ରିମାଂଡରେ ନେବାକୁ ଅନୁମତି ଦେଇଛି । ଏହି ରିମାଣ୍ଡ ଅବଧିରେ, ଅଭିଯୁକ୍ତମାନେ ପୋଲିସର ବିଭିନ୍ନ ପ୍ରଶ୍ନର ସମ୍ମୁଖୀନ ହେବେ। ଅନ୍ୟ ପକ୍ଷରେ କମିଶନରେଟ ପୋଲିସର ବିଶେଷ ଟିମ୍ କଲକାତାରେ ଅଭିଯୁକ୍ତଙ୍କର ନିବାସରେ ଯାତ୍ରା କରିବା ପାଇଁ ଯୋଜନା କରୁଛି ।

ପ୍ରାଥମିକ ଜାଂଚରୁ ମିଳିଥିବା ସୂଚନା ଅନୁସାରେ, ଅଭିଯୁକ୍ତମାନେ ବିସ୍ତୃତ ସାଇବର ଠକେଇରେ ଲିପ୍ତ ଥିଲେ। ସେମାନେ ଆମେରିକାର ନାଗରିକମାନେଙ୍କୁ ମିଛ ସଫ୍ଟୱେୟର ଉତ୍ପାଦ ଏବଂ ଏଂଟିଭାଇରସ୍ ସେବା ପ୍ରଦାନ କରି ଠକେଇ କରୁଥିଲେ । ଅଧିକାରୀମାନେ ଠକେଇର ସମ୍ପୂର୍ଣ୍ଣ ରାଶି ନିର୍ଣ୍ଣୟ କରିବା ପାଇଁ ଅଭିଯୁକ୍ତଙ୍କର ବ୍ୟାଙ୍କ ଖାତାମାନେ କୁ ଯାଂଚ କରିବାକୁ ଆରମ୍ଭ କରିଛନ୍ତି। ସମସ୍ତ ଅଭିଯୁକ୍ତମାନେ ପଶ୍ଚିମ ବଙ୍ଗର ବାସିନ୍ଦା ଏବଂ ସେମାନେ ସ୍କୁଲରେ ଉଚ୍ଚ ଶିକ୍ଷା ଗ୍ରହଣ କରିଥିବା କୁହା ଯାଉଛି ।

# ଭରତପୁର ଘଟଣାରେ କ୍ୟାପଟେନ ଓ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାର ସମୀକ୍ଷା

ଭୁବନେଶ୍ୱର, ୧୮।୧୦(ମହାଭାରତ): ଭରତପୁର ଥାନାରେ ଜଣେ ଜବାନ ଓ ତାଙ୍କର ବାନ୍ଧବୀଙ୍କୁ ଆକ୍ରମଣ ଘଟଣାର ଜାଂଚ ପାଇଁ ଗଠିତ ଜାଂଚ କମିଶନ ଆଜି ଏହି ଘଟଣାର ସମୀକ୍ଷା କରିଛନ୍ତି । ଆଜି ଏହି ବୈଠକରେ ଗୃହ ସଚିବ, ସ୍ୱତନ୍ତ୍ର ସଚିବ ଙ୍କ ସହ କ୍ରାଇମ ବ୍ରାଂଚ ଏ ଡିଜି ଓ ତଦନ୍ତ କାରୀ ଅଧିକାରୀ ଯୋଗ ଦେଇଥିଲେ। କମିଶନ ତଦନ୍ତ କେତେ ଦୂର ଆଗେଇଛି ସେ ନେଇ ସମୀକ୍ଷା କରିଥିବା ଜଣା ପଡିଛି ।

ମାମଲା ରେ ଗୃହ ସଚିବ ଙ୍କୁ କିଛି ପ୍ରଶାସନିକ ତଥ୍ୟ ମାଗିବା ସହ ଗୁରୁତ୍ୱପୂର୍ଣ୍ଣ ଦିଗ ରେ ପଦକ୍ଷେପ ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍ୟପଟେ ବୈଠକ ସରିବା ପରେ କ୍ରାଇମବ୍ରାଂଚ ଏ ଡିଜି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଗୁଜରାଟ ଯାଇଥିବା ପୋଲିସ ଅଧିକାରୀ ଙ୍କ ଲାଏ ଡିଟେକ୍ସନ ସରିଛି । ଦୀନକୃଷ୍ଣ ମିଶ୍ର ଙ୍କ ର ନାରକୋ ଓ ବ୍ରେନ ମ୍ୟାପିଙ୍ଗ ସରିଛି । ମାମଲା କୁ ଗୁରୁତର ସହ ନେଇ ଶୀଘ୍ର ରିପୋର୍ଟ ଦେବାକୁ ଗୁଜୁରାଟ ଫରେନସିକ ଟିମ କୁ ଆମେ ଜଣାଇବୁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ, ଖୁବ ଶୀଘ୍ର ପୀଡିତା ଙ୍କ ୧୬୪ ବୟାନ ରେକର୍ଡ ହେବ । ମାମଲା ର ସତ୍ୟପାଠ ଶୀଘ୍ର କମିଶନ ଙ୍କ ଆଗରେ ଦାଖଲ କରାଯିବ । ତଦନ୍ତ ପରେ ସତ୍ୟା ସତ୍ୟ ବାହାରିଲେ ଆଇନ ଗତ ଆକ୍ସନ ହେବ।

## ୟୁଜିସି ନେଟରେ ସଫଳତା ହାସଲ ଅଜୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୧୮।୧୦(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁଜିସି ନେଟ ପରୀକ୍ଷାରେ ସଫଳତା ହାସଲ କରିଥିବା ଆଦିମ ଜନଜାତି ଡ଼ଙ୍ଗରିଆ କନ୍ଧ ସମ୍ପ୍ରଦାୟର ଯୁବକ ଅଜୟ କୁମାର କାଦ୍ରକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି. ଆଦିମ ଜନଜାତି ଡ଼ଙ୍ଗରିଆ କନ୍ଧ ସମ୍ପ୍ରଦାୟର ଯୁବକ ଅଜୟ କୁମାର କାଦ୍ରକା ନିଜର ନିଷ୍ଠା, ଦୃଢ ଇଚ୍ଛାଶକ୍ତି ଏବଂ ଉଦ୍ୟମ ଦ୍ୱାରା ୟୁଜିସି ନେଟ ୨୦୨୪ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସହକାରୀ ଅଧ୍ୟାପକ ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି, ଯାହାକି ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

# ପୋଲିସ ଡିଜିଙ୍କ ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲା ଗସ୍ତ

## ଆଇନ ଓ ଶୃଙ୍ଖଳା ପରିସ୍ଥିତି, ମାଓବାଦୀ ସମସ୍ୟା,ଗଞ୍ଜେଇ ଚାଷ ଓ ଚୋରା ଚାଲଣ ବିଷୟରେ କଲେ ସମୀକ୍ଷା

ଭୁବନେଶ୍ୱର,୧୮।୧୦(ମହାଭାରତ): ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଯୋଗେଶ ବାହାଦୁର ଖୁରାନିଆ ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲା ଗସ୍ତରେ ଯାଇ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇଥିଲେ। ଉଭୟ ଜିଲ୍ଲାରେ ଆଇନ ଓ ଶୃଙ୍ଖଳା ପରିସ୍ଥିତି, ମାଓବାଦୀ ସମସ୍ୟା,ଗଞ୍ଜେଇ ଚାଷ ଓ ଚୋରା ଚାଲାଣ, ଜିଲ୍ଲାରେ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି,ଅତୀତରେ ପୋଲିସ ବିଭାଗର ସଫଳତା ଏବଂ ଆଗାମୀ ଦିନରେ ଅପରାଧୀ ତଥା ମାଓବାଦୀଙ୍କ ବିରୋଧରେ ସ୍ୱତନ୍ତ୍ର ରଣନୀତି ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି।

ଆଜି ପୂର୍ବାହ୍ନରେ ବୌଦ୍ଧ ଜିଲ୍ଲା ପୋଲିସ ମୁଖ୍ୟାଳୟ ପରିସରରେ ଡିଜିପି ଶ୍ରୀ ଖୁରାନିଆଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ଅପରାଧ ସ୍ଥିତି ଏବଂ ନିୟନ୍ତ୍ରଣ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକରେ ଜିଲ୍ଲାର ଥାନାଧିକାରୀଙ୍କ ଠାରୁ ଆରମ୍ଭକରିଏସଡିପିଓ, ଅତିରିକ୍ତ ଏସପି ଏବଂ ମୁଖ୍ୟାଳୟ ପରିସରରେ ଥିବା ବିଭିନ୍ନ ବିଭାଗର ଅଧିକାରୀ ଗଣ



ଉପସ୍ଥିତଥିଲେ ଓ ଡିଜିପି ସମସ୍ତ ବିଭାଗର ସମୀକ୍ଷା କରିବା ସହ ଜିଲ୍ଲାକୁ ନକ୍ସଲ ମୁକ୍ତ ତଥା ଗଞ୍ଜେଇ ମୁକ୍ତ କରିବାକୁ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ । ଅତୀତରେ ମାଓବାଦୀ ମୁକାବିଲା କ୍ଷେତ୍ରରେ ଜିଲ୍ଲା ପୋଲିସ ସକ୍ରିୟ ଭୂମିକା ଗ୍ରହଣ କରିଥିଲା ।ଆଗାମୀ ଦିନରେ ଏହାକୁ ଆହୁରି ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ଡିଜିପି ମତବ୍ୟକ୍ତ କରିଥିଲେ। ଏତଦ ବ୍ୟତୀତ ଜିଲ୍ଲାରେ ନକ୍ସଲ ସମସ୍ୟାକୁ ପ୍ରତିହତ କରିବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଜିଲ୍ଲାରେ ଗଞ୍ଜେଇ ଚାଷ ହେଉଥିବା ଅଂଚଳକୁ ଚିହ୍ନଟ କରି ସମ୍ପୃକ୍ତ ଅଂଚଳକୁ ସଂପୂର୍ଣ୍ଣ ନଷ୍ଟ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଜିଲ୍ଲାରେ ଗଞ୍ଜେଇ ଚୋରାଚାଲାଣ ଉପରେ ରୋକ ଲଗାଇବାକୁ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ ଏସଓଜିଟିମଲିଡର, ଡିଭିଏଫ ଯବାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତକାଲି ଡିଜିପି ଶ୍ରୀଖୁରାନିଆ ଘଣ୍ଟପଡା ଥାନା ପରିଦର୍ଶନରେ ଯାଇଥିଲେ । ସେଠାରେ ଅବସ୍ଥାପିତ ଥିବା ବିଏସଏଫ ଯବାନ ମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ଡିଜିପି ଶ୍ରୀ ଖୁରାନିଆ କନ୍ଧମାଳ ଜିଲ୍ଲା ଗସ୍ତରେ ଯାଇଥିଲେ । ସେଠାରେ ବରଖମା ସ୍ଥିତ ବିଏସଏଫ କ୍ୟାମ୍ପ ଏବଂ ସିନ୍ଧିପୋଙ୍କେଲସ୍ଥିତ ସିଆରପିଏଫ କ୍ୟାମ୍ପକୁ ପରିଦର୍ଶନ କରିବା ସହ ପରବର୍ତ୍ତୀ ସମୟରେ ଜିଲ୍ଲା ମୁଖ୍ୟାଳୟରେ ଏକ ସମୀକ୍ଷା ବୈଠକରେ ସାମିଲ ହୋଇଥିଲେ । ଡିଜିପିଙ୍କ ଏହି ଗସ୍ତ ସମୟରେ ଆଇଜି (ଅପରେସନ) ଶ୍ରୀ ଜୟନାରାୟଣପଙ୍କଜ, ଡିଆଇଜି (ଦକ୍ଷିଣାଂଚଳ) ଡଃ ସାର୍ଥକ ଷଡଙ୍ଗୀ, ଡିଆଇଜି (ଏସଆଇଡବ୍ଲୁ) ଡଃ କନୱାର ବିଶାଲସିଂ, ଏସପି କଳାହାଣ୍ଡି ଶ୍ରୀ ଅବିଲାଶଜି., ଏସପି (ବୌଦ୍ଧ) ଶ୍ରୀନାଗରାଜ ଦେବରକୋଣ୍ଡା, ଏସପି (କନ୍ଧମାଳ) ଶ୍ରୀ ହରିଶବି. ସି. ପ୍ରମୁଖ ଉପସ୍ଥିତଥିଲେ।

# ବିଏମସିର ୱାର୍ଡ ଅଫିସ ଉଦଘାଟିତ

## ହାତ ପାଆନ୍ତାରେ ସେବା ଯୋଗାଇ ଦେବାକୁ ବିଏମସିର ପ୍ରୟାସ ଜାରି : ମେୟର

ଭୁବନେଶ୍ୱର , ୧୮।୧୦(ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ୩୪ ନମ୍ବର ୱାର୍ଡ ଅଫିସ୍ ଉଦ୍ଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ଶ୍ରୀମତୀ ସୁଲୋଚନା ଦାସ ଯୋଗଦେଇ ନବ ନିର୍ମିତ କାର୍ଯ୍ୟାଳୟର ଉଦ୍ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ସ୍ଥାନୀୟ କର୍ପୋରେଟର ପୁଷ୍ପାଂଜଳୀ ସେଠୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଶ୍ରୀମତୀ ମହାମାୟା ସ୍ୱାଇଁ, କର୍ପୋରେଟର ଆଶୀଷ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଭୁବନେଶ୍ୱର ମହାନଗର ନିଗମର ନାଗରିକମାନଙ୍କୁ ଦୁଆର ମୁହଁରେ ସେବା ଯୋଗାଇ ଦେବା ଉଦେଶ୍ୟରେ ସମୁଦାୟ ୬୭ ୱାର୍ଡରେ ଏହିପରି ୱାର୍ଡ କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ବିଏମ୍ସି ପକ୍ଷରୁ ଯୋଜନା କରାଯାଇଛି । ଏହା ଦ୍ୱାରା ଲୋକମାନେ ଆଉ ମୁଖ୍ୟାଳୟକୁ ଧାଇଁ ସେମାନଙ୍କର ସମୟ ନଷ୍ଟ କରିବାକୁ ପଡିବ ନାହିଁ । ସେମାନେ ନିଜ ନିଜ ୱାର୍ଡରେ ବିଭିନ୍ନ ସମସ୍ୟାର ସମାଧାନ କରିପାରିବେ । ନାଗରିକମାନଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇଦେବା ସହ ହାତ ପାଆନ୍ତାରେ ସେବା ଯୋଗାଇ ଦେବାକୁ ବିଏମ୍ସି କାମ କରୁଛି ବୋଲି କହିଛନ୍ତି ମାନନୀୟା ମେୟର । ଏଥିପାଇଁ ସେ ନାଗରିକମାନଙ୍କର ସହଯୋଗ କାମନା କରିଛନ୍ତି ।

ଏଠାରେ କର୍ପୋରେଟର, ୱାର୍ଡ ଅଫିସରଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ବିଏମ୍ସି ଅହରହ କାମ କରୁଛି । କେବଳ ସେତିକି ନୁହେଁ, ଲୋକମାନେ କିପରି ନିଜ ନିଜର ସମସ୍ୟାଗୁଡିକୁ ସହଜରେ ନିଜ ଘର ନିକଟରେ ସମାଧାନ ପାରିବେ ସେ ନେଇ ମଧ୍ୟ ବିଏମ୍ସି ତାର ପ୍ରୟାସ ଜାରି ରଖିଛି ବୋଲି କହିଛନ୍ତି ମାନ୍ୟବର ମଧ୍ୟ ବିଧାୟକ ଶ୍ରୀ ଜେନା ।

# ପୂର୍ବତଟ ରେଳପଥ ଆରମ୍ଭ କଲା ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୧୮।୧୦: ଦୀପାବଳି ପର୍ବ ପାଖେଇ ଆସୁଥିବାରୁ ପୂର୍ବତଟ ରେଳପଥ ଟ୍ରେନରେ ଦହନଶୀଳ ଆତସବାଜି ଏବଂ ଅନ୍ୟାନ୍ୟ ଜ୍ୱଳନ୍ତ ଜିନିଷର ବେଆଇନ ପରିବହନ ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରି ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ୟମକୁ ଜୋରଦାର କରିଛି । ପୂର୍ବତଟ ରେଳପଥ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦିଆଯାଇଛି । ବିଜ୍ଞପ୍ତିରେ କୁହାଯାଇଛି ଯେ, ଯେ ଯାତ୍ରୀ ପରିବହନ କରୁଥିବା ଟ୍ରେନରେ ଆତସବାଜି ବା ଫଟକା, ଗ୍ୟାସ ସିଲିଣ୍ଡର, ଏସିଡ୍, ପେଟ୍ରୋଲ, କିରୋସିନ ଏବଂ ଦହନଶୀଳ ସାମଗ୍ରୀ ପରିବହନ କରିବା ରେଳବାଇ ଅଧିନିୟମ, ୧୯୮୯ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ, ଯାହାଫଳରେ ତିନି ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ହୋଇପାରେ ।ଟ୍ରେନ୍ ଯାତ୍ରାକୁ ସୁରକ୍ଷିତ କରିବା ପାଇଁ ଏହି ଅଭିଯାନରେ, ବିଶେଷ ଭାବେ ପାର୍ବଣ ଋତୁରେ ପୂର୍ବତଟ ରେଳପଥ ଯାତ୍ରୀମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ଏବଂ ସେମାନଙ୍କ ଯାତ୍ରା ସମୟରେ କୌଣସି ଜ୍ୱଳନ୍ତ କିମ୍ବା ବିସ୍ଫୋରକ ସାମଗ୍ରୀ ଟ୍ରେନ ଯାତ୍ରା ସମୟରେ ନନେବାକୁ ନିବେଦନ କରିଛି । ସହ-ଯାତ୍ରୀମାନେ ମଧ୍ୟ ଏଥିପ୍ରତି ସଜାଗ ରହିବାକୁ କୁହାଯାଇଅଛି ଏବଂ ରେଳବାଇ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀ, ସରକାରୀ ରେଳ ପୋଲିସ, ଟିଟିଇ, କୋଚ ସେବକ କିମ୍ବା ଷ୍ଟେସନ ପରିଚାଳକଙ୍କ ସମେତ ଅନବୋର୍ଡ କର୍ମଚାରୀଙ୍କୁ ଏହି ନିୟମ ଉଲଂଘନ କରୁଥିବା ବ୍ୟକ୍ତି ମାନଙ୍କ ସମ୍ବନ୍ଧରେ ସୂଚନା ଦେବାପାଇଁ କୁହାଯାଇଅଛି । ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଅନ୍ତର୍ଗତ ସମସ୍ତ ତିନୋଟି ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ୱାଲଟିୟର କୁ ଏହି ସ୍ୱତନ୍ତ୍ର ନିରାପତ୍ତା/ସୁରକ୍ଷା ଅଭିଯାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦୀପାବଳି ସମୟରେ ଯାତ୍ରୀବାହୀ ଏବଂ ମେଲ / ଏକ୍ସପ୍ରେସ ଟ୍ରେନରେ ଦହନଶୀଳ ଫଟକା କିମ୍ବା ଅନ୍ୟାନ୍ୟ ବିପଜ୍ଜନକ ସାମଗ୍ରୀ ପରିବହନକୁ ବାରଣକରିବା ପାଇଁ ଏହି ଅଭିଯାନ ସମୟରେ କଡା ଯାଂଚ ଏବଂ ନିରନ୍ତର ନଜର ରଖାଯିବ । ସୂଚନା ଦିଅନ୍ତୁ ଏବଂ ନିରାପଦରେ ରୁହନ୍ତୁ: ରେଳବାଇ ହେଲ୍ପ ଲାଇନ ନମ୍ବର ୧୩୯ କୁ କଲ କରି ଜ୍ୱଳନ୍ତ ଜିନିଷ ବହନ କରୁଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ତୁରନ୍ତ ରିପୋର୍ଟ କରିବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି । ଏହି ଯାଂଚଗୁଡିକ ଆରପିଏଫ୍, ଜିଆରପି , ଷ୍ଟେସନ କର୍ମଚାରୀ ଓ ଅଧିକାରୀ ଏବଂ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀମାନଙ୍କ ସମନ୍ୱୟରେ କରାଯିବ । ଏହି ସୁରକ୍ଷା ବ୍ୟବସ୍ଥା ସହିତ, ପୂର୍ବତଟ ରେଳପଥ ରେଳ ଷ୍ଟେସନ ମାନଙ୍କରେ ସର୍ବସାଧାରଣ ଘୋଷଣା ମାଧ୍ୟମରେ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିଛି ଯାହାଦ୍ୱାରା ଯାତ୍ରୀମାନଙ୍କୁ ଅଗ୍ନି ନିର୍ବାପକ ବିପଦ ବିଷୟରେ ସଚେତନତା ମଧ୍ୟ କରାଯାଉଅଛି । ପାର୍ସଲ ଭ୍ୟାନରେ ଲୋଡ୍ ହୋଇଥିବା ପାର୍ସଲ ଏବଂ ଲଗେଜ୍ ଗୁଡିକର ନିରାପଦ ପରିଚାଳନାକୁ ସୁନିଶ୍ଚିତ କରିବା ଉପରେ ମଧ୍ୟ ସ୍ୱତନ୍ତ୍ର ଦଳ ଧ୍ୟାନ ଦେଉଛି । ନିରାପତ୍ତାକୁ ବୃଦ୍ଧି କରାଇବା ପାଇଁ ଟ୍ରେନ୍ ଏସକର୍ଟିଙ୍ଗ୍ ଟିମ୍ ଏବଂ ମେରୀ ସହେଲି ଦଳକୁ ଉଭୟ ଯାତ୍ରୀବାହୀ ଟ୍ରେନ ଏବଂ ଲଗେଜ୍ ଉପରେ କଡା ନଜର ରଖିବା ଦାୟିତ୍ୱ ଦିଆଯାଇଛି । ଅଧିକନ୍ତୁ, ଷ୍ଟେସନ, ସାମଗ୍ରୀ ସେଡ୍, ଗାର୍ଡ ଭ୍ୟାନ୍, ଏସି କୋଚ୍, ପାନ୍ଟ୍ରିକାର୍ ଏବଂ ଲୋକୋମୋଟିଭରେ ପର୍ଯ୍ୟାପ୍ତ ପରିମାଣର ଅଗ୍ନି ନିର୍ବାପକ କୌଶଳକ୍ରମେ ରଖାଯାଇଛି ।

## ପରିବହନ ମନ୍ତ୍ରୀଙ୍କୁ ଭେଟିଲେ ସଫଳ ପର୍ବତାରୋହୀ ମଧୁସ୍ମିତା

ଭୁବନେଶ୍ୱର, ୧୮।୧୦ (ମହାଭାରତ):ରାଜ୍ୟର ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କୁ ଆଜି ସଫଳ ପର୍ବତାରୋହୀ ମଧୁସ୍ମିତା ପାତ୍ର ଭେଟିଛନ୍ତି । ପରିବହନ ମନ୍ତ୍ରୀ ଶ୍ରୀ ଜେନା ନିଜେ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି ।

ସେ ସୋସିଆଲ ମିଡିଆରେ ଏ ସମ୍ପର୍କରେ ସୂଚନା ଦେଇ ଲେଖିଛନ୍ତି, ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଉଚ୍ଚତମ ଶୃଙ୍ଗ ଆରୋହଣ କରି ଜଣେ ସଫଳ ପର୍ବତାରୋହୀ ଭାବରେ ଆମ ଗୋପାଳପୁରର ପାଇଁ ସୁନାମ ଆଣିଥିବା ମଧୁସ୍ମିତା ପାତ୍ରଙ୍କ ସହିତ ସୌଜନ୍ୟମୂଳକ ଭେଟ ହେଲା। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ ସେ ପରବର୍ତ୍ତୀ ଲକ୍ଷ୍ୟ ଦକ୍ଷିଣ ଆମେରିକାର ଉଚ୍ଚତମ ଶୃଙ୍ଗ, ଆର୍ଜେଂଟିନାରେ ୬୯୬୧ ମିଟର ଉପରେ ଅବସ୍ଥିତ ଆକୋନକାଗୁଆ ସଫଳତାର ସହ ଆରୋହଣ କରନ୍ତୁ ଓ ଅଂଚଳପାଇଁ ସୁନାମ ଆଣନ୍ତୁ ଏହା କାମନା।

# ବିଜେଡିକୁ ଆକ୍ଷେପ କଲେ ବିଜେପି ଓ କଂଗ୍ରେସ

ଭୁବନେଶ୍ୱର,୧୮।୧୦(ମହାଭାରତ): ନିର୍ବାଚନ-୨୦୨୪ରେ ଦୀର୍ଘ ୨୪ ବର୍ଷ ପର୍ଯ୍ୟନ୍ତ କ୍ଷମତାରେ ଥିବା ବିଜୁ ଜନତା ଦଳ (ବିଜେଡି)ର ଶୋଚନୀୟ ପରାଜୟ ପରେ ଭାରତୀୟ ଜନତା ପାର୍ଟି (ବିଜେପି) ଓଡ଼ିଶାରେ କ୍ଷମତା ହାତେଇଛି। ରାଜ୍ୟରେ ବିଜେପି ଶ୍ରେଷ୍ଠ ରାଜନେତିକ ଦଳ ଭାବେ ଉଭା ହୋଇଛି । କେନ୍ଦ୍ରରେ ବିଜେପି ସରକାର ଥିବାରୁ ଓଡ଼ିଶାରେ ମଧ୍ୟ ଦଳର ଦବଦବା ରହିଛି। ବିଜେପି ପ୍ରତି ଅନ୍ୟ ଦଳର ନେତାଙ୍କ ଦୁର୍ବଳତା ରହୁଛି। ବିଗତ କିଛି ମାସ ମଧ୍ୟରେ ୨ ଜଣ ରାଜ୍ୟସଭା ସାଂସଦ ଦଳ ଛାଡ଼ି ପଦ୍ମ ଧରିଛନ୍ତି। ସେହିପରି ବିଜେଡିର ଅନ୍ୟ ନେତାମାନେ ମଧ୍ୟ ଗେରୁଆ। ଶିବିରରେ ସାମିଲ ହେଉଛନ୍ତି।

ବିଜେଡି ଆଉ ପୂର୍ବ ଭଳି ସ୍ଥିତିରେ ନାହିଁ ବୋଲି ଅନ୍ୟ ଦଳର ନେତାମାନେ କହୁଛନ୍ତି। ବିଜେଡିର ବରିଷ୍ଠ ନେତାମାନେ ମଧ୍ୟ ପରାଜୟ ପାଇଁ ଦଳର ନେତୃତ୍ୱକୁ ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ପଛାଉ ନାହାନ୍ତି। ବିଜେଡିକୁ ବିଜେପି ଓ କଂଗ୍ରେସର ନେତାମାନେ



ଟାର୍ଗେଟ କରୁଛନ୍ତି। ବରିଷ୍ଠ ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ କଂଗ୍ରେସର ପୂର୍ବତନ ବିଧାୟକ ମହମ୍ମଦ ମୋକିମ ମଧ୍ୟ ବିଜେଡି ଉପରେ ବୟାନ ଦେଇଛନ୍ତି।

ଜୟନାରାୟଣ ମିଶ୍ର କହିଛନ୍ତି, ବିଜେଡିର ଆୟୁଷ ବହୁତ କମ୍ ଦିନ ଅଛି । ବିଜେଡି ଭାଙ୍ଗି ଛିନ୍ଛତ୍ର ହୋଇଯିବ। ଖୁବ୍ ଶୀଘ୍ର ସେହି ଅବସ୍ଥା ଦେଖିବାକୁ ମିଳିବ। କାରଣ ବିଜେଡି ପାଖରେ ଆଉ ନେତୃତ୍ୱ ନାହିଁ। ଯେଉଁମାନଙ୍କ ହାତରେ କ୍ଷମତା ଥିଲା, ସେମାନେ ଅନ୍ୟମାନଙ୍କୁ ଋକର ଦୃଷ୍ଟିରେ ଯେଉଁ ନେତାମାନେ ଥିଲେ, ଦଳୀୟ କାର୍ଯ୍ୟକ୍ରମ ପାଇଁ ସେମାନେ ଦରି ପକାଇବା, ଟେଣ୍ଟ ବାନ୍ଧିବା ଓ ଗାତ ଖୋଳିବା କାମ କରୁଥିଲେ। ସେମାନେ ଏବେ ପ୍ରତିଶୋଧ ପରାୟଣ ହୋଇଛନ୍ତି । ଆଗାମୀ ଦିନରେ ଧୀରେଧୀରେ ବିଜେଡିର ଆହୁରି ଗୁମର ଖୋଲିବ। ଆମ ନେତୃତ୍ୱ ଆଉ ଟିକେ ସୁଦୃଢ଼ ହେବ। ଦୁଇରୁ ଋରି ଥର ସିବିଆଇ ଚଢ଼ଉ ହେଲେ ଆଉ ଟିକେ ବଢ଼ିଆ। ହୋଇଯାଆନ୍ତା। ବିଜେଡ଼ି ନେତାମାନେ ବିଜେପିରେ ମିଶିବା ପାଇଁ ଅଛନ୍ତି। ସେହିପରି ମହମ୍ମଦ ମୋକିମ୍ କହିଛନ୍ତି, ଓଡ଼ିଶାରେ ଖୁବ ଶୀଘ୍ର ନୂଆ। ପିସିସି ସଭାପତି ନିଯୁକ୍ତି ହେବ। ପରେ ବହୁ ବିଜେଡି ନେତା କଂଗ୍ରେସରେ ସାମିଲ୍ ହେବେ। ବର୍ତ୍ତମାନ ସେମାନେ କଂଗ୍ରେସ ସହ ଯୋଗାଯୋଗରେ ଅଛନ୍ତି। ଏହାଛଡ଼ା ଯେଉଁନେତାମାନେ କଂଗ୍ରେସ ଛାଡ଼ି ବିଜେଡି ଓ ବିଜେପି ଯାଇ ସେଠାରେ ଅଣଦେଖା ହୋଇ ରହିଛନ୍ତି। ସେମାନେ ମଧ୍ୟ ଫେରିବାକୁ ଋହୁଁଛନ୍ତି। ବିଗତ ଦିନରେ ଓଡ଼ିଶାରେ କଂଗ୍ରେସ ଭଲ କରିପାରିନଥିଲା। ଯେଉଁଥିପାଇଁ କେନ୍ଦ୍ରୀୟ ନେତୃତ୍ୱ ଚିନ୍ତା ବ୍ୟକ୍ତ କରିଥିଲେ। ତେଣୁ ପିସିସି କମିଟିକୁ ଭାଙ୍ଗି ଦେଇଥିଲେ। ଓଡ଼ିଶାରେ ନୂଆ ମଙ୍ଗୁଆଳ ପାଇଁ ଏକ ଷ୍ଟିୟରିଂ କମିଟି ଗଠନ ହୋଇଛି। କମିଟି ବିଭିନ୍ନ ପର୍ଯ୍ୟାୟ ଓଡ଼ିଶାର ନେତାଙ୍କ ସହିତ ଆଲୋଚନା କରୁଛନ୍ତି। ଆଗାମୀ ସପ୍ତାହରେ ଆଲୋଚନା ପାଇଁ ଏଆଇସିସିରୁ ଦୁଇ ଜଣ ବରିଷ୍ଠ ସଦସ୍ୟ ଓଡ଼ିଶା ଗସ୍ତରେ ଆସିବେ। ସେମାନେ ଓଡ଼ିଶାର ତୃଣମୂଳ ସ୍ତରରେ ଥିବା ନେତାମାନଙ୍କୁ ଭେଟିଆଲୋଚନା କରିବେ।

# ୮୫ତମ କର୍ମଚାରୀ ରାଜ୍ୟ ବୀମା ଆଂଚଳିକ ବୋର୍ଡ ବୈଠକ

ଭୁବନେଶ୍ୱର,୧୮।୧୦ : ଆମ ସରକାର ଲୋକଙ୍କ ସରକାର, ଗରିବ ଶ୍ରମଜୀବୀଙ୍କ ସରକାର । ଶ୍ରମିକ କଲ୍ୟାଣ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନିର୍ମାଣ ଶ୍ରମିକଙ୍କ ପାଇଁ ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ୪ ଲକ୍ଷରୁ ୬ ଲକ୍ଷ ଟଙ୍କା ଏବଂ ପ୍ରାକୃତିକ ମୃତ୍ୟୁ ସହାୟତା ୨ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି ଘୋଷଣା କରିଛନ୍ତି । ପୂର୍ବରୁ କ୍ୟାବିନେଟ ବୈଠକରେ ଅଣକୁଶଳୀ ଶ୍ରମିକଙ୍କ ମଜୁରୀ ୩୫୨ ଟଙ୍କାରୁ ୪୫୦ ଟଙ୍କା, ଅର୍ଦ୍ଧ-କୁଶଳୀ ଶ୍ରମିକଙ୍କ ମଜୁରୀ ୩୯୨ ଟଙ୍କାରୁ ୫୦୦ ଟଙ୍କା, କୁଶଳୀ ଶ୍ରମିକଙ୍କ ମଜୁରୀ ୪୪୨ ଟଙ୍କାରୁ ୫୫୦ ଟଙ୍କା ଏବଂ ଉଚ୍ଚ କୁଶଳୀ ଶ୍ରମିକଙ୍କ ମଜୁରୀ ୫୦୨ ଟଙ୍କାରୁ ୬୦୦ ଟଙ୍କାକୁ ଅନୁମୋଦନ କରାଯାଇଛି ।

କର୍ମଚାରୀ ରାଜ୍ୟ ବୀମା ଯୋଜନା ନିଗମର ୮୫ତମ ବୋର୍ଡ ବୈଠକରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଯୋଜନା ମନ୍ତ୍ରୀ ତଥା ନିଗମର ଅଧ୍ୟକ୍ଷ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଅଧ୍ୟକ୍ଷତା କରି କହିଲେ ଯେ, କର୍ମଚାରୀ ରାଜ୍ୟ ବୀମା ଯୋଜନାର ସଫଳତା ନିଗମ ମାଧ୍ୟମରେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ସମନ୍ୱିତ କାର୍ଯ୍ୟ ଉପରେ ନିର୍ଭର କରେ । ଏହି ଯୋଜନା ବୌଦ୍ଧ ଜିଲ୍ଲାକୁ ଛାଡି ରାଜ୍ୟର ୨୯ଟି ଜିଲ୍ଲାରେ କାର୍ଯ୍ୟକାରୀ ହୋଇସାରିଛି ଏବଂ ବୌଦ୍ଧ ଜିଲ୍ଲାରେ ଏହା କାର୍ଯ୍ୟକାରୀ ହେବା ପାଇଁ ପ୍ରସ୍ତାବ ପଠାଯାଇଛି । ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ କାର୍ଯ୍ୟ କରୁଥିବା ଗରିବ ଶ୍ରମିକମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇବା ଆବଶ୍ୟକ । ଆମେ ସେମାନଙ୍କୁ ନଗଦ ସୁବିଧା ଯେପରିକି ମୃତ୍ୟୁକାଳୀନ ପେନ୍ସନ୍ (ଉଇ), ଆକସ୍ମିକ ଦୁର୍ଘଟଣା ପେନ୍ସନ୍ ମାତୃତ୍ୱ ସୁବିଧା, ଅସୁସ୍ଥତା ସୁବିଧା ଇତ୍ୟାଦି ସୁରୁଖୁରୁରେ ପ୍ରଦାନ କରିବା ଜରୁରୀ । ପ୍ରାଥମିକ ଚିକିତ୍ସା, ପରବର୍ତ୍ତୀ ଚିକିତ୍ସା, ସୁପର ସ୍ପେସିଆଲିଟି ଚିକିତ୍ସା ପ୍ରତ୍ୟେକ ଶ୍ରମିକଙ୍କର ମୁଖ୍ୟ ଆବଶ୍ୟକତା । ନିର୍ଦ୍ଦେଶାଳୟ ଦ୍ୱାରା ପରିଚାଳିତ ଉଗଔ ଡିସପେନସାରି, ଉଗଔ ହସ୍ପିଟାଲ, ଉଗଔ ମଡେଲ ହସ୍ପିଟାଲ୍, ରାଉରକେଲା ଏବଂ ଇଏସଆଇହସ୍ପିଟାଲ୍, ଅନୁଗୁଳରେ ଉପଯୁକ୍ତ ଚିକିତ୍ସା, ଔଷଧ ଯୋଗାଣ, ଡିସପେନସାରି ଏବଂ ହସ୍ପିଟାଲରେ ସ୍ୱଚ୍ଛତା ରକ୍ଷା ଆମର ଲକ୍ଷ୍ୟ । କେନ୍ଦ୍ର ଶ୍ରମ ମନ୍ତ୍ରୀ ଡ. ମାନସୁଖ ମାଣ୍ଡଭିଆଙ୍କ ଦ୍ୱାରା ଘୋଷିତ ସୁପର ସ୍ପେସିଆଲିଟି ଚିକିତ୍ସା ପାଇବାରେ ବର୍ତ୍ତମାନ ଆମ ପାଇଁ କୌଣସି ଅସୁବିଧା ହେବ ନାହିଁ । ବର୍ତ୍ତମାନ ଇଏସଆଇ ହିତାଧିକାରୀମାନେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସହିତ ଇଏସଆଇର ସମ୍ମିଶ୍ରଣ କାର୍ଯ୍ୟକ୍ରମ ଅଧୀନରେ ଚିକିତ୍ସା ସେବା ପାଇବେ । କେନ୍ଦ୍ର ଶ୍ରମ ମନ୍ତ୍ରୀ ଡକଫର ମାଣ୍ଡଭିଆ ଅକେଫାବର ୮ ତାରିଖରେ ଅନୁଷ୍ଠିତ ନିଗମର ୧୯୪ ତମ ବୈଠକରେ ଦେଶର ବିଭିନ୍ନ ରାଜ୍ୟରେ ୧୦ଟି ନୂତନ ଇଏସଆଇମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ଦେଇଛନ୍ତି ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶ୍ରମ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେ, ଇଏସ୍ଆଇ ଯୋଜନାର ନିର୍ଦ୍ଦେଶକ ଅଶୋକ କୁମାର ପଣ୍ଡା, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ଅତିରିକ୍ତ ସଚିବ ରାଜେଶ ଅଗ୍ରୱାଲ, ଓଡ଼ିଶା ପାୱାର ଜେନେରେସନ କର୍ପୋରେସନର ସାଧାରଣ ପରିଚାଳକ(ମାନବ ସମ୍ବଳ) ରାଜେନ୍ଦ୍ର କୁମାର ସେନାପତି, ନାଲ୍କୋର ନିର୍ଦ୍ଦେଶକ(ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର, ରାଉରକେଲା ଷ୍ଟିଲପ୍ଲାଣ୍ଟର ସାଧାରଣ ପରିଚାଳକ(ପର୍ସନେଲ) ଜ୍ଞାନରଞ୍ଜନ ଦାଶ, ମଡେଲ ହସ୍ପିଟାଲ ରାଉରକେଲାର ଡ. ଜୟନ୍ତୀ ବେହେରା ପ୍ରମୁଖ ଯୋଗଦେଇ କର୍ମଚାରୀ ରାଜ୍ୟବୀମା ନିଗମ ଓ ଇଏସ୍ଆଇ ହସ୍ପିଟାଲ ଏବଂ ଡିସ୍ପେନ୍ସରିଗୁଡିକରେ ପରିଲକ୍ଷିତ ବିଭିନ୍ନ ସମସ୍ୟା ଓ ସେଗୁଡ଼ିକର ସମାଧାନ ସମ୍ବନ୍ଧରେ ସୁଚିନ୍ତିତ ପରାମର୍ଶ ଦେଇଥିଲେ ।

# ମହାରାଷ୍ଟ୍ର ହଲଚଲ

ଆଗକୁ ଆସୁଛି ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଓ ସେଥିପାଇଁ ସମସ୍ତ ରାଜନୈତିକ ଦଳ ଅଣ୍ଟା ଭିଡ଼ିଲେଣି ଓ ହରିଆଣାରେ କଂଗ୍ରେସଠାରୁ କମ ଭୋଟ ହାର ହାସଲ କରି ସୁଦ୍ଧା ବିଜେପି ହ୍ୟାଟ୍ରିକ କ୍ଷମତା ଦଖଲ କରିବାରେ ସଫଳ ହେଲା । ଏହି ରାଜ୍ୟରେ ଦଳର ସ୍ୱାର୍ଥ୍ୟ ପ୍ରତି ଦୃଷ୍ଟି ଦେଇ ବିଜେପି ଶେଷ ମୂହୁର୍ତ୍ତରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରିଥିଲା । ବିଜେପିର ଏପରି ରଣନୀତି କଂଗ୍ରେସକୁ ହତଚକିତ କରିଦେଇଥିଲା । ବିଜେପିର ହରିଆଣା ହରଣ କଂଗ୍ରେସକୁ ଶକ୍ତ ଧକ୍କା ଦେଇଥିବାବେଳେ ଆଗାମୀ ମହାରାଷ୍ଟ୍ର ନିର୍ବାଚନ ସିନ୍ଧେ-ଶିବସେନା, ଅଜିତ-ଏନସିପି ଏବଂ ବିଜେପି ପାଇଁ ନିଶ୍ଚୟ ସଂଘର୍ଷପୂର୍ଣ୍ଣ ହେବାର ପୂର୍ବାଭାସ ମିଳୁଛି । ଶରଦ ପାୱାର,ଉଦ୍ଧବ ଠକରେ ଓ କଂଗ୍ରେସ ମିଳିତ ଭାବରେ ବିଜେପିକୁ ପାନେ ଚଖାଇବାର କୌଣସି ଉଦ୍ୟମକୁ ହାତଛଡା କରିବେ ନାହିଁ । ଏହି ପରିପ୍ରେକ୍ଷୀରେ,ଗୃହ ମନ୍ତ୍ରୀ ଅମିତ ଶାହା ମହାରାଷ୍ଟ୍ର ଭୋଟରଙ୍କୁ ୧୦% ଅଧିକ ଭୋଟ ଦେବାକୁ ଯେଉଁ ଅପିଲ କରିଛନ୍ତି,ତାହା ରାଜନୈତିକ ଦୃଷ୍ଟିକୋଣରୁ ମହତ୍ୱପୂର୍ଣ୍ଣ ବୋଲି କୁହାଯାଇପାରେ । ଯାହା ଦେଖାଯାଉଛି, ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ବିଜେପି ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଠନ କରୁଥିଲେ ମଧ୍ୟ ଭୋଟ ହାରର ବ୍ୟବଧାନରେ ପଛରେ ରହୁଛି ଓ ଓଡ଼ିଶାରେ ବିଜେପିର ବିଜୟ ହୋଇଥିଲେ ମଧ୍ୟ ବିଜେଡି ଭୋଟ ହାରରେ ଆଗୁଆ । ରହିଥିଲା ଓ ସେହିପରି ଉତ୍ତର ପ୍ରଦେଶରେ ବିଜେପିର ଲୋକପ୍ରିୟତା ହ୍ରାସ ପାଇବାରେ ଲାଗିଛି । ଏହି ଦୃଷ୍ଟିକୋଣରୁ ବିଚାର କଲେ,ଭୋଟରମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପଉଛି ଓ ମହଙ୍ଗା ମାଡ, ବେରୋଜଗାରୀ, ୨୦୫ ଲକ୍ଷ କୋଟି ଟଙ୍କାର ଋଣ ବୋଝ, ଆର୍ଥିକ ଅସମାନତା ଆଦି ବିଜେପି ପାଇଁ ନିର୍ବାଚନୀ ପ୍ରସଙ୍ଗ ନୁହେଁ ଓ ପ୍ରଶ୍ନପତ୍ର ଲିକ ଏବଂ ଆଶାୟୀ ଯୁବପୀଢ଼ିଙ୍କ ଭବିଷ୍ୟତ ସହିତ ଖେଳିବା ପ୍ରଭୃତି ପ୍ରସଙ୍ଗକୁ ବିଜେପି ଆଦୌ ଗୁରୁତ୍ୱ ଦେଉନାହିଁ ଓ ଦେଶର ପଚାଶ ଭଗରୁ ଅଧିକ ଯୁବ ଭୋଟର ଆଗାମୀ ଦିନରେ ସରକାରକୁ ନିର୍ବାଚିତ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ଓ ସେହିପରି ସେନାବାହିନୀରେ ଭର୍ତ୍ତି ପାଇଁ ଯେଉଁ ପୂର୍ବ ବ୍ୟବସ୍ଥା ଥିଲା ତାକୁ ପରିବର୍ତ୍ତନ କରି ଅଗ୍ନିବୀର ଯୋଜନା ଲାଗୁ କରିବା ଏକପ୍ରକାର ଏକାଟିଆ ନିଷ୍ପତ୍ତି ଥିଲା । ବିରୋଧୀ ଦଳଗୁଡିକ ପକ୍ଷରୁ ବାରମ୍ବାର ଏହି ପ୍ରସଙ୍ଗ ଉଠାଯିବା ଫଳରେ ଏବେ ସରକାର ଅଗ୍ନିବୀରରୁ ଅବସର ଗ୍ରହଣ ପରେ ଅର୍ଦ୍ଧସାମରିକ ବାହିନୀ ଓ ଅନ୍ୟାନ୍ୟ ସଂସ୍ଥାରେ ସରଂକ୍ଷଣ ଘୋଷଣା କରି ଏକ ନୂଆ ଭେଳିକି ଦେଖାଇଛନ୍ତି । ସେହିପରି କୃଷକ ଆନ୍ଦୋଳନ ପ୍ରତ୍ୟାହୃତ ହେବା ସମୟରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମେସପି)ବୃଦ୍ଧି କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ନିରାଶ କରିଛି ଓ ୨୦୧୪ରେ ସରକାରଙ୍କ ଉପରେ ଆର୍ଥିକ ଋଣ ବୋଝ ୫୫ ଲକ୍ଷ କୋଟି ଥିା ବେଳେ ୨୦୨୩-୨୪ରେ ତାହା ୨୦୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲାଣି । ଏହି ପ୍ରସଙ୍ଗଗୁଡିକ ଉପରେ ଆଲୋକପାତ କରିବାର ଉଦ୍ଦେଶ୍ୟ ହେଲା ଆଗାମୀ ଦିନରେ ବୁଦ୍ଧିଜୀବୀ ଓ ଯୁବ ଗୋଷ୍ଠୀ ଏ ନେଇ ଚିନ୍ତା ପ୍ରକଟ କରିବା ସ୍ୱାଭାବିକ ଓ ଏପରିକି ଆର୍ଥିକ ଋଣ ବୋଝ ବଢୁଥିବା ନେଇ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ମଧ୍ୟ ଚେତାବନୀ ଶୁଣାଇ ସାରିଲାଣି ଓ ୟୁକ୍ରେନ ଓ କାନାଡ଼ା ସହିତ ସମ୍ପର୍କ ସୁଧୁରିବାର ନା ଧରୁନି । ଏପଟେ ଭାରତକୁ କଡା ସମାଲୋଚନା କରିଥିବା ମାଳଦ୍ୱୀପକୁ ମନାଇବା ପାଇଁ ୪ ହଜାର କୋଟି ଟଙ୍କାର ଆର୍ଥିକ ସହାୟତା କୂଟନୈତିକ ଦୃଷ୍ଟକୋଣରୁ ଭାରତ ପାଇଁ କେତେଦୂର ସହାୟକ ହେବ ତାହା ସମୟ କହିବ ଓ ମହାରାଷ୍ଟ ବିଧାନସଭା ନିର୍ବାଚନରେ ଆଲୋଚିତ ପ୍ରସଙ୍ଗର ପ୍ରତିଫଳନ ହେବା ସହିତ ରାଜନୈତିକ ଘୋଡ଼ାବେପାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇପାରେ । ତେବେ ନିକଟରେ ପାୱାର ଗୋଷ୍ଠୀ ଛାଡି ଅଜିତ ଗୋଷ୍ଠୀରେ ସାମିଲ ହୋଇଥିବା ପୂର୍ବତନ ମନ୍ତ୍ରୀ ତଥା ଏନସିପି ନେତା ବାବା ସିଦ୍ଧିକିଙ୍କ ହତ୍ୟା ଘଟଣା ନେଇ ମହାରାଷ୍ଟ ରାଜନୀତି ସରଗରମ ହେବାରେ ଲାଗିଛି ଓ ବଲ୍ଲିଉଡ଼ ମଧ୍ୟ ଥରହର ହୋଇଉଠିଛି । ଜନପ୍ରିୟ ନେତା ସିଦ୍ଧିକିଙ୍କୁ ଶାରଦୀୟ ମହୋତ୍ସବ ଚାଲିଥିବାବେଳେ କିପରି ଅତି ନିକଟରୁ ନିର୍ମମ ଭାବରେ ହତ୍ୟା କରାଗଲା ତାହା ସାରା ମହାରାଷ୍ଟ୍ରରେ ଚର୍ଚ୍ଚାର ବିଷୟ ହୋଇଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ଗୁରୁତର ପ୍ରଶ୍ନ ଉଠିଛି । ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଏଥିପାଇଁ ଦାୟୀ ବୋଲି କୁହାଯାଉଥିବା ବେଳେ ସବୁଠାରୁ ସୁରକ୍ଷିତ କୁହାଯାଉଥିବା ସାବରମତି ଜେଲରେ ବନ୍ଦୀ ଥିବା ଲରେନ୍ସ କିପରି ଜେଲରୁ ତାର ଅପରାଧ ନେଟୱର୍କ ସକ୍ରିୟ କରିପାରୁଛି ତାହା ଅତ୍ୟନ୍ତ ବିସ୍ମୟକର । କେନ୍ଦ୍ର ଗୃହ ବିଭାଗ ଓ ମୁମ୍ବାଇ ପୋଲିସର ଅପାରଗତାକୁ ଘଣ୍ଟ ଘୋଡାଇ ଦିଆଯାଇନପାରେ । ଶୁଣାଯାଉଛି ଲରେନ୍ସର ୭୦୦ ସାର୍ପ ଶୁଟର ସାରା ଭାରତରେ ସକ୍ରିୟ ଅଛନ୍ତି । ସିଦ୍ଧିକିଙ୍କ ହତ୍ୟା ପରେ ତାଙ୍କର ପରମ ମିତ୍ର ବଲ୍ଲିଉଡ଼ ତାରକା ସଲମାନ ଖାନଙ୍କ ସୁରକ୍ଷା କଡାକଡି କରାଯାଇଛି । ବଲିଉଡ଼ ସହ ସିଦ୍ଧିକିଙ୍କ ଅତ୍ୟନ୍ତ ଉତ୍ତମ ସମ୍ପର୍କ ରହିଥିବା ଦୃଷ୍ଟିରୁ ଏହି ଜଘନ୍ୟ ହତ୍ୟା ଘଟଣା ସିନେତାରକା ମାନଙ୍କୁ ଶକ୍ତ ଆଘାତ ଦେଇଛି ଓ କିନ୍ତୁ ଏହି ଘଟଣା ପାଇଁ ବିରୋଧୀ ଦଳ ସିଧାସଳଖ ସିନ୍ଧେ ସରକାରଙ୍କୁ ଦାୟୀ କରିଛନ୍ତି । ଏପରି ହତ୍ୟାକାଣ୍ଡ ଆଇନଶୃଙ୍ଖଳାର ଚରମ ଅଧୋଗତିକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ସ୍ୱାଭାବିକ ।

# ଜଣେ ଯୋଗଜନ୍ମା ରତନ

**ବିପିନ ବିହାରୀ ରାଉତ**

ଭାରତୀୟ ଶିଳ୍ପ ଜଗତର ସବୁଠାରୁ ଉଜ୍ଜ୍ୱଳତମ ରତ୍ନ, ଦେଶର ଗର୍ବ ଓ ଗୌରବ ରତନ ଟାଟାଙ୍କ ପରଲୋକ ସହିତ ଏକ ଯୁଗର ଅବସାନ ଘଟିଛି । କୁହାଯାଏ ଧରାପୃଷ୍ଠକୁ ସେ ଆସିଥିଲେ ଜଣେ ସାଧାରଣ ବ୍ୟକ୍ତି ଭାବରେ କିନ୍ତୁ ଜଣେ ଅନୁଷ୍ଠାନ ହୋଇ ସେ ବିଦାୟ ନେଇଛନ୍ତି ଆମ ମାନଙ୍କ ଠାରୁ । ଟାଟା ଗ୍ରୁପକୁ ବିଶ୍ୱକୁ ପରିଚିତ କରିବାରେ ସେ ଥିଲେ ପ୍ରମୁଖ ସିଦ୍ଧହସ୍ତ ଓ ବ୍ୟବସାୟରେ ଜଣେ ବିଚକ୍ଷଣ ବ୍ୟକ୍ତିତ୍ୱ । ସାରା ଜୀବନ ଅବିବାହିତ ରହି ସବୁବେଳେ ଲୋକମାନଙ୍କ ମଙ୍ଗଳ ପାଇଁ ସେ ହିଁ ଚିନ୍ତା କରୁଥିଲେ । ଭାରତୀୟ ଶିଳ୍ପକୁ ବିଶ୍ୱ ବନ୍ଦିତା କରିବାରେ ସେ ଅଗ୍ରଣୀ ଭୂମିକା ନେଇଥିଲେ । କେବଳ ସେତିକି ନୁହେଁ ଟାଟା କମ୍ପାନୀକୁ ଅପହଞ୍ଚ ଦୂରତାରେ ପହଞ୍ଚାଇଥିବା ଏହି ବିଶିଷ୍ଟ ଶିଳ୍ପପତି ତାଙ୍କ କମ୍ପାନୀର ତମାମ ଲାଭର ପ୍ରମୁଖ ଭାଗ ଦାତବ୍ୟ କାର୍ଯ୍ୟ ପାଇଁ ଦାନ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ରତନ ଟାଟାଙ୍କୁ ଭଲ ପାଉଥିବା ଲୋକମାନଙ୍କର ଶ୍ରଦ୍ଧା ଯେ କେଉଁପରି ତାହା ତାଙ୍କ ଅନ୍ତିମ ଯାତ୍ରା ବେଳେ ପ୍ରମାଣିତ ହୋଇଛି । ଜଣେ ଉଦ୍ୟୋଗୀ ନୁହେଁ ବରଂ ପ୍ରକୃତ ଭାରତୀୟକୁ ହରାଇଲା ଆମ ଦେଶ । ସମସ୍ତେ ସେହି ମହାନ ପୁରୁଷ, ପରୋପକାରୀ ଓ ଦାନବୀରଙ୍କ ବିୟୋଗରେ ପ୍ରଶଂସମୁଖର ହୋଇଛନ୍ତି ।

୧୯୩୭ରେ ଟାଟା ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ମାତ୍ର ଦଶ ବର୍ଷ ବୟସ ବେଳେ ପିତା ମାତା ଅଲଗା ହୋଇଯାଇଥିଲେ । ଜେଜେମାଙ୍କ ଦ୍ୱାରା ତାଙ୍କ ବାଲ୍ୟକାଳ ବଢ଼ିଥିଲା । ପରବର୍ତ୍ତୀ ସମୟରେ ସୁନାମଧନ୍ୟ ହାର୍ଭାର୍ଡ଼ ଆଡ଼ଭାନ୍ସ ମ୍ୟାନେଜମେଣ୍ଟ କୋର୍ସ କରିଥିଲେ ଏବଂ ଟାଟା ଗ୍ରୁପର ବିଭିନ୍ନ କମ୍ପାନୀରେ ନିମ୍ନ ପଦବୀରେ ରହି ନିଜ କ୍ୟାରିୟର ତିଆରି କରିବା ଆରମ୍ଭ କରିଥିଲେ । କଠିନ ପରିଶ୍ରମ ବଳରେ ୧୯୭୧ରେ ସେ ନେଲକୋର ନିର୍ଦ୍ଦେଶକ ହୋଇଥିଲେ । ତେବେ ଓଡ଼ିଶା ସହ ତାଙ୍କର ବିଶେଷ ସମ୍ପର୍କ ଓ ଓଡ଼ିଶା ବିକାଶରେ ତାଙ୍କର ପ୍ରମୁଖ ଯୋଗଦାନ ରହିଛି । ତାଙ୍କ ଜୀବନକାଳ ଭିତରେ ଅନେକଥର ସେ ଓଡ଼ିଶା ଆସିଛନ୍ତି । ତାଙ୍କର ଓଡ଼ିଶା ପ୍ରତି ଅକୁଣ୍ଠ ଭଲ ପାଇବାର ବଡ଼ ପ୍ରମାଣ ରହିଛି । ଯାଜପୁର କଳିଙ୍ଗନଗରର ଇସ୍ପାତ କାରଖାନାର ପରବର୍ତ୍ତୀ ସମୟରେ ଗୋପାଳପୁରରେ ଏସଇଜେଡ଼ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଅନେକ ଲୋକଙ୍କ ଜୀବନଧାରାକୁ ବଦଳାଇ ପାରିବାରେ ସକ୍ଷମ ହୋଇପାରିଥିଲେ । ୧୯୯୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହରାଓଙ୍କ ସହ ଗୋପାଳପୁର ଇସ୍ପାତ କାରଖାନାର ଭିତ୍ତି ପ୍ରସ୍ତର ଉଦଘାଟନ କରିଥିଲେ । ଏହାପରେ ବସ୍ତି ବାସିନ୍ଦାଙ୍କ ଉନ୍ନତିକଳ୍ପେ ୨୦୦୮ରେ ଟାଟା କମ୍ପାନୀ ଓଡ଼ିଶା ସରକାରଙ୍କ ସହ ମିଶି ଜାଗା ମିଶନ ଲାଗି କାର୍ଯ୍ୟକ୍ରମ ହାତକୁ ନେଇଥିଲା । କେବଳ ସେତିକି ନୁହେଁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଟାଟା ଟ୍ରଷ୍ଟ ଓଡ଼ିଶାରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଦକ୍ଷତା ବିକାଶ ଭଳି କ୍ଷେତ୍ର ପାଇଁ କାର୍ଯ୍ୟ ଆରମ୍ଭ କରିଥିଲା । ମହାବାତ୍ୟା ଓ ଫନି ସମୟରେ ଟାଟା ଟ୍ରଷ୍ଟ ଓ ଟାଟା କମ୍ପାନୀ ଓଡ଼ିଶାର ପୁର୍ନଉଦ୍ଧାରରେ ସହଯୋଗର ହାତ ବଢ଼ାଇଥିଲେ । ତାଙ୍କର ସବୁଠାରୁ ବଡ଼ ସହଯୋଗ ହେଉଛି କଳିଙ୍ଗନଗର ଇସ୍ପାତ କାରଖାନା । କାରଣ ଏଠାରେ ଟାଟା ପକ୍ଷରୁ ସୁବୃହତ୍ତ କାରଖାନା ଗଢ଼ିଉଠିବା ପରେ ରାଜ୍ୟ ସହ ସ୍ଥାନୀୟ ଅଞ୍ଚଳର ଯୁବ ବର୍ଗ ବ୍ୟାପକ ଭାବେ କର୍ମସଂସ୍ଥାନ ପାଇବା ସହ ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଓ ନିଯୁକ୍ତିରେ ଟାଟା ବିଶେଷ ସହଯୋଗର ହାତ ବଢ଼ାଇଥିଲା । ଡାକ୍ତରଖାନା, ବିଦ୍ୟାଳୟ ଓ ଧନ୍ଦାମୂଳକ ତାଲିମ ପ୍ରତିଷ୍ଠାନ ସ୍ଥାପନ ସହ ରାଜ୍ୟ ସରକାରଙ୍କ ସହ ଟାଟା କମ୍ପାନୀ ୨୦୦୪ରେ ଏମ୍ଓୟୁ କରିଥିଲା । ଅନେକ ହୁଏତ ଜାଣିନଥିବେ ବିଶ୍ୱର ସର୍ବବୃହତ୍ତ ବ୍ଲାଷ୍ଟ ଫର୍ନେଷ୍ଟ ଯାଜପୁରର କଳିଙ୍ଗନଗରରେ ଟାଟା ଷ୍ଟିଲ ସ୍ଥାପନ କରିଛି । ଏହାସହ କଳିଙ୍ଗନଗର ଫାସିଲିଟିରେ ଏଥିପାଇଁ ୨୭ ହଜାର କୋଟି ଟଙ୍କାର ପୁଞ୍ଜି ଲଗାଯାଇଛି । ସଂପ୍ରତି ୮ ନିୟୁତ ଟନକୁ ଏହି ୟୁନିଟର କ୍ଷମତା ବଢ଼ିଛି । ମେରାମୁଣ୍ଡଳୀରେ ୫.୧ ନିୟୁତ ଟନ ଓ ଗମ୍ଭାରିଆରେ ୧ ନିୟୁତ ଟନର କ୍ଷମତା ବିଶିଷ୍ଟ ଟାଟା ଷ୍ଟିଲର ପ୍ରକଳ୍ପ ଆରମ୍ଭ ହୋଇଛି । ଟାଟା ଟ୍ରଷ୍ଟ ଓଡ଼ିଶା ସରକାରଙ୍କ ସହଯୋଗରେ ଗ୍ରାମାଞ୍ଚଳରେ ଶିଶୁ ସ୍ୱାସ୍ଥ୍ୟ, ଶିଶୁ ପୋଷଣ ଓ ଗୁଣାତ୍ମକ ଶିକ୍ଷାର ବିକାଶ ସହ ଯୁବ ବର୍ଗଙ୍କ ଦକ୍ଷତା ବିକାଶ ଉପରେ ଫୋକସ କରି ଅନେକ ପ୍ରକଳ୍ପ ହାତକୁ ନେଇଛି ।

ଜଣେ ଶାନ୍ତ, ଭଦ୍ର, ନମ୍ର ଓ ବିନମ୍ର ବ୍ୟବହାର ତଥା ଆଚରଣର ମୁକ୍ତିମନ୍ତ ପ୍ରତୀକ ଥିଲେ ରତନ ଟାଟା । ତାଙ୍କ ତମାମ ଜୀବନ ଭିତରେ କୌଣସି ସାମାନ୍ୟତମ ବିବାଦତ ଦୂରର କଥା କାହାଙ୍କୁ ତିଳେମାତ୍ର ଖରାପ ବ୍ୟବହାର ଦେବାର କେହି କେବେ ଦେଖି ନାହାଁନ୍ତି । କେବଳ ନିଜ କମ୍ପାନୀର ଛୋଟ କର୍ମଚାରୀ ନୁହଁନ୍ତି ବୟସରେ କମ ହୋଇଥିବା ଲୋକଙ୍କୁ ମଧ୍ୟ ସେ ସମ୍ମାନ କରୁଥିଲେ । ସେମାନଙ୍କର ସୁବିଧା ଅସୁବିଧା ବୁଝି ଯଥା ସମ୍ଭବ ସାହାଯ୍ୟ କରୁଥିଲେ । ତାଙ୍କ ବକ୍ତବ୍ୟ ଗୁଡ଼ିକ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି । ତାଙ୍କ କଥା ଗୁଡ଼ିକ ଏକ ଏକ ଜୀବନ ଚେତନାର ବାଣୀ କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କ ବକ୍ତବ୍ୟ ଥିଲା - 'ସଫଳତା କେବଳ ଜଣେ ବ୍ୟକ୍ତି ନୁହେଁ, ଅନେକ ଲୋକଙ୍କ ହେବା ଦରକାର । କୌଣସି କାମ ଏକାକୀ ଆରମ୍ଭ କର କିନ୍ତୁ ତାହା ଯେତେବେଳେ ବହୁତ ବଡ଼ ସଫଳତା ପାଇବ ସେଥିରେ ଶହ ଶହ ଲୋକ ଉପକୃତ ହେବା ଦରକାର । କାମକୁ ସବୁବେଳେ ପୂଜା କର ଆଉ କାମକୁ ସର୍ବଦା ସମ୍ମାନ ପ୍ରଦାନ କର ।' ଟାଟା ଗ୍ରୁପର ବ୍ୟବସାୟକୁ ୩୬୫ ବିଲିୟନ ଡଲାରରେ ପହଞ୍ଚାଇ ତାଙ୍କ ଗ୍ରୁପ ଅଧୀନରେ ୩୦ଟି କମ୍ପାନୀର ୧୦ ଲକ୍ଷରୁ ଅଧିକ ଲୋକ ଚାକିରି କରିଛନ୍ତି । କହିବାକୁଗଲେ ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ହେଉଛି ୩୮ଶହ କୋଟି ଟଙ୍କା । କିନ୍ତୁ ନିଜ ଆୟର ୬୬% ରାଶି ଟାଟା ଟ୍ରଷ୍ଟକୁ ଦାନ କରୁଛନ୍ତି । କେବଳ ବ୍ୟବସାୟରେ ଯେ ଲାଭ ମିଳିଥାଏ ତାହା ନୁହେଁ ସମାଜକୁ ନିଜ ଜୀବନର ମହାର୍ଘ୍ୟ ଅବଦାନରୁ କିଛି ଫେରାଇବା ଉପରେ ସର୍ବଦା ଗୁରୁତ୍ୱ ଦେଇ ତାଙ୍କର ସେ ମୂଲ୍ୟବୋଧକୁ ଟାଟା ଗ୍ରୁପର ସମସ୍ତ କମ୍ପାନୀର ସବୁ କର୍ମଚାରୀଙ୍କ କର୍ତ୍ତବ୍ୟରେ ଦେଖିବାକୁ ମିଳେ । ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ଓ ପଦ୍ମ ବିଭୂଷଣ ମିଳିଥିଲେ ମଧ୍ୟ ଭାରତ ରତ୍ନ ଦେବା ପାଇଁ ନିକଟରେ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଭାରତର ଅର୍ଥନୀତି ଓ ଏକ ଐତିହାସିକ ଅଗ୍ରଗତିର ଦ୍ୱାରରେ ଛିଡ଼ା ହୋଇଥିବାବେଳେ ରତନ ଟାଟାଙ୍କ ଜୀବନ ଓ କାମ ଏହି ଲକ୍ଷ୍ୟରେ ପହଞ୍ଚାଇବାରେ ବିଶେଷ ସହାୟକ ହୋଇଛି । ତାଙ୍କ ସଚ୍ଚୋଟତା, କରୁଣାଭରା ବ୍ୟକ୍ତିତ୍ୱ ଭବିଷ୍ୟତ ପିଢ଼ୀର କର୍ପୋରେଟ, ଉଦ୍ୟୋଗୀ ଓ ଭାରତୀୟ ମାନଙ୍କୁ ପ୍ରେରଣା ଯୋଗାଇବ ନିଶ୍ଚୟ । ତାଙ୍କ ଭଳି କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସର୍ବଦା ଅମର । ତାଙ୍କ ଜୀବନ କୋଟି କୋଟି ଭାରତୀୟଙ୍କ ପାଇଁ ପ୍ରେରଣା ହେବ ଓ ସେ ଆମ ହୃଦୟରେ ବଞ୍ଚି ରହିବେ । ତାଙ୍କର ରାଷ୍ଟ୍ର ଗଠନର ପରମ୍ପରା ନୂଆ ପିଢ଼ୀକୁ ପ୍ରେରଣା ଯୋଗାଇବା ସହ ଉଲ୍ଲେଖନୀୟ ଜୀବନଯାତ୍ରା କେବଳ ଭାରତକୁ ନୁହେଁ ବରଂ ସମଗ୍ର ବିଶ୍ୱକୁ ପ୍ରେରଣା ଯୋଗାଇବ ।

ଶ୍ରୀବିହାର କଲୋନୀ, କଟକ, ର-ଙ୍କବସକ୍ଷ : ଉସକ୍ଟସଭକ୍ବକ୍ଟଙ୍କଷଅକ୍ବରୟସଲଲଙ୍କବସକ୍ଷ.ମକ୍ଟଙ୍କ

# ବହୁଜାଣ ସର୍ବଜାଣ ଅଜାଣ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ପ୍ରତ୍ୟେକ ଗୁରୁ ବହୁଜାଣ, ଭଗବାନ ସର୍ବଜାଣ ଯେ ବିଦ୍ୟାର୍ଜନ କରିନାହିଁ କୌଣସି ବିଷୟରେ ଅନୁଭବ ବା ସଙ୍ଗତ ନାହିଁ ପୁଣି ଜାଣିବା ପାଇଁ ସ୍ପୃହା ନାହିଁ ସେ ହେଉଛନ୍ତି ଅଜାଣ । ମର୍ତ୍ତ୍ୟରେ ଦେବାଦେବୀ ଗାଦି ପୀରସ୍ଥାନ ଗୁରୁ ଆସ୍ଥାନ ବୃକ୍ଷ ପୂଜା କରାହେଉଛି । ଭକ୍ତିରେ ଯେ ପୂଜା କରୁଛନ୍ତି ସେ ବୁଝନ୍ତି ଏସବୁ ସର୍ବଜାଣ ମାତ୍ର ବ୍ୟକ୍ତିଟିର ଭଲ ଓ ମନ୍ଦ ଚକ୍ରରେ ଯେତେବେଳେ ମନ୍ଦ ବ୍ୟଥିତ କରୁଛି କଷ୍ଟ ଦେଉଛି ସେତେବେଳେ ଏମାନଙ୍କ ପାଖକୁ ଯାଇ ମନର ବେଦନା ବ୍ୟକ୍ତ କରୁଛି । ମନ୍ଦ ନିବାରଣ ଉପାୟ ପାଇଁ ଆବେଦନ ନିବେଦନ କରୁଛନ୍ତି । ସର୍ବଜାଣ ସଜା ମୌନମୁଦ୍ରାରେ ହେଲେ ଶାସ୍ତ୍ରରୁ ଗୁରୁ ମୁଖରୁ ଲୋକଜ୍ଞାତ ଭଗବାନ ସବୁ ଶୁଣନ୍ତି ଦେବତା ସବୁ ଶୁଣନ୍ତି ଜାଣନ୍ତି ଅତଏବ ସେ ମାଲିକ ବା ମାଲିକାଣୀ ଯୋଗୁଁ ମୁଖ ଫିଟିଲେ ଦୁଃଖ ପାଇ ପାରେ ଏ ପାଇଁ ତାଙ୍କ ପାଖରେ ଦରଖାସ୍ତ ଗୁହାରୀ ଆଦି । ଦେବତା, ପଥର କାଠ, ଧାତୁ ମାଟି ବା କାଗଜଚିତ୍ର ଏସବୁ ସ୍ଥିର ଏଠାରୁ ଏକ ଭକ୍ତି ମିଳେ ସ୍ଥିରୋଭାବ । ଯାହା ଧୈର୍ଯ୍ୟ ଧରି ଏଇ ଧୈର୍ଯ୍ୟରେ ରହିଲେ ସମୁଦ୍ର ଲହଡି ମାଡି ଆସୁଥିବା ସମୟ ପୁନଃ ଫେରସ୍ତ ଚାଲିଯାଇପାରେ ବା କଷ୍ଟ ଉଭେଇ ଯାଇପାରେ ।

ବହୁଜାଣ ଗୁରୁମାନେ ଗୁରୁଜନମାନେ ଶିକ୍ଷକମାନେ ସର୍ବଦା ସହାୟତା ସତର ମାତ୍ର ଜୀବନରେ କିଛି କିଛି ପର୍ଯ୍ୟାୟ ଅଛି, ସେ ପର୍ଯ୍ୟାୟରେ ପଡ଼ିବା ପାଇଁ ତା ଆଗରୁ ଗୁରୁ ଗୁରୁଜନ ଶିକ୍ଷକମାନେ କିଛି ଶିକ୍ଷା ସାଧନା ଶିକ୍ଷା ଦେଇ ଅଭ୍ୟସ୍ତ କରାନ୍ତି । ତାପରେ ଆସେ ପରୀକ୍ଷା ବେଳ ସେ ଅଭ୍ୟସ୍ତ ଜ୍ଞାନ ଅନୁଭୂତିରେ ସେ ପରୀକ୍ଷକକୁ ମୁକାବିଲା କରି ପାରି ହେବାକୁ ପଡ଼େ । ଯଦି ଉତ୍ତୀର୍ଣ୍ଣ କେହି ନଲେଖା ତେବେ ସେ ପର୍ଯ୍ୟାୟ ସେଠାରେ ଅଧା ରହିଯାଏ । ଅପୂର୍ଣ୍ଣ ଶିକ୍ଷା ରହିଯାଏ । ପ୍ରୟାସ କରିଥାନ୍ତି, କେହି ଅଳ୍ପବସ୍ତ୍ର କେହି ଉଲ୍ଲଗ୍ନ ଦିଗାମ୍ବର ବି ହୋଇଥାନ୍ତି । କେହି କୁମ୍ଭୀପଟ ବସ୍ତ୍ର କୌପୀନ ମାରିଥାନ୍ତି । ବଡ଼ ବଡ଼ ନିର୍ମାଣ କୋଠା ତାଙ୍କୁ ବିଷୟ ବିଷରେ ପକାଇଥାଏ । ଏଥିରୁ ବଞ୍ଚିତ ହେବା ପାଇଁ ସେ ଚେଷ୍ଟା ଜାହିର କରିଥାନ୍ତି । ହେଲେ ସଂସାରୀ ଚେଲା ସଙ୍ଗ ତାଙ୍କୁ ଏପରି ମାୟାରେ ପକାଇଥାଏ । ମାଧୁକରୀ ଜୀବନ ସଂକଳ୍ପ ତାଙ୍କର ଚେଲା ଗୁଡ଼ିଏଙ୍କ ଦ୍ୱାରା ରଦ୍ଦ ହୋଇଯାଏ ।

ଇନ୍ଦ୍ରିୟ ନିୟନ୍ତ୍ରଣରେ ମହାରାଜରୁ ସେମାନେ ବିଷୟ ବିଷ ଭୋଜ ମହାରାଜ ଡାକରେ ଆସିଥାନ୍ତି । ଗାଡ଼ି ଜାତି, ପୋଷାକ ଭେକ ସବୁ ସନ୍ନ୍ୟାସୀ ତେଜ୍ୟା କରି ପୁନଃ ସେଥିରେ ପଡ଼ନ୍ତି । ଭେକ କହିଲେ ସମ୍ପ୍ରଦାୟ ସନ୍ନ୍ୟାସୀ ଗୁରୁ ପନ୍ଥାର ଦଣ୍ଡ ପୋଷାକ ବସ୍ତ୍ର ମାଳା ତିଳକାଦି ଧାରଣ । ଜ୍ୟୋତିଷରେ ଅଛି ସକୁନ । ଏହା ଦେଖିଲେ ଗମନକାରୀ ବାସକାରୀ ସମସ୍ତେ ସତର୍କ ରହିବା କଥା । ବାଘଟିଏ ଘାସ ଖାଇଲେ ବିରାଡ଼ି ଟିଏ ବୈଷ୍ଣବ ହୋଇଯିବା ପରି ମାଛ, ମାଂସ ବର୍ଜନ କରି ଜୀବନ ଧାରଣ କରୁଥିବା ଦେଖାଗଲେ ଘରେ ବିଲୁଆ କୁକୁର ସର୍ପ ପ୍ରବେଶ କଲେ, ଜଳ ହଠାତ ବିକୃତ ହେଲେ, ଗୋରୁ ମାନେ ରାତ୍ରୀରେ ଗୁହାଳରେ ବୋବାଇଲେ ଏପରି ସନ୍ନ୍ୟାସୀ ସହିତ ନାରୀଟିଏ ବାସ କଲେ ସନ୍ନ୍ୟାସୀ ଲୋଭାସକ୍ତ ହୋଇ ଅର୍ଥାଦି ଚାହିଁଲେ ଜାଣିବ ଅମଙ୍ଗଳ ଆସିଗଲାଣି । ଅଜାଣ ସର୍ବଜାଣ ହେବା ଦେଖାଗଲେ ଅପଶକୁନରେ ଆସିଥାଏ । କ୍ରୋଧାକ୍ତ, ଅତିକାମାସକ୍ତ ମନୁଷ୍ୟର ବୃଦ୍ଧି କୋପକାରୀ ଏପରିକି ଅପମୃତ୍ୟୁକାରୀ ହୋଇଥାନ୍ତି । ବହୁଜାଣ ସମ୍ପୂର୍ଣ୍ଣ ସର୍ବଜାଣ ହେବା ମୁସ୍କିଲ କେବଳ ଏକ ବିଷୟରେ ଜାଣ ହୋଇ ବହୁଜାଣ ହୋଇଥାନ୍ତି । ସଂସାରରେ ଅନେକ ବିଦ୍ୟା କରିଗରୀ ଜ୍ଞାନ ଅନେକ ଜୀବନ ଧାରଣର ଅବଲମ୍ବନ । ଅନେକ ସୁଖର ଉତ୍ସ, ଅନେକ ଦୁଃଖ ନିବାରଣ ଦିଗ ଅନେକଙ୍କୁ ଦୁଃଖରେ ପଡ଼ିବା ଦିଗ ଅନେକ, ଏସବୁରେ କେହି ସମ୍ପୂର୍ଣ୍ଣ ସର୍ବଜାଣ ନାହାଁନ୍ତି । ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରଙ୍କ ନିର୍ମାଣ କିଏ କରିଛି ଏ ପାଇଁ ପ୍ରମାଣ ଖୋଜ ପରେ ସାକ୍ଷୀ ଦରକାରରେ ପ୍ରଥମେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର କୁରୁମ, ଏହାପରେ କଳ୍ପବଟର କାକ, ତାପରେ ହିମାଳୟର ନାଡ଼ୀ ଜଙ୍ଘବକଙ୍କୁ ପଚାରିବାକୁ ପଡ଼ିଥିଲା । ଏଥିରୁ ଜଣାପଡୁଛିସମୟ ଓ ବ୍ୟକ୍ତିତ୍ୱ ଜାଣିବା ଅନୁଭୂତିରେ ଅଭ୍ୟସ୍ତ ରହିଥାନ୍ତି । ଦୁଃଖ ଓ ଶୋକ ଭୋଗିବାକୁ ଚେଷ୍ଟା କରି କେହି ସଂସାର ତ୍ୟାଗୀ ହୋଇଥାନ୍ତି ପ୍ରକୃତରେ ପ୍ରକୃତି କିନ୍ତୁ ଏହାର ଦିଗର ବହୁ ଉତ୍ସକୁ ନିବାରଣକୁ ଚେଷ୍ଟା ଦେଇଥିବାବେଳେ କ୍ଷୁଧା ତୃଷ୍ଣା, ନିଦ୍ରା, ଖରା, ବର୍ଷା ଭୋଗିବାକୁ ସମ୍ପୂର୍ଣ୍ଣ ଛାଡ଼ କରାଇ ନଥାନ୍ତି । ଭୋକ ପାଇଁ ଭିକ୍ଷାବୃତ୍ତି ସନ୍ନ୍ୟାସୀମାନେ କରନ୍ତି, ତେବେ ସମସ୍ତଙ୍କ ପରି ଉତ୍ତମ ସ୍ୱାଦିଷ୍ଟ ଭୋଜନରେ ଇଛା । ଅଦ୍ୟମ୍ୟ ବାସନା ତାଙ୍କର ନିୟନ୍ତ୍ରିତ । ତୃଷ୍ଣା ପାଇଁ ସମସ୍ତେ ଶୁଦ୍ଧ ପାନୀୟ ଖୋଜରେ ଅଛନ୍ତି ମିନେରାଲ ଜଳ ଜୀବାଣୁ ଶୂନ୍ୟ ଜଳ ପାଇଁ ଯନ୍ତ୍ରପାତି ଲଗାଇ ଫିଲଟର ଲଗାଇ ପିଇବା ପାଣି ପିଉଛନ୍ତି । ହେଲେ ନଦୀ ଜଳ ଝରଣା ଜଳ କୂପ ଜଳ ଏମାନେ ସଂଗ୍ରହ କରି ପିଇଥାନ୍ତି । ତେବେ ପଶୁପରି ଯେକୌଣସି କର୍ଦ୍ଦମାକ୍ତ ଜଳ ଗ୍ରହଣ କରନ୍ତି ନାହିଁ । ନିଦ୍ରାରେ ସନ୍ନ୍ୟାସୀମାନେ ବଶୀଭୂତ ନୁହଁନ୍ତି । ମାତ୍ର ଶୟନ ସ୍ଥାନ ହିଂସ୍ରପଶୁ ସରୀସୃପା ଦି ରହିତ ସ୍ଥାନ ବାଛି ଶୟନ ସ୍ଥାନ କରିଥାନ୍ତି । ଖରାବର୍ଷାରୁ ସମସ୍ତଙ୍କ ପରି ରକ୍ଷା ପାଇଁ ଗଛମୂଳ ବା କୁଟୀର ନିର୍ମାଣ କରି ଶୟନବାସ ସ୍ଥାନ ବାଛିଥାନ୍ତି । ଦେହର ବାହ୍ୟଜ୍ଞାନ ପ୍ରତି ଯତ୍ନ ନେବା ଆସ୍ତେ ଆସ୍ତେ ଛାଡ଼ନ୍ତି ହେଲେ ସ୍ନାନ ଶୌଚ ଛାଡ଼ନ୍ତି ନାହିଁ । ନାପିତ ଆବଶ୍ୟକ ନାହିଁ ବା ଖୁଦ ବସ ଦରକାର । ବସ୍ତ୍ର ସଫାକାରୀ ଧୋବାରୁ ମଧ୍ୟ ବଞ୍ଚିତ ହେବାକୁ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଅମୂଲ୍ୟ ରତନ, 'ଦ ଟଲ୍ ଲିଡର'

**ଡଃ.ଅରୁନ୍ଧତୀ ଦେବୀ**

ଭାରତୀୟ ଶିଳ୍ପ ଜଗତର ସୁନାମ ଧନ୍ୟ ବ୍ୟକ୍ତିତ୍ୱ ଶିଳ୍ପପତି ରତନ ଟାଟାଙ୍କର ଛୟାଅଶି ବର୍ଷ ବୟସରେ ପରଲୋକ ହୋଇଯାଇଛି । ଅନେକ ହୁଏତ ଜାଣିନଥିବେ ଦେଶରେ ଷ୍ଟାର୍ଟଅପ୍ ବ୍ୟବସ୍ଥାର ବିକାଶ ପ୍ରତି ସମର୍ପିତ ଥିଲେ ରତନ ଟାଟା । ସେ ଲେନସକାର୍ଟ, ଅର୍ବାନ କମ୍ପାନୀ, ଫ୍ରାଷ୍ଟକ୍ରାଏ, ଓଲା, ଓଲା ଇଲେକ୍ଟ୍ରିକ, ମୋଗଲିକ୍ସ, ସ୍ନାପଡିଲ, କିଓରଫିଟ, ଅପଷ୍ଟକ୍ସ, ନେଷ୍ଟଆୱେ, କ୍ୟାସକରୋ, ଟାକ୍ସନ, ଜିଭାମି, ପେଟିଏମ ମଲ, ଯୋରଷ୍ଟୋରି, ଟର୍କ ମୋଟର୍ସ, ଆମ୍ପିୟର ଭେଇକିଲ, ସ୍ନାପବିଜ, କ୍ୱିକପଡ଼, ଆକ୍ୱିଓ, ଟି ବକସ, ଦି ପ୍ରିଣ୍ଟର, ବେହେକୋ, ଟିମ ଇଣ୍ଡସ, ବୋଲାଣ୍ଡ ଇଣ୍ଡଷ୍ଟ୍ରିଜ ଭଳି ଅନେକ ଷ୍ଟାର୍ଟଅପ୍‌ରେ ସେ ନିବେଶ କରିଥିଲେ ।

ନିଜ ଜୀବନ କାଳ ଭିତରେ ସେ ଅନେକ ଥର ଓଡ଼ିଶା ଆସିଥିଲେ । ଖଣିଜ ସମ୍ପଦ ବହୁଳ ରାଜ୍ୟ ଓଡ଼ିଶାରେ ଏକ ଇସ୍ପାତ କାରଖାନା ସ୍ଥାପନ କରିବା ଲାଗି ସେ ମନ ବଳାଇ ଥିଲେ । ପ୍ରଥମେ କାରଖାନାଟି ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ସ୍ଥାପନ ହେବ ବୋଲି ସ୍ଥିର ହୋଇଥିଲା । ୧୯୯୧ରେ ଟାଟା ଗ୍ରୁପର ନେତୃତ୍ୱ ଭାର ଗ୍ରହଣ କରିବାର କିଛି ବର୍ଷ ମଧ୍ୟରେ ସେ ଏହି ପ୍ରକଳ୍ପ ଉପରେ କାମ ଆରମ୍ଭ କରିଥିଲେ । ୧୯୯୫ ଡିସେମ୍ବର ୩୦ରେ ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି.ନରସିଂହ ରାଓଙ୍କ ସହ ଗୋପାଳପୁର ଆସିଥିଲେ । ସେଠାରେ ଶ୍ରୀ ନରସିଂହ ରାଓ ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ କରିଥିଲେ । ରାଜ୍ୟରେ ଶିଳ୍ପାୟନ ଠାରୁ ଆରମ୍ଭ କରି ବନ୍ଦର, ସୂଚନା ପ୍ରଯୁକ୍ତି, ବସ୍ତିବାସିନ୍ଦାଙ୍କ କଲ୍ୟାଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ରତନ ଟାଟାଙ୍କ ଉଲ୍ଲେଖନୀୟ ଯୋଗଦାନ ରହିଲା । ଯେତେବେଳେ ଓଡ଼ିଶାରେ ସୂଚନା ପ୍ରଯୁକ୍ତି ଶିଳ୍ପ ବିକାଶ ପର୍ଯ୍ୟାୟରେ ଥିଲା, ସେହି ସମୟରେ ରାଜ୍ୟ ଉପରେ ରତନ ଟାଟା ଭରସା ପ୍ରକଟ କରିଥିଲେ । ତାଙ୍କ ସମୟରେ ଟାଟା କନସଲଟାନ୍ସି ସର୍ଭିସେସ ଭୁବନେଶ୍ୱରରେ ଏହାର କ୍ୟାମ୍ପସ ସ୍ଥାପନ କରିବା ସହ ତାହାର ସମ୍ପ୍ରସାରଣ ମଧ୍ୟ କରିଥିଲା । ରାଜ୍ୟର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଲାଗି ରତନ ଟାଟାଙ୍କ ପ୍ରତିବଦ୍ଧତା ରାଜ୍ୟରେ ଏକ କ୍ୟାନସର ହସ୍ପିଟାଲ ସ୍ଥାପନ କରିବା ଲାଗି ହୋଇଥିବା ବୁଝାମଣାରୁ ପ୍ରମାଣିତ ହେଉଛି । ଭୁବନେଶ୍ୱରରେ ଏକ କ୍ୟାନସର ହସ୍ପିଟାଲ ସ୍ଥାପନ କରିବା ଲାଗି ଟାଟା ଟ୍ରଷ୍ଟ ପକ୍ଷରୁ ଯେଉଁ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା ସେହି କାର୍ଯ୍ୟକ୍ରମରେ ରତନ ଟାଟା ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଥିଲେ । ଓଡ଼ିଶାରେ ଶହ ଶହ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ କରିବାରେ ରତନ ଟାଟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ତାଙ୍କ ଉଦ୍ୟମରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ଓଡ଼ିଶାର ଲିଭେବଲ ହାବିଟାଟ୍ ମିସନ । ଅଭିଯାନର ଲକ୍ଷ୍ୟ ଥିଲା ଥିଲା ବସ୍ତିରେ ବାସ କରୁଥିବା ଲୋକମାନଙ୍କ ଲାଗି ଆବଶ୍ୟକ ଭିତ୍ତିଭୂମିର ବ୍ୟବସ୍ଥା କରିବା । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ପୁରୀ ଓ ଗଞ୍ଜାମ ଜିଲ୍ଲାରେ ହିତାଧିକାରୀମାନଙ୍କୁ ଜମି କାଗଜପତ୍ର ପ୍ରଦାନ କରାଯାଇଥିଲା । ସେହି କାର୍ଯ୍ୟକ୍ରମରେ ନିଜେ ରତନ ଟାଟା ଯୋଗ ଦେଇଥିଲେ । ରତନ ଟାଟାଙ୍କ ସମ୍ପର୍କରେ ଏକ ଚମତ୍କାର ପୁସ୍ତକ ସମ୍ପର୍କରେ ଛୋଟିଆ ଉପସ୍ଥାପନ କରୁଛୁ । (କ୍ରମଶଃ)

# ରାଷ୍ଟ୍ର ନିର୍ମାଣ ଓ ପରୋପକାରର ପ୍ରତୀକ : ରତନ ଟାଟା

**ବାଦଲ ଭୂୟାଁ**

ସଚ୍ଚୋଟତା, ନୈତିକ ନେତୃତ୍ୱ, ପରୋପକାର ଓ ବିନୟ ସ୍ୱଭାବର ପ୍ରତୀକ ଥିଲେ ରତନ ଟାଟା । ତାଙ୍କ ଜୀବନ ଯାତ୍ରାର ଉଜ୍ଜ୍ୱଳତା ସମଗ୍ର ବିଶ୍ୱକୁ ପ୍ରେରଣା ଯୋଗାଉଥିବାବେଳେ ତାଙ୍କ ଦେହାନ୍ତ ସହିତ ଏକ ଯୁଗର ଅବସାନ ଘଟିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଟାଟା ଗ୍ରୁପ୍‌କୁ ବିଶ୍ୱରେ ପରିଚିତ କରିବାରେ ସେ ଥିଲେ ବିନ୍ଧାଣି । ବ୍ୟବସାୟରେ ବିଚକ୍ଷଣ ଗୋଟି ଚାଳନାରେ ସେ ଥିଲେ ସିଦ୍ଧ ହସ୍ତ । ସାରା ଜୀବନ ଅବିବାହିତ ରହିଥିବା ରତନ ଟାଟା ସର୍ବଦା ଲୋକମାନଙ୍କ ମଙ୍ଗଳ ଚିନ୍ତା କରୁଥିଲେ । ତାଙ୍କ ଭଳି ଜଣେ ଶିଳ୍ପପତିଙ୍କୁ ହରାଇବା ଭାରତ ଲାଗି ଅପୂରଣୀୟ କ୍ଷତି ହୋଇଛି । ରତନ ଟାଟାଙ୍କ ଜୀବନରୁ ମିଳୁଥିବା ସବୁଠୁ ବଡ଼ ପ୍ରେରଣା ହେଉଛି ବଡ଼ ସ୍ୱପ୍ନ ଦେଖିବାକୁ ଭୟ କରନାହିଁ । ସ୍ୱପ୍ନ ଦେଖ ଓ ତାହାକୁ ପୂରଣ କରିବା ଲାଗି ଚେଷ୍ଟା କର । ପ୍ରଥମେ ଲୋକମାନେ ଉପହାସ କରିପାରନ୍ତି, କିନ୍ତୁ ସଫଳତା ମିଳିବା ପରେ ସମସ୍ତେ ତାହାକୁ ସ୍ୱୀକାର କରିବା ସହିତ ଗର୍ବିତ ହେବେ । ଟାଟା ଗ୍ରୁପ୍‌କୁ କେବଳ ଭାରତ ଭିତରେ ସୀମିତ ରଖିବାକୁ ରତନ ଟାଟା ଚାହୁଁ ନଥିଲେ । ତାହାକୁ ଏକ ବିଶ୍ୱ ପ୍ରସିଦ୍ଧ କମ୍ପାନୀରେ ପରିଣତ କରିବାକୁ ଚାହୁଁଥିଲେ । ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକୁ ଅଧିଗ୍ରହଣ କରି ସେ ସାରା ଦୁନିଆରେ ଟାଟାର ପଦଚିହ୍ନ ସୃଷ୍ଟି କରିପାରିଥିଲେ । ତାଙ୍କ ବୈପ୍ଳବିକ ଓ ଅଭିନବ ପଦକ୍ଷେପ ଲାଗି ଟାଟା ଦୁନିଆର କୋଣ ଅନୁକୋଣରେ ପହଞ୍ଚି ପାରିଥିଲା । ଏବେ ଟାଟା ଗ୍ରୁପର ଦୁଇ ତୃତୀୟାଂଶ ରାଜସ୍ୱ ବିଦେଶ ବଜାରରୁ ଆସୁଛି ।

ଟାଟା ଗ୍ରୁପ ପ୍ରତିଷ୍ଠାତା ଜାମସେଦଜି ଟାଟା ଏବଂ ପୂର୍ବଜ ଜେଆରଡି ଟାଟାଙ୍କର ଦେଶର ଶିଳ୍ପ କ୍ଷେତ୍ରରେ ରହିଥିବା ସ୍ୱତନ୍ତ୍ର ଛାପକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ରତନ ଟାଟା । ଟାଟା ସନ୍ସରେ ତାଙ୍କର ତିନି ଦଶନ୍ଧିର ନେତୃତ୍ୱରେ ସେ ନିଜକୁ ପୁନଃ ଆବିଷ୍କାର କରିବା ସହ ଅତ୍ୟନ୍ତ ଭଦ୍ର, ଉଦାରଶୀଳ ଏବଂ ଦକ୍ଷ ଉଦ୍ୟୋଗୀ ଭାବେ ନିଜକୁ ଗଢ଼ି ତୋଳିଥିଲେ । ଟାଟା ସନ୍ସର ଅଧ୍ୟକ୍ଷ ହେବା ପରେ ରତନ ଟାଟା ଟାଟାଗ୍ରୁପ ପାଇଁ ଏକ ଅଭିନବ ଯୋଜନା ଗ୍ରହଣ କରିଥିଲେ । ଦେଶରେ ଲାଇସେନ୍ସ ରାଜ ଚାଲୁଥିବାବେଳେ ଟାଟା ଗ୍ରହଣ କରିଥିବା ଅଭିନବ ପଦକ୍ଷେପ ଅନେକଙ୍କ ଲାଗି ସ୍ୱପ୍ନ ଭଳି ଥିଲା । ଗୀତା ପିରାମଲ ତାଙ୍କ ପୁସ୍ତକ ବିଜନେସ ମହାରାଜାରେ ଲେଖିଛନ୍ତି ଉଦାରୀକରଣ ଆରମ୍ଭ ହେଉଥିବା ବେଳେ ଟାଟା ଗ୍ରୁପର କାୟାକଳ୍ପ ବଦଳାଇ ଦେବାକୁ ଅଣ୍ଟା ଭିଡ଼ିଥିଲେ ରତନ ଟାଟା । ନୂଆ ଟେକ୍ନୋଲୋଜି ଗ୍ରହଣ ସହ ଟାଟା ଗ୍ରୁପରେ ବଡ଼ ବ୍ରାଣ୍ଡ ଗୁଡ଼ିକର ମିଶ୍ରଣକୁ ସେ ଦେଇଥିଲେ ଅଗ୍ରାଧିକାର ।

ଭାରତକୁ ବିଶ୍ୱ ଅର୍ଥନୀତିର ଏକ ପ୍ରମୁଖ ଅଂଶୀଦାର ଭାବେ ଦେଖିବାକୁ ତାଙ୍କର ସ୍ୱପ୍ନ ଥିଲା । ୨୦୦୦ରେ ବ୍ରିଟେନର ଚା ପ୍ରସ୍ତୁତକାରୀ ଫାର୍ମ ତିତଲି ଏବଂ ଷ୍ଟିଲ କମ୍ପାନୀ କୋରସକୁ ଟାଟା ଗ୍ରୁପ ୧୨ ବିଲିୟନ ଡଲାରରେ ଅଧିଗ୍ରହଣ କଲା । କୌଣସି ଭାରତୀୟ କମ୍ପାନୀ ପକ୍ଷରୁ ଏହା ସେ ସମୟର ବଡ଼ ଅଧିଗ୍ରହଣ ଥିଲା । ଏହା ପରେ ପରେ ୨୦୦୮ରେ ଟାଟା ଗ୍ରୁପ ଅନ୍ୟ ଏକ ପ୍ରମୁଖ ଡିଲ ଦ୍ୱାରା ଜାଗୁଆର ଏବଂ ଲ୍ୟାଣ୍ଡ ରୋଭରକୁ ମଧ୍ୟ ଅଧିଗ୍ରହଣ କରିନେଲା । ଇଣ୍ଡିକା ଭଳି ପ୍ରଥମ କାର କମ୍ପାନୀ ସ୍ଥାପନା, ନାନୋ ଭଳି ସୁଲଭ କାର ପରିକଳ୍ପନା କେବଳ ଟାଟା ହିଁ କରିପାରିଥିଲେ । ଇଣ୍ଡିକାକୁ ବାଣିଜ୍ୟିକ ସଫଳତା ମିଳିଥିବା ବେଳେ ନାନୋ ଏତେଟା ସଫଳତା ପାଇ ପାରିନଥିଲା । ୨୦୦୪ରେ ଟିସିଏସକୁ ପୁଞ୍ଜି ବଜାରରେ ସୂଚୀଭୁକ୍ତ କରାଇଥିଲେ ଟାଟା । ଏହି ସମୟରେ ୧.୧୭ ବିଲିୟନ ଡଲାର ପୁଞ୍ଜି ବଜାରରୁ ଉଠାଣ ହୋଇଥିଲା । ଏହା ସେ ସମୟର ଭାରତର ସର୍ବବୃହତ ଏବଂ ଏସିଆର ଦ୍ୱିତୀୟ ବଡ଼ ଆଇପିଓ ଥିଲା । ୨୦୨୧ରେ ଟାଟା ଗ୍ରୁପ ଏୟାର ଇଣ୍ଡିଆକୁ ଅଧିଗ୍ରହଣ କଲା । ସିଙ୍ଗାପୁର ଏୟାରଲାଇନ୍ସ ସହ ମିଳିତ ହୋଇ ସେ ଆରମ୍ଭ କରିଥିବା ଭିସ୍ତାରା ଏବେ ଏୟାର ଇଣ୍ଡିଆ ସହ ମିଶ୍ରଣ ହୋଇଛି ।

ମୁମ୍ବାଇରେ ହୋଇଥିବା ୨୬/୧୧ ଆତଙ୍କବାଦୀ ଆକ୍ରମଣରେ ମଧ୍ୟ ସେ ଲୋକମାନଙ୍କ ସହ ଠିଆ ହୋଇଥିଲେ । ରିଲଫ ପ୍ରଦାନ ଠାରୁ ଆରମ୍ଭ କରି ପୀଡ଼ିତ ମାନଙ୍କୁ ସାହାଯ୍ୟ କରିବା ପର୍ଯ୍ୟନ୍ତ ସବୁ କିଛିର ସେ ପ୍ରତ୍ୟକ୍ଷ ଭାବେ ଦେଖାଶୁଣା କରିଥିଲେ । ପଶୁପକ୍ଷୀଙ୍କୁ ସେ ବହୁତ ଭଲ ପାଉଥିଲେ । ଅଧିକାଂଶ ସମୟରେ ନିଜ ପୋଷାକ କୁକୁର ସହ ତାଙ୍କର ଫଟୋ ଦେଖିବାକୁ ମିଳୁଥିଲା । ନିଜ ବାସ ଭବନ ପାଖରେ ବୁଲା କୁକୁର ଓ ପଶୁମାନଙ୍କୁ ଖାଦ୍ୟ ଖୁଆଉଥିବାର ମଧ୍ୟ ତାଙ୍କୁ ଦେଖିବାକୁ ମିଳେ । ମୁମ୍ବାଇରେ ଥିବା ତାଜ ମହଲ ପ୍ୟାଲେସ ହୋଟେଲର ଦ୍ୱାରକୁ ବୁଲା ପଶୁଙ୍କ ଲାଗି ଖୋଲା ରହିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି ବର୍ଷା ଓ ଖରାପ ପାଣିପାଗ ପରିସ୍ଥିତିରେ ସେମାନଙ୍କୁ ଆଶ୍ରୟ ଦେବାକୁ କହୁଥିଲେ । ସେ ପଶୁଙ୍କ ପ୍ରତି ଦୟାଳୁ ଭାବ ଦେଖାଇବା ପରେ ଦେଶର ଅନେକ ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନ ତାଙ୍କୁ ଅନୁସରଣ କରି ପଶୁଙ୍କ ଯତ୍ନ ନେଇଥିଲେ । ପଶୁଙ୍କୁ ଉଦ୍ଧାର କରି ତାଙ୍କ ଚିକିତ୍ସା କରୁଥିବା ବହୁ ସଂସ୍ଥାକୁ ସେ ସହଯୋଗ କରୁଥିଲେ । ଓଡ଼ିଶା ସହ ତାଙ୍କର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା । ଓଡ଼ିଶାରେ କଳିଙ୍ଗନଗର ପ୍ରୋଜେକ୍ଟ ଠାରୁ ଗୋପାଳପୁର ପର୍ଯ୍ୟନ୍ତ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ଭବ ହୋଇପାରୁଥିଲା । ବିଶେଷକରି ଓଡ଼ିଶା ଲିଭେବଲ ହାବିଟାଟ୍ ମିଶନ ମାଧ୍ୟମରେ ବସ୍ତୀ ବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନରେ ରତନ ଟାଟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ରତନ ଟାଟା କେବଳ ଜଣେ ସାଧାରଣ ମଣିଷ ନଥିଲେ । ରାଷ୍ଟ୍ର ନିର୍ମାଣ, ଉଦ୍ଭାବନ ଓ ପରୋପକାର ପ୍ରତି ତାଙ୍କର ନିରନ୍ତର ସମର୍ପଣ ଏକ ଅବିସ୍ମରଣୀୟ ଛାପ ଛାଡ଼ିଛି ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
E-mail : badal009bhuyan@gmail.com



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଶନିବାର ୧୯ ଅକ୍ଟୋବର ୨୦୨୪ 

୬୧୧।

## ମଦ ବେପାରୀଙ୍କୁ ଗିରଫ ବେଳେ ପୋଲିସକୁ ଆକ୍ରମଣ



ବାଣପୁର :( ମହାଭାରତ )ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଦେଶୀ ମଦ ବିକ୍ରି ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୋଇଛି ପୋଲିସ । ଆଇଆଇସି ରମେଶ କୁମାର ଦେବତାଙ୍କ ସୂଚନା ମୁତାବକ ଗତକାଲି ସକାଳେ ଦାଶରଥିପୁର ଗ୍ରାମର ଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ପାଇ ଏସଆଇ ସୁକାନ୍ତ ଦଳାଇ ଏବଂ ଟିମ ଉକ୍ତ ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତ ଧୂନିଆ ନାୟକଙ୍କୁ ୩୦ ଲିଟର ଦେଶୀ ମଦ ସହ ଗିରଫ କରିଥିଲେ । ତେବେ ଗିରଫ କରି ଥାନାକୁ ନେବା ସମୟରେ ଧୂନିଆଙ୍କ ପତ୍ନୀରଜନୀ ନାୟକ, ପୁଅ ଦୟାନିଧି ନାୟକ ଏବଂ ଅନ୍ୟ ଗ୍ରାମବାସୀ ମାନେ ଠେଙ୍ଗା, ଲାଠି ସହ ପୋଲିସକୁ ଅଟକାଇଥିଲେ ଏବଂ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏପରିକି ଦୟାନିଧି କନଷ୍ଟେବଲ ସତ୍ୟ ନାରାୟଣ ପ୍ରଧାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ ଯାହାଫଳରେ ସତ୍ୟଙ୍କ ହାତରେ ଗଭୀର କ୍ଷତ ହୋଇଛି ।ତେବେ ଏହାର ସୁଯୋଗ ନେଇ ଅଭିଯୁକ୍ତ ଧୂନିଆ ଘଟଣାସ୍ଥଳରୁ ଫେରାର ହେବାରେ ସଫଳ ହୋଇଥିଲେ। ଏ ନେଇ ଏସଆଇ ଶ୍ରୀ ଦଳେଇ ବାଣପୁର ଆଇଆଇସି ଙ୍କୁ ଉକ୍ତ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ ଏବଂ ବାଣପୁର ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଥିଲା । ତେବେ ଖୋର୍ଦ୍ଧା ଏସପିଙ୍କ ନିର୍ଦ୍ଦେଶକ୍ରମେ ଏବଂ ବାଲୁଗାଁ ଏସଡିପିଓଙ୍କ ତତ୍ତ୍ୱାବଧାନରେ ଆଜି ସକାଳେ ପୋଲିସ ଫୋର୍ସର ଉପସ୍ଥିତିରେ ଉକ୍ତ ଗ୍ରାମରେ ଚଢ଼ାଉ କରାଯାଇ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବାଣପୁର ପୋଲିସ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଧୂନିଆ ନାୟକ ଏବଂ କିଛି ଆକ୍ରମଣକାରି ଅଦ୍ୟାବଧି ଫେରାର ଥିବା ଆଇଆଇସି ଶ୍ରୀ ଦେବତା କହିଛନ୍ତି ।

## ଯାତ୍ରା ମଣ୍ଡପ ରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସବୁଜ ଶାଖା 'ପୁରସ୍କୃତ

ଅସ୍ତରଙ୍ଗ,-ମହାଭାରତ: ବିଦାୟ ନେଉଛନ୍ତି ମା ଦୁର୍ଗତିନାଶିନୀ, ସରିଆସୁଛି ପାର୍ବଣ ର ସନ୍ଧ୍ୟା, ଚଳିତ ବର୍ଷ ୫୬ ବର୍ଷ ରେ ପଦାର୍ପଣ କରିଛି ଅସ୍ତରଙ୍ଗ ର ବହୁ ପୁରାତନ ଦୁର୍ଗାକ୍ଲବ ର ଦୁର୍ଗା ପୂଜା, ଆକର୍ଷଣୀୟ ତୋରଣ କୁ ମୀନା ବଜାର, ସନ୍ଧ୍ୟା ହେଲେ ବିଭିନ୍ନ ରଙ୍ଗୀନ ଆଲୋକମାଳା ରେ ସୁସଜିତ ହୋଇଛି ଅସ୍ତରଙ୍ଗ, କେବଳ ସେତିକି ନୁହେଁ ଦର୍ଶକ ମାନଙ୍କ ପାଇଁ ୪ ରାତି ଅନୁଷ୍ଠିତ ହୋଇଛି ଯାତ୍ରା ଜଗତ ର ଅଗ୍ରିମ ଯାତ୍ରା ଶିବାନୀ ଗଣନାଟ୍ୟ, ଅନ୍ତିମ ରାତିରେ ଯାତ୍ରା ମ□ ରେ ପୁରସ୍କୃତ ହୋଇଛି ଅସ୍ତରଙ୍ଗ ଅଞ୍ଚଳ ର ପ୍ରସିଦ୍ଧ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁଜ ଶାଖା , ଏହି ରାତିରେ



ଶିବାନୀ ଗଣନାଟ୍ୟ ତରଫରୁ ଆୟୋଜିତ '୨ ଦୁଗୁଣେ ୬' ଧାରାବାହିକ କୁ ଦର୍ଶକ ନେଇଛନ୍ତି ଭରପୁର ଆନନ୍ଦ, ତା ସହିତ ଯାତ୍ରା ରେ ଟିକେଟ କ୍ରଏତା ଙ୍କ ଭିତରେ ଲଟେରୀ ଖେଳ ଅନୁଷ୍ଠିତ ହେବା ପରେ ୧ମ ପ୍ରତିଯୋଗୀ ଙ୍କୁ ସୁନା ଚୁଡ଼ି, ୨ୟ ଙ୍କୁ ଗ୍ରୀଜର, ୩ ୟ ଙ୍କୁ ୫୦୦୦/- ଟଙ୍କା ଓ ୪ର୍ଥ ବିଜେତା ଙ୍କୁ ଷ୍ଟାଣ୍ଡ ଟେବୁଲ ଫ୍ୟାନ ଦିଆଯାଇଛି ପୁରସ୍କାର, କିନ୍ତୁ ଅସ୍ତରଙ୍ଗ ଅଞ୍ଚଳ ର ଜଣାଶୁଣା ଲୋକପ୍ରିୟ ଦରଦୀ ବନ୍ଧୁ ଶ୍ରୀଯୁକ୍ତ ଦିବାକର ଛାଟୋଇ ଙ୍କ ଉପଦେଷ୍ଟା ର ଅଗ୍ରିମ ସ୍ୱେଚ୍ଛାସେବୀ ସଂଗଠନ ସବୁଜ ଶାଖା ଯେଉଁଭଳି ଭାବେ ଜନହିତକର କାର୍ଯ୍ୟ ଜାରୀ ରଖିଛି। ସେଥିପାଇଁ ତାଙ୍କୁ ଦୁର୍ଗା କ୍ଲବ ତରଫରୁ କରାଯାଇଛି ପୁରସ୍କୃତ । ୧୦୦ ରୁ ଉର୍ଦ୍ଧ ଶବ ସଂସ୍କାର, ଗରିବ ଲୋକ ଙ୍କ ମୃର୍ତ୍ୟୁ ର ଶୀତଳୀ ଓ ସୁଧଘର ପାଇଁ ଜଳଖିଆ ବ୍ୟବସ୍ଥା, ଜରୁରୀକାଳୀନ ପରିସ୍ଥିତି ର ଚିକିତ୍ସା ପାଇଁ ସହାୟତା, ପ୍ରତ୍ୟେକ ମାସ ଶେଷ ଗୁରୁବାର ର ଅସ୍ତରଙ୍ଗ ବଜାର ସଫେଇ କରିବା ଓ ପରିବେଶ ସୁରକ୍ଷିତ ରଖିବା କାର୍ଯ୍ୟକ୍ରମ, ଅସ୍ତରଙ୍ଗ ନୋଡାଲ ପ୍ରାଥମିକ ବିଦ୍ୟାଳୟ କୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିବା, ଅସ୍ତରଙ୍ଗ ଉପକୂଳ ର ଜୈବବିବିଧତା ର ସୁରକ୍ଷା ପାଇଁ ଲୁଣା ଜଙ୍ଗଲ ନିର୍ମାଣ କରିବା ଓ ତା ସହିତ ବୃକ୍ଷ ରୋପଣ କରିବା, ଏହିଭଳି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନ ତରଫରୁ ଯାତ୍ରା ମଞ୍ଚର ୧୦ ହଜାର ଟଙ୍କା ର ଆର୍ଥିକ ପୁରସ୍କାର ସହିତ ଉତ୍ତରୀୟ ମାନପତ୍ର ଦିଆଯାଇ କରାଯାଇଛି ପ୍ରଶଂସା। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ର ଦୁର୍ଗାକ୍ଲବ ସଭାପତି ଆଇନଜୀବୀ ଦିବ୍ୟଦର୍ଶୀ ବିଶ୍ୱାଳ, ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ସମ୍ପାଦକ ରବୀନ୍ଦ୍ର ନାଥ ପରିଡା,ଉପଦେଷ୍ଟା ଦୁଷ୍ମନ୍ତ ପରିଡା, ଅନ୍ୟ ସଭ୍ୟ ମାନଙ୍କ ଭିତରେ ସୁଦୀପ୍ତ ରାଉତ, ଯୁଗଳ କିଶୋର ମହାନ୍ତି,ସୁରେନ୍ଦ୍ର ନାଥ ନାୟକ ଓ ଅନ୍ୟ ପ୍ରମୁଖ ସଭ୍ୟ ଉପସ୍ଥିତ ରହିଥିବା ବେଳେ ସବୁଜ ଶାଖା ତରଫରୁ ସଭାପତି ରମାକାନ୍ତ ବସ୍ତିଆ ଅନ୍ୟ କର୍ମୀ ମାନଙ୍କୁ ନେଇ ମଞ୍ଚ ଉପରେ ନିଜ ଅନୁଷ୍ଠାନ ପାଇଁ ପୁରସ୍କାର ଗ୍ରହଣ କରିଛନ୍ତି ।

## ଟେଣ୍ଟୱାଲାଙ୍କୁ ଦେଲେନାହିଁ ନିର୍ବାଚନୀ କାମର ପ୍ରାପ୍ୟ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ପ୍ରଶାସନ ଟେ□ ମାଲିକଙ୍କୁ ତାଙ୍କ ପ୍ରାପ୍ୟରୁ ବଞ୍ଚିତ କରିଥିବା ଅଭିଯୋଗ ହୋଇଛି । ନିର୍ବାଚନ ରାଜ୍ୟରେ ସାଧାରଣ ନିର୍ବାଚନ ଏପ୍ରିଲ ୨୦୨୪ରୁ ସରି ସାରିଥିଲେ ମଧ ଟେ□ କାମ କରିଥିବା ଟେଣ୍ଟ ମାଲିକ ଏଯାଏ ତାଙ୍କ ପ୍ରାପ୍ୟ ପାଇ ନାହାନ୍ତି ବୋଲି ଟେଣ୍ଟ ମାଲିକ ଓ ତାଙ୍କ କର୍ମଚାରୀ ଲିଖିତ ଅଭିଯୋଗ ବର୍ତମାନ ହିନ୍ଦୋଳରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି ।ଖବରରୁ ପ୍ରକାଶ ଟେ□ ମାଲିକ ତରୁଣ ସାମଲ, ଟେ□ କାମ କରିଥିବା ସୁବ୍ରତ ବେହେରା,ପ୍ରଶାନ୍ତ ଦାସ,ଭାଗିରଥି ପ୍ରଧାନ, ନିତ୍ୟାନନ୍ଦ ସାହୁ,ପ୍ରଶାନ୍ତ ଜେନା, ଦୀପକ ସାମଲ, ଭୁବନା ସାହୁ ସାହୁ ପ୍ରମୁଖଙ୍କ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଅନୁଯାଇ ହିନ୍ଦୋଳ ଉପଜିଲ୍ଲାପାଳଙ୍କ ଅନୁମତି କ୍ରମେ ଗତ ଏପ୍ରିଲ -୨୦୨୪ ସାଧାରଣ ନିର୍ବାଚନ ପାଇଁ ଭୋଟ ଗ୍ରହଣ, ଭୋଟ ଗଣତି କେନ୍ଦ୍ରସହ ବିଭିନ୍ନ ସ୍ଥାନରେ ଟେଣ୍ଟ କରିବା ସହ ପୋଷ୍ଟର, ବ୍ୟାନର ଲଗାଇବା, ଟେ□ ଗାଡି ଯୋଗାଇଦେବା କାର୍ଯ୍ୟ ସୁଚାରୁରୂପେ ଦାୟିତ୍ୱର ସହିତ କାର୍ଯ୍ୟ ସମ୍ପୂର୍ଣ କରିଥିଲେ। ମାତ୍ର କାର୍ଯ୍ୟ ସାରିବାର ୫ମାସ ବିତିଯାଇଥିଲେ ମଧ ବାରମ୍ବାର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଉଥିଲେ ବି ତାଙ୍କ ପ୍ରାପ୍ୟ ମିଳୁନାହିଁ। ଫଳରେ ଗତ ୧୦/୯/୨୪ରିଖରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ ମାତ୍ର ଦୁଇଦିନରେ ପ୍ରାପ୍ୟ ଟଙ୍କା ଆକାଉ□କୁ ଦିଆଯିବ ପ୍ରତିଶୃତି ମିଳିଥିଲେ ମଧ ଅଦ୍ୟାବଧି ମିଳିଲା ନ ମିଳିବାରୁ ଆସନ୍ତା ୨୧/୧୦/୨୪ସୁଦ୍ଧା ପ୍ରାପ୍ୟ ନମିଳିଲେ ହିନ୍ଦୋଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ କାର୍ଯ୍ୟାଳୟ ବନ୍ଦ କରିବେ ବୋଲି ଉପରଲିଖିତ ଅଭିଯୋଗକାରୀ ମାନେ ଲିଖିତ ଭାବରେ ଢେଙ୍କାନାଳ ଜିଲ୍ଲାପାଳ,ଇଲେକ୍ସନ କମିଶନ ଓଡିଶା,ମୁଖ୍ୟମନ୍ତ୍ରୀ,ଉପଜିଲ୍ଲାପାଳ ଓ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ହିନ୍ଦୋଳ ଏନଏସି ରେ ମିଥ୍ୟା ମାଟି ଫିଲିଙ୍ଗ , ମୋରମ ବିଲ, ବୁଶ କଟିଙ୍ଗ ନାମରେ ଲକ୍ଷାଧିକ ଟଙ୍କା ମିଥ୍ୟା ବିଲ, ନିର୍ବାଚନରେ ଲକ୍ଷଲକ୍ଷ ଟଙ୍କାର ବିଲ କରିବା,ନିର୍ଦ୍ଦିଷ୍ଟ ଠିକାଦାର ଓ ବ୍ୟବସାୟୀଙ୍କୁ ସୁହାଇବା ଭଳି କାମ ବରାଦ କରି ବିଲ କରାଯିବା ସହ କୋଟି କୋଟିକୋଟି ଟଙ୍କାର ଦୁର୍ନୀତି ହେଉଥିବାବେଳେ ହକ କାମ କରିଥିବା ଟେ□ ମାଲିକ ଓ କର୍ମଚାରୀଙ୍କୁ ତାଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟରୁ ବଞ୍ଚିତ କରିବା ହିନ୍ଦୋଳ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯିବା ସହ ତୁରନ୍ତ ଅଭିଯୋଗକାରି ଟେଣ୍ଟ ମାଲିକ ତରୁଣ ସାମଲଙ୍କ ପ୍ରାପ୍ୟ ପ୍ରଦାନ ନିମନ୍ତେ ଦାବି କରିଛନ୍ତି।

## ଦେଶ ସ୍ୱାଧୀନତାର ୭୭ ବର୍ଷ,ଗାଁକୁ ନାହିଁ ଭଲ ପକ୍କା ରାସ୍ତା,

### ପହଞ୍ଚି ପାରୁନି ସରକାରଙ୍କ ମୌଳିକ ସୁବିଧା

ନୂଆଗାଁ (ମହାଭାରତ) : ଅଞ୍ଚଳର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ଦେଶ ସ୍ୱାଧୀନତାର ୭୭ ବର୍ଷ ବିତିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଲୋକମାନଙ୍କର ଗମନାଗମନ ପାଇଁ ଗାଁକୁ ପହଞ୍ଚି ପାରିନି ଭଲ ପକ୍କା ରାସ୍ତାୟ ନା ପହଞ୍ଚି ପାରୁଛି ସରକାରଙ୍କ ସମସ୍ତ ମୌଳିକ ସୁବିଧା। ଏଭଳି ନଗଡା ଦୃଶ୍ୟ ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଜାକେଡ଼ା ପଞ୍ଚାୟତର ଆଦିବାସୀ ଅଧୁଷିତ ଅଞ୍ଚଳ ତଥା ବଣ ଜଙ୍ଗଲ ପାହାଡ଼ ପର୍ବତ ଘେରା ଭିତରେ ବସବାସ କରିଆସୁଥିବା ବଡଜିରି ଏବଂ ତୁକୁଡା ଗ୍ରାମ। ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ ଓ ପାନୀୟଜଳ ବ୍ୟବସ୍ଥା ରୁ ବଞ୍ଚିତ ଏହି ଆଦିବାସୀ ଅଞ୍ଚଳ। ସେମାନଙ୍କର ନିତ୍ୟ ବ୍ୟବହାର ରାସନ ସାମଗ୍ରୀ ଆଣିବା ପାଇଁ ପଞ୍ଚାୟତକୁ ଯିବାକୁ ହେଲେ ଏହାରି ମଧରେ ପଡୁଛି ଏକ ପାହାଡି ଜଙ୍ଗଲି ରାସ୍ତା । ଯାହାକି ଯିବାଆସିବାରେ ଗ୍ରାମବାସୀଙ୍କ



ନିର୍ଭର କରିଥାଏ। ଏହି ରାସ୍ତାରେ ହିଂସ୍ର ଜୀବଜନ୍ତୁ ମାନଙ୍କର ଭୟୟ ଏହାରି ଉପରେ ଯାନବାହାନ ଚଳାଚଳ ଦୂରର କଥା ସାଧାରଣ ଲୋକଟିଏ ଖାଲି ପାଦରେ ଚାଲି କି ଯିବା ଭାରି କଷ୍ଟ। ତଥାପି ମଣିଷ ବଞ୍ଚିବା ପାଇଁ ଜୀବନ ପ୍ରତି ବିପଦ ଥିବା ଜାଣି ମଧ୍ୟ ସେମାନଙ୍କ ଦୈନନ୍ଦିନ ନିତ୍ୟ ବ୍ୟବହାର ସାମଗ୍ରୀ ଆଣିବା ପାଇଁ ୧୫ ରୁ ୩୫ କି.ମି ନୂଆଗାଁ କିମ୍ବା ନୟାଗଡ଼ କୁ ଏହି ରାସ୍ତାରେ ଗ୍ରାମବାସୀ ଯିବାଆସିବା କରିଥାଆନ୍ତି। ତେଣୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଜଣେ ରୋଗୀଟିଏ ହେଉ କିମ୍ବା ଗର୍ଭବତୀ ମହିଳା ଚିକିତ୍ସା ପାଇଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ହେଲେ ଗାଁକୁ ପହଞ୍ଚି ପାରୁନି ୧୦୮ ଆମ୍ବୁଲାନ୍ସ ସେବା। ଯାହା ଫଳରେ ଗ୍ରାମବାସୀ ରୋଗୀଙ୍କୁ ଏକ ଦଉଡ଼ି ଖଟିଆ ସାହାଯ୍ୟରେ କାନ୍ଧରେ କାନ୍ଧେଇ ଗାଁ ଠାରୁ ୨ ରୁ ୩ କି.ମି ଦୂରରେ ଥିବା କନ୍ଧଖାଲମଡା ଗ୍ରାମକୁ ଆଣିଥାନ୍ତି। ସେଠାରୁ ୧୦୮ ଆମ୍ବୁଲାନ୍ସ ଗାଡ଼ି ଯୋଗେ ରୋଗୀକୁ ଚିକିତ୍ସା ପାଇଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥାନ୍ତି। ଏହି ରାସ୍ତାଟି ନୂଆଗାଁ ବ୍ଲକ ଶିମିଳିସାହି ପି.ଡବ୍ଲୁ.ଡି ରାସ୍ତା ଠାରୁ ଦଶପଲ୍ଲା ବ୍ଲକ ତେଣ୍ଡାବାଡି ପ□ାୟତ ଦୁଗୁଡି ଗ୍ରାମକୁ ପ୍ରାୟ ୭ ରୁ ୮ କି.ମି ଦୂର ହୋଇଥିଲେ ମଧ ଏହାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ହେଉ କିମ୍ବା ଅନ୍ୟ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏହାରି ମଧରେ ଭାୟା କନ୍ଧଖାଲମଡା, ସାନଜିରୀ, ବଡଜିରି, ତୁକୁଡ଼ା ଏବଂ ଲୁଣି ଆଦି ଗ୍ରାମ ପଡୁଥିବା ବେଳେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଗୋଚର ଦେଉନଥିବା ଜଣାପଡ଼ିଛି। ଏପରିକି ଗ୍ରାମବାସୀନ୍ଦା ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନଙ୍କୁ ବାରମ୍ବାର ଆପତି ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳୁନାହିଁ। ଅଞ୍ଚଳର ବିକାଶ କ୍ଷେତ୍ରରେ ରାଜସ୍ୱ କୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଏଥି ସହିତ ବିଭିନ୍ନ ଗାଁକୁ ନେଟୱାର୍କର ଅସୁବିଧା ନ କହିଲେ ଭଲୟ ଦୀର୍ଘ ୮ମାସ ଇଝଘଖ ଟାୱାର ନିର୍ମାଣ ଶେଷ ହୋଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ପଞ୍ଚାୟତରେ ପ୍ରତିଦିନ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ଘଟୁଥିବା ବେଳେ ଜରୁରୀ କାଳୀନ ଆମ୍ବୁଲାନ୍ସ ସେବା ହେଉ ବା ଅଗ୍ନିଶମ ସେବା ହେଉ ଆବଶ୍ୟକ ସ୍ଥଳେ ଯୋଗାଯୋଗ କରିବା ସମ୍ଭବ ହେଉନାହିଁ। ଏନେଇ ପ୍ରଧାନମନ୍ତ୍ରୀଙ୍କ ଠାରୁ ମୁଖ୍ୟମନ୍ତ୍ରୀ ବିଧାନସଭା ଠାରୁ ଲୋକସଭା ପର୍ଯ୍ୟନ୍ତ ବିଧାୟକ ହୁଅନ୍ତୁ ବା ସାଂସଦ ଯେତେ ଗୁହାରି କଲେମଧ ଏହାର କୌଣସି ଫଳପ୍ରଦ ହେଉନାହିଁ। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାର ଡିଜିଟାଲ ଇଣ୍ଡିଆର ସୁଫଳ ବିଷୟରେ ଡିଣ୍ଡିମ ପିଟୁଥିବା ଏ ଡିଜିଟାଲ ଇଣ୍ଡିଆ ସେବା ତାହେଲେ କାହାପାଇଁ। ଯାହାକୁ ନେଇ ଅଞ୍ଚଳରେ ଜନ ଅସନ୍ତୋଷ ଦେଖାଦେଇଛି। ଦେଖାଯାଉ ସରକାର, ଆଗାମୀ ଦିନରେ ଏ ସମସ୍ୟାର ସମାଧାନ କେବେ କରୁଛନ୍ତି ତାହା ଦେଖିବାକୁ ବାକି କରିଛି।

## ସାମ୍ବାଦିକମାନଙ୍କ ଏକ ସ୍ୱତନ୍ତ୍ର ଟିମ୍ କୋଷାଗୁମୁଡା ଥାନା ଅଧିକାରୀ ଙ୍କୁ ଭେଟିଲେ

ନବରଙ୍ଗପୁର (ମହାଭାରତ)ଗୁରୁବାର ୧୭ ତାରିଖ ଦିନ ସାମ୍ବାଦିକ ମାନଙ୍କ ଏକ ସ୍ୱତନ୍ତ୍ର ଟିମ୍ କୋଷାଗୁମୁଡା ଥାନା ଅଧିକାରୀ ଙ୍କୁ ସାକ୍ଷାତ କରି ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ଦାବି ଜଣାଇଛନ୍ତି। ଗତ ବୁଧବାର ୧୬ ତାରିଖ ଘୋଡାଖୁଣ୍ଟା ଦଶହରା ଦେଖି ରାତିରେ ଘରକୁ ଫେରୁଥିବା ସମୟରେ ଜଣେ ସାମ୍ବାଦିକ ଙ୍କୁ ଦୁଇଜଣ ବ୍ୟକ୍ତି ଆକ୍ରମଣ କରିବା ଏବଂ କୋଷାଗୁମୁଡା ବ୍ଲକ ର ଦିବାକର ବିଷୟୀ ଙ୍କ ବାଲି ନ୍ୟୁଜ୍ ପେପର ରେ ବାହାରିଲେ ଜୀବନରେ ମାରିଦେବାକୁ ଧମକ ଦେବା, ଓ ଉଦ୍ୟମ କରିବା ଘଟଣାକୁ କେନ୍ଦ୍ର କରି ଏକ ଏତଲା ପ୍ରଦାନ କରାଯାଇଛି। ଘଟଣା ର ତଦନ୍ତ କରି ଦୋଷୀ ବ୍ୟକ୍ତି ମାନଙ୍କ ପ୍ରତି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାମ୍ବାଦିକ ମାନେ କୋଷାଗୁମୁଡା ଥାନା ଅଧିକାରୀ ଙ୍କୁ ଦାବି କରିଥିଲେ। ପ୍ରକାଶ ଥାଉକି କୋଷାଗୁମୁଡା ବ୍ଲକ ଅ□ଳରେ ଦିନକୁ ଦିନ ବାଲି ମାଫିଆ ଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି ଏବଂ ଅବହେଳା ଯୋଗୁଁ ଅନେକ ପରିମାଣ ରେ ରାଜସ୍ୱ ହାନି ହେଉଛିୟ। କୋଷାଗୁମୁଡା ଅଞ୍ଚଳ ର ବାଲି ଅନ୍ୟ ରାଜ୍ୟ କୁ ଚାଲାଣ ହେଉଥିବା ମଧ ସଂଦେହ କରା ଯାଉଛି। ବିଭିନ୍ନ ଗଣମାଧ୍ୟମରେ ସତ୍ୟ କଥା ପ୍ରକାଶିତ ହେବା ପରେ ବାଲି ମାଫିଆ ମାନେ ଅର୍ଧୈଯ୍ୟ ହୋଇ ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ କରୁଥିବା ବିଷୟ ବୁଦ୍ଧିଜୀବିମାନେ ଆଲୋଚନା କରୁଛନ୍ତି।

## କାକଟପୁର ପଞ୍ଚାୟତ ସମିତି ୬ଷ୍ଠ ଅଧିବେଶନ ଅନୁଷ୍ଠିତ

କାକଟପୁର,-ମହାଭାରତ -ଆଜି କାକଟପୁର ବ୍ଲକ ସଭା ଗୃହ ର ଜଗତସିଂହପୁର (କାକଟପୁର ବିଧାନସଭା କ୍ଷେତ୍ର ) ସାଂସଦ ଶ୍ରୀଯୁକ୍ତ ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୈଠକ ର ଅନୁଷ୍ଠାନିକ ଉଦ୍ଘାଟନ କରିଛନ୍ତି, ଏହି ବୈଠକ ର କାକଟପୁର ବିଧାୟକ ତଥା ପୂର୍ବତନ ଗୃହ ରାଷ୍ଟ୍ର ମନ୍ତ୍ରୀ ଶ୍ରୀଯୁକ୍ତ ତୁଷାର କାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ଉପାଧକ୍ଷା ଓ ମଣ୍ଡଳ ଉଉୟନ ଅଧିକାରୀ ଶ୍ରୀଯୁକ୍ତ ବିଷ୍ଣୁ ଗୋବିନ୍ଦ ଙ୍କ



ସମେତ ବିଭିନ୍ନ ବିଭାଗ ର ଅଧିକାରୀ ମଞ୍ଚାସିନ ଥିବା ବେଳେ କାକଟପୁର ବ୍ଲକ ର ୧୬ ଗୋଟି ପଞ୍ଚାୟତ ର ସରପ□ ଓ ସମିତି ସଭ୍ୟ, ସଭ୍ୟା ମାନେ ଉପସ୍ଥିତ ରହି ନିଜ ନିଜ ପଞ୍ଚାୟତ ର ବିଭିନ୍ନ ସମସ୍ୟା କୁ ଉପସ୍ଥାପନା କରିଛନ୍ତି । ମୁଖ୍ୟ ବିଷୟ ବସ୍ତୁ ଯଥା ପାନୀୟ ଜଳ ପ୍ରକଳ୍ପ, ରାସ୍ତା ନବୀକରଣ, କାକଟପୁର ସ୍ୱାସ୍ଥ୍ୟ କେନ୍ଦ୍ର ର ଅବ୍ୟବସ୍ଥା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା, ଆଜି ପର୍ଯ୍ୟନ୍ତ କାକଟପୁର ସ୍ୱାସ୍ଥ୍ୟ କେନ୍ଦ୍ର ର ଭିତ୍ତିଭୂମି ସଶକ୍ତ ହେଲେବି ଏଥିରେ ଆପ□କାଳୀନ ବ୍ୟବସ୍ଥା ନାହି, ଭଲ ଡାକ୍ତର ନାହାନ୍ତି, ଯାହାକୁ ନେଇ ପଞ୍ଚାୟତ ସମିତି ଆଗରେ ପ୍ରଶ୍ନ ଉଠିଥିଲା, ପାନୀୟ ଜଳ ର ଅନେକ ଅଞ୍ଚଳର ଆଜି ବି ସୁବ୍ୟବସ୍ଥା ହେଇପାରିନାହିଁ, କାକଟପୁର ହର୍ଟିକଲଚର କାର୍ଯ୍ୟାଳୟ କୁରୁଜଙ୍ଗ କୋଣାର୍କ ନିକଟରେ ରହିଛି ଆଉ ସ୍ଥାନୀୟ ଚାଷୀ ଏହାକୁ ବିଭିନ୍ନ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି ଏ ବାବଦରେ ଆଲୋଚନା ହୋଇଛି, ଏହିଭଳି ଭାବେ ଅନେକ ଛୋଟ ବଡ଼ ସମସ୍ୟା ଦୀର୍ଘ ବର୍ଷ ହେବ କାକଟପୁର ବ୍ଲକ ର କାର୍ଯ୍ୟକାରୀ ହେଇପାରୁନାହିଁ ଆଉ ବିକାଶ କେବେଳ କାଗଜ କଲମ ର ରହିଯାଇଛି,ଏହି ସଂକ୍ରାନ୍ତ ର ବିରୋଧୀ ସରପଞ୍ଚ ସମିତି ସଭ୍ୟ ଓ ସଭ୍ୟା ଙ୍କ ପ୍ରଶ୍ନ ବାଣ ର ବ୍ଲକ ଅଧକ୍ଷ ସେମାନଙ୍କ ଉ□ର ରଖିବା ପାଇଁ ନାକେଦମ ହୋଇଛନ୍ତି।

## ରାଜପୁରରେ ଡୋକରି ଦେବୀଙ୍କ ଦଶହରା ପର୍ବ ଓ ଝାମୁ ଯାତ୍ରା ଅନୁଷ୍ଠିତ

### ସର୍ବେଶ୍ୱର ଭୋଇଙ୍କ ଗୀତରେ ଝୁମିଲେ ଦର୍ଶକ

ଜୁନାଗଡ଼ (ମହାଭାରତ) କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ରାଜପୁର ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମା ଡୋକରି ଦେବୀଙ୍କ ୮୧ ତମ ଦଶହରା ପର୍ବ ବା କୁମାରଉଛବ ଓ ଝାମୁ ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଡୋକରି ଦେବୀଙ୍କ ଦଶହରା ପର୍ବ ସମୟରେ ମହାମାୟୀ ଅଷ୍ଟମୀ ଦିନରେ କର୍ଲୟପାଟ ପୀଠରୁ ଆଜ୍ଞାମାଳ ଅଣାଯାଇ ବିଜୟା ଦଶମୀ ଦିନରେ ମାଙ୍କ ମାଳ ପୀଠରେ ପହଞ୍ଚିଥାଏ ।କୁମାରଉଛବ ଦିନରେ ମାଡୋକରି ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥାଏ । ପୂଜାର ପ୍ରଥମେ ସକାଳ ଛଅ ଟାରେ ଶୁଭ ଖମ୍ବ ସ୍ଥାପନ କରାଯାଏ । ପରେ ମାଙ୍କ ଝାମୁ ଯାତ୍ରା ପାଇଁ ନିକଟସ୍ଥ ପ୍ରହର ମଣ୍ଡପ ସମ୍ମୁଖରେ ଅଗ୍ନି ସଂଯୋଗ ର ବ୍ୟବସ୍ଥା କରାଯାଇ ଦିନ ଦୁଇପହରରେ ମାଡୋକରି ଦେବି ଓ ବୁଢା ରାଜା ଦୁହେଁ ସାମିଲ ହୋଇ ଝାମୁ ଯାତ୍ରାରେ ଅଗ୍ନି ପରୀକ୍ଷା ଦେଇଥାନ୍ତି ।ଝାମୁ ଯାତ୍ରା ପରେ ଦୁହେଁ ନଗର ପରିକ୍ରମା କରି ଥାନ୍ତି ।ରାତିରେ ରାଜକୀୟ ଡୋକରି ଦେବୀଙ୍କୁ ରାଜପୁର ଯୁବରାଜ ଅନୀଲ ସିଂଦେଓ ତାଙ୍କ ଇଷ୍ଟ ଦେବୀଙ୍କୁ ଅଖଣ୍ଡ ଜ୍ୟୋତି ପ୍ରଦାନ କରିଥାନ୍ତି ।ପରେ ରାତି ୧୨ ଟା ୩୦ ସମୟରେ ମାଙ୍କ ବଳି ପ୍ରଥା ଆରମ୍ଭ କରାଯାଇଥାଏ ।ଏଥିରେ ମାନସି କରିଥିବା ଲୋକମାନେ ମାଙ୍କ ପାଖରେ ଗଡର। ,ବୋକା ଆଦି ବଳି ଦେଇଥାନ୍ତି ଏବଂ ମାଙ୍କ ଆଶୀର୍ବାଦ ଗ୍ରହଣ କରିଥାନ୍ତି ।ଏଥିରେ ଯୁବରାଜ ଅନୀଲ ସିଂ ଦେଓ ,ଡୋ କରି ଦେବି ପୂଜକ କମଳା କାନ୍ତ ପୁଝୟରି ,ପ୍ରମୋଦ ପୁଝୟରୀ ଏବଂ ଗୋନ୍ତିଆ ଶାନ୍ତନୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ସମସ୍ତ ପୂଜା ବିଧି ରୀତିନୀତି ଅନୁସାରେ କରାଯାଇଥାଏ । ଯୁବ ରାଜ ଅନୀଲ ସିଂ ଦେଓ ଙ୍କ ନେତୃତ୍ୱରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।ଏଥିରେ ନାଟକ ଏବଂ ସର୍ବେଶ୍ୱର ଭୋଇଙ୍କ ମେଲୋଡି ଏବଂ ନୂତନ ଓ ପୁରାତନ ଘୁମୁରା ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା ।କାର୍ଯ୍ୟକ୍ରମ ରେ ସର୍ବେଶ୍ୱର ଭୋଇଙ୍କ ସମ୍ବଲପୁରୀ ଗୀତରେ ଉପସ୍ଥିତ ଦର୍ଶକ ଝୁମିଥିଲେ ଏବଂ ଭରପୁର ମଜା ନେଇଥିଲେ ।ପରେ ନୂତନ ଏବଂ ପୁରାତନ ଘୁମୁରା ପ୍ରତିଯୋଗୀତା ଆୟୋଜନ କମିଟିର ସଭାପତି ସୁରେସନ ଠେଲା ,ଉପ ସଭାପତି ମଳୟ ଗୁରୁ ,ସମ୍ପାଦକ ତପନ କୁମାର ପାଣିଗ୍ରାହୀ ,ସହ ସମ୍ପାଦକ ସୁବୋଧ ଠେଲା ଏବଂ କୋଷାଧକ୍ଷ କୁଶ ଗୁରୁ ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ ।ଘୁମୁରା ପ୍ରତିଯୋଗୀତୟରେ ବିଚାରକ ଭାବେ ମନୋଜ ଠେଲା ,ସତ୍ୟ ନାରାୟଣ



ଗୁରୁ ,ହରିହର ନାଏକ ଏବଂ ଦାଶରଥି ପୁରୋହିତ ଦାୟିତ୍ୱ ଗ୍ରହଣ କରିଥିଲେ । ନୂତନ ଘୁମୁରା ପ୍ରତିଯୋଗୀତାରେ କାଶୀ ବାହାଲ ଘୁମୁରା ଦଳ ପ୍ରଥମ , ସୁନାମାଲ ଦୁତୀ। ଏବଂ ଭାଲୁଚୁଆ ଘୁମୁରା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ ।ସେହିପରି ପୁରାତନ ଘୁମୁରା ଦଳରେ ରଜାମୁଣ୍ଡା ପ୍ରଥମ ,ଭବାନୀପାଟଣା ଦୁତୀ ଏବଂ ଜୟପାଟଣା ( କିଶୋର ପଡା) ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବ ରେ ଅବସର ଯବାନ କୁଶ ମାଝି ମୁଖ୍ୟ ଅତିଥି , ସୁଧାଂଶୁ ଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧକ୍ଷ ମାନସ ରଞ୍ଜନ ପଣ୍ଡା ମୁଖ୍ୟ ବକ୍ତା ।ସ୍ଥାନୀୟ ସରପ□ ଗଜିନ୍ଦ୍ର ମାଝି କାର୍ଯ୍ୟକ୍ରମ ରେ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବାଲ୍ମୀକି ନୟଏକ ,ଶିକ୍ଷକ ଜଗତ୍ତାଥ ମୁଣ୍ଡ ,ସଦାନନ୍ଦ ଠେଲା , ସାମ୍ବାଦିକ ବ୍ୟମୋ କେଶ ପୁରୋହିତ,ଠେଲା ,ସୁରେଶ ବାରିକ ଯୋଗଦାନ କରି ଘୁମୁରାଦଳ କୁ ପୁରସ୍କୃତ କରିଥିଲେ ।କାର୍ଯ୍ୟକ୍ରମ ରେ କଲମପୁର ଥାନାର ଏ ଏ ସ ଆଇ ଶେଖର ଜେନା ଦୁଇଟି ଭଜନ ଗୀତ ଗାଇ ଲୋକଙ୍କ ମନକୁ ଜିଣିଥିଲେ ଏବଂ ଗାଡି ଚାଳନା ସମନ୍ଧି। ସଚେତନତା ବାର୍ତା ଲୋକଙ୍କୁ ଅବଗତ କରାଇଥିଲେ ।କାର୍ଯ୍ୟକ୍ରମ ରେ ଶିକ୍ଷକ ଲଳିତ ଠାକୁର ମ□ ପରି ଚାଳନା କରିଥିଲେ ।ଏଥିରେ ଅନୁଷ୍ଠାନର ,ରାହସ ଠେଲା ,ବିବେକାନନ୍ଦ ଗୁରୁ ,ଶରତ ଚନ୍ଦ୍ର ମାଝି ଏବଂ ଦିଗାମ୍ବର ଠେଲା , ଦୁଷ୍ମନ୍ତ ଠେଲା,ସହଯୋଗ କରିଥିଲେ ।ଜୁନାଗଡ଼ ଥାନା ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ଶେଷରେ ଶିକ୍ଷକ ସଦାନନ୍ଦ ଠେଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଭୂ ବୁଢ଼ାରଜାଙ୍କ ବାର୍ଷିକ ଦଶହରା

## ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନରେ ଉତ୍ସବ ମୁଖର ଗାଁ ଦାଣ୍ଡ



କୋକସରା,(ମହାଭାରତ): କଳାହାଣ୍ଡିର ଅଧିଷ୍ଠାତ୍ରୀ ମାଁ ମାଣିକେଶ୍ୱରୀଙ୍କ ଛତର ଯାତ୍ରା ପରେ ପରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷ ତିଥିରେ ଶନିବାର ଦିନ ମହା ଆଡ଼ମ୍ବରରେ ପାଳିତ ହୋଇଥାଏ ପ୍ରଭୂ ବୁଢ଼ାରଜାଙ୍କ ଦଶହରା ପର୍ବ। କୋଟି ଜନମାନସ ପାଟଳରେ ଇଷ୍ଟ ଦେବତା ପୂଜା ପାଉଛନ୍ତି କେଉଁ ଏକ ଆବହମାନ କାଳରୁ। ସୟନେ ,ସପନେ ,ଜଗରଣେ ପ୍ରତିଟି ମୁହୂର୍ତ୍ତରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ସୁମରଣା କରି ଯାତ୍ରା କରିଥାଆନ୍ତି ସେହି ମହାମହିମ ବୁଢାରଜାଙ୍କୁ । ବୁଢାରଜାଙ୍କ ଅସୀମ ଆଶିଷ ଭିକ୍ଷା ପାଇଁ ସୁଅ ଛୁଟିଥାଏ ବୀର ମାଟି କଳାହାଣ୍ଡିର ଆମପାଣି କ୍ଷେତ୍ରକୁ। ରଙ୍ଗ ତୋରଣ ଓ ବିଜୁଳି ଆଲୁଅର ବିଚ୍ଛୁରିତ ହୋଇ ଝଲସି ଉଠିଥାଏ ପ୍ରଭୂ ବୁଢ଼ାରଜାଙ୍କ ମନ୍ଦିର। ସକାଳୁ ସକାଳୁ ଭକ୍ତଙ୍କ ଭିଡ଼ ଛୁଟିଥାଏ ବୁଢ଼ାରଜାଙ୍କ ଦର୍ଶନ ପାଇଁ। ନାଲି ମନ୍ଦାରରେ ସୁଶୋଭିତ ବୁଢ଼ାରଜା ମୁଣ୍ଡରେ ପଗଡ଼ି ଭିଡ଼ି, ହାତରେ ବେତ ବାଡି ଧରି ଏବଂ ଧଳାଘୋଡା ଚଢ଼ି ମନ୍ଦିରରେ ବିରାଜ ମାନ କରି କୋଟି କୋଟି ଭକ୍ତ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେଇଥାନ୍ତି ରାଜସିଂହାର ବେଶରେ ପ୍ରଭୂ ବୁଢ଼ାରଜା। ନବରଙ୍ଗପୁର ଏବଂ କଳାହାଣ୍ଡି ଜିଲ୍ଲାର ସୀମାନ୍ତ ଆମପାଣି ଘାଟି ମୁଣ୍ଡରେ ଫର ଫର ହୋଇ ଧ୍ଵଜା ଉଡୁଛି ବୁଢ଼ାରଜା ଦେଉଳରୁ। ଯାହାକି ସୁଖ ଶାନ୍ତି ଓ ସମୃଦ୍ଧିର ଆଶିଷ ଢାଳିଥାଏ କୋଟି ଭକ୍ତଙ୍କ ଉପରକୁ। ଆଜି ସେହି ଇଷ୍ଟ ଦେବତାଙ୍କ ବାର୍ଷିକ ଦଶହରା ମହାଆଡମ୍ବରରେ ପାଳିତ ହେଉଛି ବଣ ପାହାଡ ଘେରା ଆମପାଣି ଠାରେ। ତାଙ୍କର ଆଗମନରେ ଗାଁ ଦାଣ୍ଡ ଉତ୍ସବ ମୁଖର ହୋଇ ଚଳ ଚଞ୍ଚଳ ହୋଇ ଉଠିଛି ସମଗ୍ର ଅଞ୍ଚଳୟ ଜିଲ୍ଲା ତଥା ରାଜ୍ୟ ବାହାରୁ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସମାଗମରେ ଉଛୁଳି ପଡୁଛି ଆମପାଣି ବୁଢ଼ାରଜା ପୀଠ। ଶହ ଶହ ଦୋକାନ ବଜାର ସହିତ ଅନେକ ରକମର ଆକର୍ଷଣୀୟ ମନଲୋଭା ସାମଗ୍ରୀରେ ସୁସଜ୍ଜିତ ହୋଇଛି ବୁଢ଼ାରଜା ମଞ୍ଚ। ଏହି ଅବସରରେ ମାନସିକ ଧାରୀ ଭକ୍ତ ଏବଂ ଶ୍ରଦ୍ଧାଳୁ ବୁଢ଼ାରଜାଙ୍କ ଆଶିଷ ପାଇବା ପାଇଁ ଉପବାସ ରହି କୁକୁଡ଼ା,ପାରା,ବୋଦା, ନାରିକେଲ ଫଳ ମୂଳ ଆଦି ଅର୍ପଣ କରି ମନକୁ ଶାନ୍ତ ଏବଂ ପବିତ୍ର ମନେ କରିଥାଆନ୍ତି। ଭକ୍ତ ମାନେ ବୁଢ଼ାରଜାଙ୍କ ଶାନ୍ତି ପୂର୍ବକ ଦର୍ଶନ ପାଇଁ ଏବଂ ଯାତାୟାତ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରିଛନ୍ତି। ଦର୍ଶକଙ୍କ ମନୋରଂଜନ ପାଇଁ ନାଟକ, ଘୁମୁରା ଏବଂ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

କପ୍ତିପଦା -(ମହାଭାରତ ): କପ୍ତିପଦା -ଅନ୍ଧାରୀମୁଳକ କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣିପୋଖରୀ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଦୁମୁହାଣୀ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କ ଦ୍ୱାରା ବିଦ୍ୟାଳୟରେ ତାଲା ପଡିବା ଘଟଣା ସାମ୍ନାକୁ ଆସିଛି। ସୁଚନା ଥାଉ ଏହି ବିଦ୍ୟାଳୟରେ ସର୍ବମୋଟ ୧୧୯ ଜଣ ପିଲା ପାଠ ପଢୁଛନ୍ତି ଏବଂ ଶିକ୍ଷାଦାନ ନିମନ୍ତେ ୫ ଗୋଟି ଶିକ୍ଷକ ନିଯୁକ୍ତି ପାଇଛନ୍ତି। ସେଥିରୁ ଜଣେ ହୋ' ଭାଷା ଶିକ୍ଷକ ୨୦୨୧ ମସିହାରେ ସ୍ୱେଚ୍ଛାକୃତ ଅବସର ନେଇ ଅନ୍ୟତ୍ର ଚାକିରୀ କରିଥିବା ବେଳେ ଆଉ ୪ ଜଣ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ୯ ମାସ ପୂର୍ବେ ୨ ଜଣ ଶିକ୍ଷକଙ୍କୁ ବାରିପଦା ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ଡେପୁଟେସନରେ ଏହି ବିଦ୍ୟାଳୟର ଦୁଇ ଜଣ ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ସ୍ଥାନାନ୍ତର କରି ନେଇଛନ୍ତି ଯାହା ଫଳରେ କି ୨ ଜଣ ଶିକ୍ଷକଙ୍କ ଦ୍ୱାରା ୧୧୯ ଜଣ ପିଲାଙ୍କୁ ପାଠ ପଢ଼ାଇବା ସମ୍ଭବପର ହୋଇପାରୁନାହିଁ। ଏହି ଘଟଣା ନେଇ ସ୍ଥାନୀୟ ଅଭିଭାବକ ଏବଂ ଗ୍ରାମବାସୀମାନେ ବିଦ୍ୟାଳୟ ଫାଟକକୁ ତାଲା ମାରି ଜିଲ୍ଲା ଶିକ୍ଷାଧିକାରୀଙ୍କ ବିରୋଧରେ ଗର୍ଜନ/ସ୍ଲୋଗାନ ଦେଇଥିଲେ। ଧାରଣା ସମ୍ପର୍କରେ ଖବର ପାଇ କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ ମିଶ୍ର ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିନୋଦ ସିଂ ଘଟଣା ସ୍ଥାନରେ ପହଞ୍ଚିବାରୁ ଲୋକେ ତାଙ୍କୁ ବିଦ୍ୟାଳୟ ପରିସରରେ ତାଲା ମାରି ଅଟକ ରଖିଥିଲେ। ଘଟଣା ସ୍ଥଳରେ ଶରତ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ଶରତ ପୋଲିସ ଉପସ୍ଥିତିରେ ଅଭିଭାବକ ଏବଂ ଶିକ୍ଷାଧିକାରୀ ମାନଙ୍କ ମଧ୍ୟରେ ଆଲୋଚନା ହେବା ପରେ ଘଟଣା ପ୍ରଶମିତ ହୋଇ ଅଛି। ଆଗାମୀ ସାତ ଦିନ ଭିତରେ ଦୁମାହାଣୀ ପ୍ରାଥମିକ ବିଦ୍ୟାଳୟରେ ସବୁ ଶିକ୍ଷକ ପଦବୀ ପୂରଣ ହେବା ନେଇ ଗୋଷ୍ଠୀ ଶିକ୍ଷାଧିକାରୀ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଅଛି। ପ୍ରତିଶୃତି ନ ପୂରଣ ହେଲେ ଆଗାମୀ ସାତ ଦିନ ପରେ ପୁଣି ଆନ୍ଦୋଳନ ହେବ ସ୍ଥାନୀୟ ଅଭିଭାବକମାନେ ପ୍ରକାଶ କରିଛନ୍ତି। ଧାରଣା ସମୟରେ ଦୁର୍ଗା ସାଉୟା, ଗାଦାୟ ସିଂ, ଗାମା। ଗୋଇପାଇ, କର୍ଣାଲିଆ ସିଂ,ଡିଶିଂ ପୂର୍ତୀ, ରାଣିପୋଖରୀ ସମିତି ସଭ୍ୟ ସୁରୁ ସିଂ , ସୂର୍ଯ୍ୟକାନ୍ତ ସିଂ, ପ୍ରଧାନ ଗୋଇପାଇ, ଜାମାଦାର ବାଲମୁଚୁ, କାଲା ସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ।



# କେସିଙ୍ଗା ବ୍ଲକରେ ସରପଞ୍ଚମାନଙ୍କ ବିରୁଦ୍ଧରେ ଅନାସ୍ଥାର ଭୟ ମଧ୍ୟ କାମ କରୁନି !

କେସିଙ୍ଗା/ମହାଭାରତ: କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧକ୍ଷ ଙ୍କ ବିରୁଦ୍ଧରେ ଅନାସ୍ଥା ଆଗତ ହେବା ଦିନଠାରୁ କେସିଙ୍ଗା ର ରାଜନୀତି ରେ ଦିନକୁ ଦିନ ନୂଆଁ ମୋଡ ଆସୁଛି । ଚନ୍ଦନ ସେନାପତି ଙ୍କ ଏକଛତ୍ରବାଦ ବିରୁଦ୍ଧରେ ୩୯ ଜଣ ସମିତି ଏବଂ ସରପ□ ଏକହୋଇ ଅନାସ୍ଥା ଆଣିଛନ୍ତି। ଯାହାକି ଚନ୍ଦନ ସେନାପତି ଙ୍କ ଅଧକ୍ଷ ପଦ ଯିବା ସ୍ପଷ୍ଟ ହୋଇଯାଇଛି । ଏହା ମଧ୍ୟରେ ଅନାସ୍ଥା ସପକ୍ଷ ଙ୍କ ସମର୍ଥନ ରେ ଥିବା ସରପ□ ମାନଙ୍କ ବିରୁଦ୍ଧରେ ତାଙ୍କ ୱାର୍ଡ ମେମ୍ବର ମାନଙ୍କୁ ଧମକ ଚମକ ଦେବା ସହ ପ୍ରଲୋଭନ ଦେଖାଇ କେଉଁ ପଞ୍ଚାୟତ ରେ ୩ ଜଣ ତ ଆଉ କେଉଁ ପଞ୍ଚାୟତ ର ୪ ଜଣ ୱାର୍ଡ ମେମ୍ବର ଙ୍କୁ ଧରି ଅନାସ୍ଥା ଆଣିବାକୁ ସରପଞ୍ଚମାନଙ୍କୁ ଧମକ ଦିଆଯାଉଥିବା ସୂଚନା ମିଳିଛି । ଏହି ସରପଞ୍ଚ ମାନେ କୌଣସି ଭୟଭୀତ ନ ହୋଇ ସ୍ଥିର ଥିବା ଏବଂ ବ୍ଲକ ଅଧକ୍ଷ ଙ୍କ ବିରୁଦ୍ଧରେ ଅନାସ୍ଥା କୁ ସମର୍ଥନ ଦେଉଥିବା ସ୍ପଷ୍ଟ କରିଛନ୍ତି ।କଣ୍ଟୁପଡ଼ା ସରପଞ୍ଚଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା କେବଳ ଏକ ଗୁଜବ ଏବଂ ଯେହେତୁ ସେହି ପଞ୍ଚାୟତ ର ୨ ଜଣ ୱାର୍ଡ ମେମ୍ବର ଅଯୋଗ୍ୟ ଅଛନ୍ତି ଯାହାକି ଜିଲ୍ଲାପାଳ ଙ୍କ ଠାରେ ବିଚାରଧୀନ ଅଛି ତେଣୁ ଏହା କାଣ୍ଟୁପଡ଼ା ସରପ□ ଙ୍କୁ ଭୟଭୀତ କରିବା ପାଇଁ ଏହି ଗୁଜବ ପ୍ରଚାର କରାଯାଉଥିବା କୁହାଯାଉଛି । ବିଶେଷ ସୂତ୍ର ରୁ ପ୍ରକାଶ ଯେ ଆସନ୍ତା ଦିନେ ଦୁଇଦିନ ଭିତରେ କେସିଙ୍ଗା ବ୍ଲକ ଅଧକ୍ଷ ଙ୍କୁ ବିରୁଦ୍ଧରେ ଅନାସ୍ଥା ଭୋଟ ପାଇଁ ତାରିଖ ବାହାରିବ ।ଯେହେତୁ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ଙ୍କ ପାଖରେ ୧୯ ଜଣ ଙ୍କ ସମର୍ଥନ ନାହିଁ ତେଣୁ ସେ ନିଶ୍ଚିତ ଅନାସ୍ଥା ରେ ହାରିବେ ବୋଲି ଚର୍ଚ୍ଚା ଜୋର ଧରିଛି । ଯାହା ପାଖରେ ସଂଖ୍ୟାବଳ ନଥାଏ ସିଏ ବିଭିନ୍ନ ଭୟ ଦେଖାଇବା, ଧମକ ଦେବା, ଗୁଜବ ସୃଷ୍ଟି କରିବା ଭଳି କାର୍ଯ୍ୟ କରିଥାଏ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । କେସିଙ୍ଗା ବ୍ଲକ ର ଦୁର୍ନୀତି ଚରମ ସୀମାରେ ପହଂଚିଥିବା ବେଳେ ବିଲ ସମୟରେ ବ୍ଲକ ପ୍ରଶାସନ ହଇରାଣ କରୁଥିବା, ବ୍ଲକ ଅଧକ୍ଷ ସମିତି ମିଟିଙ୍ଗ ଠିକ ସମୟରେ କରୁନଥିବା ଭଳି ଅନେକ ଅଭିଯୋଗ ବାରମ୍ବାର ଆସୁଥିଲା । ସେପଟେ ଅନାସ୍ଥା ସପକ୍ଷରେ ଙ୍କ ୪୦ ଜଣ ଥିବା ସରପଞ୍ଚ ଓ ସମିତି ଦୃଢୋକ୍ତି ପ୍ରକାଶ କରିଛନ୍ତି। ବିରୋଧୀ ଙ୍କ ପାଖରେ ମାତ୍ର ୧୩ ଜଣ ଙ୍କ ସମର୍ଥନ ଥିବା ଚର୍ଚ୍ଚା ହେଉଛି । ବ୍ଲକ ଅଧକ୍ଷ ଙ୍କ ବିରୁଦ୍ଧରେ ୩୭ ଜଣ ସମିତି ଓ ସରପ□ ହେଲେ ଅଧକ୍ଷ ଅନାସ୍ଥା ରେ ହାରୁଥିବା ବେଳେ ତାଙ୍କ ବିରୁଦ୍ଧରେ ୪୦ ଜଣ ଥିବା ସରପଞ୍ଚ ସମିତି ସ୍ପଷ୍ଟ କରିଛନ୍ତି । ଆମେ ସାମ୍ବିଧାନିକ ପଦ୍ଧତିରେ ଏହି ଅନାସ୍ଥା ଆଣିଛୁ ବୋଲି ୪୦ ଜଣ ସରପଞ୍ଚ, ସମିତି ଓ ଉପାଧକ୍ଷା ଦୃଢୋକ୍ତି ପ୍ରକାଶ କରିଛନ୍ତି ।

# ଡିସିଜୈନଙ୍କ ଦଳପାହାଡ ଲୌହ ଓ ମାଙ୍ଗାନିଜ ଖଣିରୁ ଉତ୍ପାଦନ ସମ୍ପ୍ରସାରଣ ନିମନ୍ତେ ଜନ ଶୁଣାଣୀ ସଫଳ




ଯୋଡା (ମହାଭାରତ) କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ଦଳପାହାଡ଼ ଗ୍ରାମରେ ଡିସି ଜୈନଙ୍କର ୮୯.୬୧ ହେକ୍ଟର ପରିମିତ ଅଂଚଳରେ ଥିବା ଦଳପାହାଡ଼ ଲୌହ ଓ ମାଙ୍ଗାନିଜ ଖଣିରୁ ଖଣିଜ ଉତ୍ପାଦନ ବୃଦ୍ଧି ନିମନ୍ତେ ଜନ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ମାଙ୍ଗାନିଜ ଉତ୍ପାଦନ କ୍ଷମତା ବାର୍ଷିକ ୦.୦୯୪ ନିଯୁତ ଟନ୍ ସହିତ ଲୌହ ଉତ୍ପାଦନ କ୍ଷମତା ୦.୩୧ ନିଯୁତ ଟନ୍ ରୁ ୨.୯୯ ନିଯୁତ ଟନ୍ କୁ ବୃଦ୍ଧି ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ ଓଡ଼ିଶାଙ୍କ ଦ୍ୱାରା ପରିବେଶୀ। ମଞ୍ଜୁରୀ ନିମନ୍ତେ ଜନ ଶୁଣାଣୀ କରାଯାଇଛି। ପରିବେଶୀୟ ମଞ୍ଜୁରୀ ଅନୁମୋଦନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବୈତରଣୀ ସଂରକ୍ଷିତ ଜଙ୍ଗଲର ମୌଜା ଦଳପାହାଡ଼ ଅଞ୍ଚଳରେ ଶୁକ୍ରବାର ଏହି ଜନ ଶୁଣାଣୀ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲପାଳ ଆଲୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ଜନ ଶୁଣାଣୀକୁ ପରିଚାଳନା କରିଥିଲେ। ପ୍ରଥମେ ଖଣି କମ୍ପାନୀର ଅଧିକାରୀଙ୍କ ପକ୍ଷରୁ ପ୍ରକଳ୍ପ ସମ୍ବନ୍ଧରେ ସାରାଂଶ ଉପସ୍ଥାପନ କରାଯାଇଥିଲା । ପ୍ରକଳ୍ପ ହେବା ଦ୍ୱାରା କେଉଁ ସବୁ ପ୍ରଭାବ ପଡ଼ିବ ଏବଂ ତାହାର ନିରାକରଣ କିପରି କରାଯିବ ସେନେଇ ବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଏହାପରେ ଖଣି କାର୍ଯ୍ୟ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଜନ ଶୁଣାଣୀରେ ନିଜର ମତାମତ ବ୍ୟକ୍ତ କରିଥିଲେ, ଯାହାକୁ ଲିପିବଦ୍ଧ କରାଯିବା ସହ ଭିଡିଓ ରେକର୍ଡିଂ ମଧ୍ୟ କରାଯାଇଥିଲା । ଏଥିରେ ୬୧ଜଣ ଖଣି ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ନିଜର ମତ କମ୍ପାନୀ ସପକ୍ଷରେ ସାବସ୍ତ କରିଥିଲେ। ଏହା ବ୍ୟତୀତ ୧୫ଜଣ ସ୍ଥାନୀୟ ବାସିନ୍ଦା ଲିଖିତ ଭାବେ କମ୍ପାନୀକୁ ସର୍ତ୍ତ ମୂଳକ ସମର୍ଥନ କରିଥିବା ଜଣାପଡ଼ିଛି । ପ୍ରକଳ୍ପକୁ ସମର୍ଥନ ଜଣାଇବା ସହିତ ସ୍ଥାନୀୟ ଅଞ୍ଚଳରେ କାରଖାନା ପ୍ରତିଷ୍ଠା, ପ୍ରଭାବିତ ଗ୍ରାମ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳର ସୁବନ୍ଦୋବସ୍ତ, ଫଳ ବୃକ୍ଷ ରୋପଣ ଏବଂ ନିଯୁକ୍ତି ଆଦି ଦାବି କରିଥିଲେ ଗ୍ରାମବାସୀ । ତେବେ ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ସେସବୁକୁ ଯଥା ସମ୍ଭବ ପୂରଣ କରିବା ପାଇଁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ପ୍ରଦୂଷଣ ନିୟନ୍ତ୍ରଣ ସକାଶେ ସବୁ ମାନଦଣ୍ଡ ଓ ନିୟମକୁ ମାନି ପଦକ୍ଷେପ ନିଆଯିବ ବୋଲି କମ୍ପାନୀର ବରିଷ୍ଠ ଅଧିକାରୀ ସୂଚନା ଦେଇଥିଲେ । ସ୍ଥାନୀୟ ବାସୀନ୍ଦାଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେବା ସହ ସିଏସଆର ମାଧ୍ୟମରେ ଜନହିତକର କାର୍ଯ୍ୟ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଏଠାରେ ସୂଚନା ଯୋଗ୍ୟ ଦୀର୍ଘ ଦିନରୁ ଏହି ଖଣିଟି ବନ୍ଦ ପଡିଥିବା ବେଳେ ଖଣି ଚାଲୁ ହେଲେ ସ୍ଥାନୀୟ ଲୋକେ ନିଯୁକ୍ତି ପାଇବା ନେଇ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା ଏବଂ ଏହି ଜନଶୁଣାଣୀରେ ଖଣି କମ୍ପାନୀକୁ ଶତ ପ୍ରତିଶତ ସମର୍ଥନ ମିଳିଥିବା ଜଣାପଡିଛି ।

# ଚାଷଜମି କମୁଛି କୋଠାବାଡ଼ି ବଢୁଛି

ଗଜପତି(ମହାଭାରତ): ଗଜପତି ଜିଲ୍ଲାରେ ବର୍ତ୍ତମାନ ଚାଷ ଜମି ଦିନକୁ ଦିନ କମିବାରେ ଲାଗିଛି ଯାହା ଫଳରେ ଚାଷୀ ଚାଷ ନକରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛି। ଚାଷ ଜମିକୁ ଚାଷୀଙ୍କ ଠାରୁ କମ ଦରରେ କିଣି ବା ଶାଗ ମାଛ ଦରରେ କ୍ରୟ କରି ପ୍ଲଟ ଘର ବାରିରେ ପରିଣତକରୁଛନ୍ତି । ଯାହା ଫଳରେ ଚାଷ ଜମି ଦିନକୁ ଦିନ କମିବାରେ ଲାଗିଛି। ରାତାରାତି ଲକ୍ଷପତି ବୟ କୋଟିପତି ହୋଇଥାନ୍ତି ଚାଷ ଜମିକୁ ଘର ବାରୀରେ ପରିଣତ କରୁଥିବା ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ ।ଯାହା ଫଳରେ ଚାଷ ଜମି କମୁଛି। ପ୍ଲଟ ବେପାର କରି ଏବେ ଲୋକ ଲକ୍ଷ ପତି ଓ କୋଟିପତି ହୋଇପାରିଛନ୍ତି ।ସକାଳ ହେଲେ ଟ୍ରେଜେରୀ ରାସ୍ତାରେ ଭିଡ଼ ଜମି ପ୍ଲଟ ବେପାରି ଓ ମଧ୍ୟସ୍ଥତାଙ୍କର କାଗଜ ଦେଖାଇ ସହଜ ଉପାୟରେ ବିନୟପାରିଶ୍ରମରେ ଲକ୍ଷ ପତି ଓ କୋଟିପତି ହେବାର ଆଶା ଏପରିକୀ ଯାହା ପାଖରେ ଖାଇବାରକୁ ନଥିଲା ସେ କୋଟି ପତି ଓ ଲକ୍ଷ ପତି କୋଠା ବାଡ଼ି ବ୍ୟାଙ୍କ ବାଲାନ୍ସ ସମସ୍ତଙ୍କୁ ଜଣା ଏପରିକି ସରକାରୀ କାର୍ଯ୍ୟରତ କର୍ମଚାରୀ ମାନେ ମଧ୍ୟ ଏହି ପ୍ଲଟ ବେପାର କରି ଲକ୍ଷ ପତି ଓ କୋଟି ପତି ହେଉଛନ୍ତି। ଏଣୁ ନୂତନ ସରକାର ଚାଷିଙ୍କ ପ୍ରତି ଦୃଷ୍ଟି ଦେଲେ ଚାଷ ଜମି ପ୍ଲଟ ହେବ ନାହିଁକି ଘର ବାରିରେ ପରିଣତ ହେବ ନାହିଁ ଚାଷ ଜମି ରହିବ ଚାଷି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବ ନାହିଁ ଜମିରେ ସୁନାର ଫସଲ ଫଳିବ ଖାଦ୍ୟ ଶସ୍ୟର ଅଭାବ ରହିବ ନାହିଁ ନହେଲେ ଖାଦ୍ୟ ଶସ୍ୟର ସଙ୍କଟ ଦେଖାଦେବ ।

# ଗଜ ଲକ୍ଷ୍ମୀ ପୂଜାରେ ସହର ଚଳଚଞ୍ଚଳ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଓଡ଼ିଆ ଭଣ୍ଡାରି ସାହି ଛକରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଅଛି ।ଏହି ପୂଜା ଦୀର୍ଘ ୪୦ ବର୍ଷ ହେବ ହେଉଅଛି ।ସକାଳ ସମୟରେ ମାଆଙ୍କ ଆଳତୀ,ହୋମ ଓ ପୂଜା ରୀତିନୀତି ଅନୁଯାୟୀ କରାଯାଉଛି। ସନ୍ଧ୍ୟା ଆଳତୀ ସହ ହୋମ କରାଯାଉଛି ।ମାଆଙ୍କ ଦର୍ଶନ କରି ମାଆଙ୍କ ଆଶିଷ ନେବାକୁ ବହୁ ଦୂରଦୂରାନ୍ତରୁ ଭକ୍ତଙ୍କ ସମାଗମ ହେଉଛି ।ଆଲୋକ ମାଳାରେ ସହର ଝଲସି ଉଠୁଛି,୨୪ ତାରିଖରେ ମାଆଙ୍କ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା ସହିତ ସନ୍ଧ୍ୟା ସମୟରେ ଦୀପ ଯଜ୍ଞ, ଓ ମାଆଙ୍କ ନିକଟରେ ଚୁଡି ସିନ୍ଦୂର ପ୍ରଦାନର ବ୍ୟବସ୍ଥା ରହିଛି ।ପ୍ରତିଦିନ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୧ ଦିନରେ ମାଆଙ୍କ ଭାଷାଣି କାର୍ଯ୍ୟକ୍ରମ ଥିବାର କମିଟି ପକ୍ଷରୁ ଜଣାପଡ଼ିଛି। ସୁରେଶ ଦାସ, ସୀମାଞ୍ଚଳ ପତିତ, ସମ୍ପାଦକ ବିଭୁତି ଭୂଷଣ ବେହେରା, ସଶା, ପ୍ରସାଦ,ବାବୁନା, ସ୍ୱାଗତମ ପାଢ଼ୀ, ଭକ୍ତ ବେହେରାଙ୍କ ସମେତ ସାହି ବାସିନ୍ଦାଙ୍କ ସହଯୋଗରେ ଏହି ପୂଜା ଆୟୋଜିତ ହେଉଛି।

# ଜିଲ୍ଲାସ୍ତରୀୟ ସଂପୂର୍ଣ୍ଣତା ଅଭିଯାନର ସମାପନ ସମାରୋହ

ଗଜପତି(ମହାଭାରତ): ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଆକାଂକ୍ଷା ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ସଂପୂର୍ଣ୍ଣତା ଅଭିଯାନର ସମାପନ ସମାରୋହ ଅନୁଷ୍ଠିତ ହୋଇଯାଇଅଛି। ଏହି ସମାପନ ସମାରୋହରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ଜି.ତିରୁପତି ରାଓ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼.ଗୁଣନିଧି ନାୟକ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମହମ୍ମଦ ଅଲ୍ଲୀ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସ୍ୱାଗତ ପ୍ରଦାନ କରିବା ସହିତ ସଂପୂର୍ଣ୍ଣତା ଅଭିଯାନ ଏବଂ ଏହାର ସଫଳତା ଉପରେ ଆଲୋକପାତ କରି କହିଥିଲେ, ଯାହା ସ୍ୱାସ୍ଥ୍ୟ ସେବାର ଉନ୍ନତି, ପୋଷଣ ଅଭିଯାନ ଅଧିନରେ ଅପପୃଷ୍ଟି ହ୍ରାସ, ପ୍ରସବପୂର୍ବ ଯତ୍ନ, ଶିଶୁ ଟୀକାକରଣ ଏଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଉପରେ ଧ୍ୟାନ ଦିଆଯାଇଥିଲାଯ ଅଙ୍ଗନୱାଡ଼ି ଏବଂ ଆଶା କର୍ମୀଙ୍କ ପରି ଆଗଧାଡ଼ିର କର୍ମୀଙ୍କ ଉଦ୍ୟମରେ ଏହି ଜନ କଲ୍ୟାଣ କାରୀ ଯୋଜନା ଗୁଡିକୁ ଆଗେଇ ନେବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ପ୍ରଶଂସା କରାଯାଇଥିଲା। ଏହି ଅଭିଯାନ ଗତ ଜୁଲାଇ ୪ ତାରିଖରୁ ଆରମ୍ଭ ହୋଇ ଗତ ମାସ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣତା ଅଭିଯାନର କାର୍ଯ୍ୟକ୍ରମ ଜିଲ୍ଲାର ଆର୍.ଉଦୟଗିରି ଓ ଗୁମ୍ମା ବ୍ଲକରେ ଚାଲୁ ରହିଅଛି। ଏହି ସମାରୋହରେ ବିଗତ ତିନି ମାସ ଧରି ବିଭିନ୍ନ ବିଭାଗ ଯଥା କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ କଲ୍ୟାଣ ଓ ସାମାଜିକ ବିକାଶ ମଧ୍ୟରେ ଛଅ ଗୋଟି ସୁଚକାଙ୍କ ମଧ୍ୟରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ ନିମନ୍ତେ ବିଗତ ତିନି ମାସରେ ବିଭିନ୍ନ ପଦକ୍ଷେପ ମାନ ନିଆ ଯାଇଥିଲା , ଯାହା ପାଇଁ ବିଭିନ୍ନ ବିଭାଗ ର ଅଧିକାରୀ ମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନୀତ କରିବା ସହ ସେମାନଙ୍କୁ ମାନ ପତ୍ର ପ୍ରଦାନ କରିବା ସହିତ ସମସ୍ତ ବ୍ଲକ୍ ରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଆଶା ଏବଂ ଅଙ୍ଗନୱାଡ଼ି କର୍ମୀଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା ।

# ମହାଡମ୍ବରେ ସହିତ ଗଜଲକ୍ଷ୍ମୀ ପୂଜା ଉଦଯାପିତ

ଆସିକା(ମହାଭାରତ): ଆସିକା ର ବିଭିନ୍ନ ଗ୍ରାମ ଏବଂ ସହର ମଧ୍ୟରେ ଗତ ବୁଧବାର ଠାରୁ ଆରମ୍ଭ ହୋଇଥିବା ଗଜଲକ୍ଷ୍ମୀ ପୂଜା ଉଦଯାପିତ ହୋଇଯାଇଛି । ଆସିକା ର ତାଲୁକା ରୋଡ, ନଳବଣ୍ଟା, ନିମିନା ସମେତ ଅନେକ ଗ୍ରାମ ରେ ଗଜଲକ୍ଷ୍ମୀ ପୂଜା ମହା ସମାରୋହରେ ପାଳିତ ହୋଇଥିଲା । ପଣ୍ଡିତ ମାନଙ୍କ ଦ୍ୱାରା ମୃଣ୍ମୟ ମଣ୍ଡି ରେ ଜୀବ ନ୍ୟାସ, ଜଳ ଅଭିଷେକ, ଗଙ୍ଗା ଆବାହନ, ଦେବତା ପୂଜା, ବରୁଣ ପୂଜା, ସ୍ୱସ୍ତି ବାଚନ, ସଂକଳ୍ପ, ଗ୍ରହ ପୂଜା, ନ୍ୟାସ, ଷୋଡଶ ପୂଜା, ପୁଷ୍ପ କୁଙ୍କୁମ ପ୍ରଦାନ, ହୋମ ଯଂଜ୍ଞ, ଆରତୀ ଓ ପୁଷ୍ପାଞ୍ଜଳି ଦିଆଯାଇଥିଲା । ପଣ୍ଡିତ ମୀନ କେତନ ଶତପଥି,ଦେବୀ ପ୍ରସାଦ ଶତପଥି,କାଳୁ ଚରଣ ମହାପାତ୍ର କାଂହୁ ଚରଣ ତ୍ରିପାଠୀ,ପ୍ରମୁଖ ମନ୍ତ୍ର ଉଚ୍ଚାରଣ କରିଥିଲେ । କର୍ତା ରୂପେ ସନ୍ତୋଷ କୁମାର ପାଢ଼ୀ, ପ୍ରଭାସିନୀ ପାଢ଼ୀ,ବାବୁ ସ୍ୱାଇଁ, ଦେବାଶିଷ ପାଢ଼ୀ,ନିମିନା ଗ୍ରାମର ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚି, ଗ୍ରାମ କୂଳ ସଭାପତି ଶିବ ନାୟକ,ଦଣ୍ଡପାଣି ଦଳାଇ, ସୁରେନ୍ଦ୍ର ସ୍ୱାଇଁ, ଜୟରାମ ପ୍ରଧାନ, ମହେଶ୍ୱର ପାତ୍ର, ଅଭିମନ୍ୟୁ ଡାକୁଆ, ଯୋଗେନ୍ଦ୍ର ରାଉତ, ରବୀନ୍ଦ୍ର ନାହାକ, ସିମାଞ୍ଚଳ ଦଳାଇ, ଲଡୁ ଚର୍ଚ୍ଚି, ଶିଶିର ଡାକୁଆ, ମକୁନ୍ଦ ସ୍ୱାଇଁ, ଭଗବାନ ଡାକୁଆ, ସୁବାସ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ପାତ୍ର, ଚନ୍ଦ୍ରମଣି ପ୍ରଧାନ, କୃଷ୍ଣ ଚର୍ଚ୍ଚି, ବଳରାମ ସ୍ୱାଇଁ, ସୁଶାନ୍ତ ସ୍ୱାଇଁ ହରିହର ଡାକୁଆ, ରାମଚନ୍ଦ୍ର ଡାକୁଆ, ଅଶୋକ ଡାକୁଆ, ନୂଆଁ ସାହି ଓ ମଠ ସାହି ବୃନ୍ଦ ସହଯୋଗ କରିଥିଲେ।

# ଚାରିବର୍ଷ ଧରି ରାସନରୁ ବଞ୍ଚିତ ହିନ୍ଦୋଳର ରସବତୀ,

## ଅଭିଯୋଗ କଲେ କର୍ଣ୍ଣପାତ କରୁନି ଜିଲ୍ଲାପ୍ରଶାସନ



ହିନ୍ଦୋଳ(ମହାଭାରତ)ନୂତନ ରାଜ୍ୟ ସରକାର ଘୋଷଣା କରୁଛନ୍ତି ସମସ୍ତ ଗରିବଙ୍କୁ ମୁଣ୍ଡପିଛା ୫କେଜି ଚାଉଳ, ଅନ୍ତୋଦୟ ଯୋଜନାରେ ପରିବାର ପିଛା ୩୫କେଜି ଚାଉଳ ନିଶ୍ଚିତ ପାଇବେ।ଏ ବାବଦରେ ରାଜ୍ୟ ଯୋଗାଣ ମନ୍ତ୍ରୀ ମଧ୍ୟ ବାରମ୍ବାର ପ୍ରକାଶ କରିଛନ୍ତି ।ମାତ୍ର ଖୋଦ ଯୋଗାଣ ମନ୍ତ୍ରୀଙ୍କ ଜିଲ୍ଲା ଢେଙ୍କାନାଳର ହିନ୍ଦୋଳ ନିର୍ବାଚନମଣ୍ଡଳୀ ହିନ୍ଦୋଳ ବ୍ଲକର ବାବନ୍ଧ ପଂଚାୟତ ବହଣ୍ଡେଇ ଗ୍ରାମର ସ୍ୱର୍ଗତ ରତ୍ନାକର ନାଏକଙ୍କ ବିଧବାପତ୍ନୀ ରସବତୀ ନାଏକ(୬୫) ବର୍ଷର ବୃଦ୍ଧା ଆଜକୁ ୪ବର୍ଷ ଧରି ବଞ୍ଚିତ ଅଛନ୍ତି ରାସନ କାର୍ଡରେ ରାସନ ପାଇବାକୁ ।ଏହି ସମସ୍ୟା ନେଇ ରସବତୀ ଢେଙ୍କାନାଳ ଜିଲ୍ଲାପାଳ,ହିନ୍ଦୋଳ ଉପଜିଲ୍ଲାପାଳ, ବିଡ଼ିଓ,ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଜଣାଇ ଅଫିସ ଦୌଡ଼ିଦୌଡ଼ି ନିରାଶ ହୋଇ କହିଛନ୍ତି ମୁଁ ପୂର୍ବରୁ ପାଉଥିବା ରାସନ ସାମଗ୍ରୀରୁ ଦୀର୍ଘ ଚାରିବର୍ଷ ହେଲା ବଞ୍ଚିତ ଅଛି ବାରମ୍ବାର ଅଭିଯୋଗ ସତ୍ୱେ ମୋର ଦୁଃଖ ପ୍ରଶାସନ ଶୁଣୁନାହିଁ । ଡିଲରକୁ ପଚାରିଲେ କହୁଛନ୍ତି ମୁଁ କହିପାରିବିନି ଯୋଗାଣ ଅଧିକାରୀଙ୍କ ତାଲିକାରେ ତୁମନାମ ନାହିଁ ଏଣୁ ମୁଁ ରାସନ ସାମଗ୍ରୀ ଦେବିନାହିଁ ।ସେହିଦିନଠାରୁ ଅସହାୟ ବିଧବା ବୃଦ୍ଧା ରସବତୀ ରାସନରୁ ବଞ୍ଚିତ ହୋଇ ଭୋକ ଉପାସରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ କାଳାତିପାତ କରୁଛନ୍ତି ।ରସବତୀଙ୍କ ଅଭିଯୋଗ ସତ୍ୱେ ଏହି ସମସ୍ୟା ଜିଲ୍ଲା ଓ ବ୍ଲକ ପ୍ରଶାସନ ଅଣଦେଖା କରୁଥିବାରୁ ହିନ୍ଦୋଳ ଭୋଟରଙ୍କ ମନରେ ନୈରାଶ୍ୟ ଦେଖାଦେଇଛି ।ତେବେ ଗରିବ ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ଗୁରୁତ୍ୱ ନଦେବା ସହ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି, ଜିଲ୍ଲା ଓ ବ୍ଲକ ପ୍ରଶାସନ କିଭଳି ଏହି ଗରିବ ବୃଦ୍ଧା ଭୋଟରଙ୍କ ସମସ୍ୟା ପ୍ରତି ଆଖିବୁଜି ଦେଇଛନ୍ତି ବୋଲି ହିନ୍ଦୋଳ ଜନସାଧାରଣ, ବୁଦ୍ଧିଜିବି ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେବାସହ ତୁରନ୍ତ ରସବତୀଙ୍କୁ ରାସନକାର୍ଡ ହିତାଧିକାରୀରେ ସାମିଲ କରାଯାଇ ରାସନ ସାମଗ୍ରୀ ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଭାରତର ଇସ୍ପାତ ଶିଳ୍ପ: ଅଭିବୃଦ୍ଧି ଏବଂ ବିଶ୍ୱ ନେତୃତ୍ୱର କାହାଣୀ

ନୂଆଦିଲ୍ଲୀ,୧୮।୧୦(ପିଆଇବି): ଭାରତର ଇସ୍ପାତ ଶିଳ୍ପର କାହାଣୀ ଏକ ଉଲ୍ଲେଖନୀୟ ପରିବର୍ତ୍ତନର ପ୍ରମାଣ, ଯାହା ଦେଶର ବ୍ୟାପକ ଅର୍ଥନୈତିକ ଯାତ୍ରାକୁ ପ୍ରତିଫଳିତ କରେ । ଏକଦା ବିଶ୍ୱରେ ସାଧାରଣ ଉତ୍ପାଦନକାରୀ ଭାବେ ପରିଗଣିତ ହେଉଥିବା ଦେଶ ଆଜି ବିଶ୍ୱର ଦ୍ୱିତୀୟ ବୃହତ୍ ଇସ୍ପାତ ଉତ୍ପାଦନକାରୀ ରାଷ୍ଟ୍ରରେ ପରିଣତ ହୋଇଛି ଏବଂ ୨୦୧୮ରେ ଜାପାନକୁ ପଛରେ ପକାଇ ଏହି ସଫଳତା ହାସଲ କରିଛି। ଆଧୁନିକୀକରଣ, ଆତ୍ମନିର୍ଭରଶୀଳତା ଏବଂ ସ୍ଥାୟୀ ଶିଳ୍ପାୟନ ଦିଗରେ ଭାରତର ବ୍ୟାପକ ଯାତ୍ରାର ପ୍ରତୀକ ହେଉଛି ଏହି ପରିବର୍ତ୍ତନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବାର ଲକ୍ଷ୍ୟରେ ଆଗକୁ ବଢୁଥିବା ବେଳେ ଇସ୍ପାତ ଶିଳ୍ପ ଦେଶର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ବିଶେଷ କରି ୨୦୧୯ରୁ ୨୦୨୩ ମଧ୍ୟରେ ଶିଳ୍ପର ଅଭିବୃଦ୍ଧି ଉଲ୍ଲେଖନୀୟ ରହିଛି। ଏହି ସମୟ ମଧ୍ୟରେ ଭାରତର ଇସ୍ପାତ ଉତ୍ପାଦନ ୬% କମ୍ପାଉଣ୍ଡ ବାର୍ଷିକ ଅଭିବୃଦ୍ଧି ହାର (ସିଏଜିଆର)ରେ ବୃଦ୍ଧି ପାଇଛି, ଯାହା ଚୀନର ୧% ତୁଳନାରେ ଯଥେଷ୍ଟ ଅଧିକ ଏବଂ ବିଶ୍ୱ ଇସ୍ପାତ ଉତ୍ପାଦନକୁ ପଛରେ ପକାଇ ଦେଇଛି, ଯେଉଁଥିରେ ୧% ହ୍ରାସ ଘଟିଛି । ବିଗତ ପାଂଚ ବର୍ଷ ମଧ୍ୟରେ ବିଶ୍ୱସ୍ତରରେ ଇସ୍ପାତ କ୍ଷମତା ପ୍ରାୟ ୬୨ ନିୟୁତ ଟନ୍ ବୃଦ୍ଧି ପାଇଛି ଏବଂ ଏହି ଅଭିବୃଦ୍ଧିରେ ଭାରତର ଅଂଶ ୬% ରହିଛି। ଉଲ୍ଲେଖଯୋଗ୍ୟ, ଏସିଆର ଇସ୍ପାତ ନିର୍ମାଣ କ୍ଷମତା ବୃଦ୍ଧିରେ ଆସିଆନ୍ ଏବଂ ଭାରତ ପ୍ରାୟ ୮୯% ଯୋଗଦାନ କରିବେ ବୋଲି ଆକଳନ କରାଯାଇଛି।

'ଆତ୍ମନିର୍ଭର ଭାରତ' ଭଳି ଘରୋଇ ଉତ୍ପାଦନ ପ୍ରୋତ୍ସାହନ ଦ୍ୱାରା ପରିଚାଳିତ ବିଶ୍ୱ ବଜାରରେ ଦେଶର ରଣନୈତିକ ସ୍ଥିତି ଉପରେ ଏହି ପ୍ରଦର୍ଶନ ଆଲୋକପାତ କରିଛି। ଭାରତ କେବଳ ଇସ୍ପାତ ଉତ୍ପାଦନ କରୁନାହିଁ; ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ଏବଂ ରପ୍ତାନି ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କରିବା ପାଇଁ ଏହା ଏକ ରୋଡମ୍ୟାପ୍ ପ୍ରସ୍ତୁତ କରୁଛି ।

ଏହି ସଫଳତା ପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜାତୀୟ ଇସ୍ପାତ ନୀତି (ଏନଏସପି) ୨୦୧୭, ଯେଉଁଥିରେ ୨୦୩୦-୩୧ ସୁଦ୍ଧା ୩୦୦ ନିୟୁତ ଟନ୍ ଅଶୋଧିତ ଇସ୍ପାତ କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି, ଯେଉଁଥିରେ ୨୫୫ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଏବଂ ୨୩୦ ନିୟୁତ ଟନ୍ ପ୍ରସ୍ତୁତ ଇସ୍ପାତ ଉତ୍ପାଦନ ହେବ ବୋଲି ଆଶା କରାଯାଉଛି। ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରର ଆବଶ୍ୟକତା ପୂରଣ କରିବା ସହିତ ଭାରତକୁ ଇସ୍ପାତ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା, କ୍ଷମତା ବୃଦ୍ଧି, ଗୁଣବତ୍ତା ବୃଦ୍ଧି ଏବଂ ସ୍ଥାୟୀ ଏବଂ ଶକ୍ତି-ଦକ୍ଷ ଅଭ୍ୟାସ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେବା ଏହି ନୀତିର ଲକ୍ଷ୍ୟ ।

ଅଶୋଧିତ ଇସ୍ପାତ ଉତ୍ପାଦନ ୨୦୧୯-୨୦ରେ ୧୦୯.୧୩୭ ନିୟୁତ ଟନ୍ (ମେଟ୍ରିକ୍ ଟନ୍) ଥିବାବେଳେ ୨୦୨୩-୨୪ରେ ଏହା ୧୪୪.୨୯୯ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି, ଯାହା ପୂର୍ବ ବର୍ଷ (୨୦୨୨-୨୩ ରେ ୧୨୭.୧୯୭ ମେଟ୍ରିକ୍ ଟନ୍) ତୁଳନାରେ ୧୩.୪% ବୃଦ୍ଧି ପାଇଛି । ଘରୋଇ ଇସ୍ପାତ ଶିଳ୍ପର କ୍ଷମତା ୨୦୧୯-୨୦ରେ ବାର୍ଷିକ ୧୪୨.୨୯୯ ମେଟ୍ରିକ୍ ଟନ୍ ଥିବାବେଳେ ୨୦୨୩-୨୪ରେ ଏହା ୧୭୯.୫୧୫ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ କ୍ଷମତା ବ୍ୟବହାର ୮୧% କୁ ବୃଦ୍ଧି ପାଇଛି।

କିନ୍ତୁ ଭାରତର ଇସ୍ପାତ କାହାଣୀ କେବଳ କ୍ଷମତା ବୃଦ୍ଧି ବିଷୟରେ ନୁହେଁ- ଏହା ଘରୋଇ ବ୍ୟବହାର ବୃଦ୍ଧି ବିଷୟରେ ମଧ୍ୟ ସମାନ ଭାବରେ ସଂପୃକ୍ତ । ୨୦୧୯-୨୦ରେ ମୋଟ ପ୍ରସ୍ତୁତ ଇସ୍ପାତ ବ୍ୟବହାର ୧୦୦.୧୭୧ ମେଟ୍ରିକ୍ ଟନ୍ ଥିବା ବେଳେ ୨୦୨୩-୨୪ରେ ଏହା ୧୩୬.୨୯୧ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୩.୭% ଅଭିବୃଦ୍ଧି ହାର ସହିତ ଦୃଢ଼ ଘରୋଇ ଚାହିଦାକୁ ସୂଚାଇଥାଏ। ଆର୍ଥିକ ବର୍ଷ ୨୭ ସୁଦ୍ଧା ଇସ୍ପାତ ଚାହିଦାରେ ରକ୍ଷଣଶୀଳ ୬% ସିଏଜିଆର୍ ସମେତ ଶିଳ୍ପ ଆକଳନ ସୂଚାଉଛି ଯେ ଭାରତର ଇସ୍ପାତ କ୍ଷେତ୍ର ଚାହିଦା ପୂରଣ କରିବାକୁ ପ୍ରସ୍ତୁତ ଅଛି।

କ୍ଷମତା ସମ୍ପ୍ରସାରଣ ଏବଂ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ଇସ୍ପାତ ଉତ୍ପାଦର ବିକାଶ ଉପରେ ଗୁରୁତ୍ୱ ଦେଉଥିବା ରଣନୈତିକ ନୀତି ଏବଂ ଶିଳ୍ପ ନେତୃତ୍ୱାଧୀନ ପଦକ୍ଷେପ ଯୋଗୁଁ ଏହି ଅଭିବୃଦ୍ଧି ସମ୍ଭବ ହୋଇପାରିଛି।

ଇସ୍ପାତ ଏକ ନିୟନ୍ତ୍ରଣମୁକ୍ତ କ୍ଷେତ୍ର ବୋଲି ଏଠାରେ ଆଲୋକପାତ କରିବା ଆବଶ୍ୟକ। ଇସ୍ପାତ କ୍ଷେତ୍ରର ବିକାଶ ପାଇଁ ଅନୁକୂଳ ନୀତି ବାତାବରଣ ସୃଷ୍ଟି କରି ସରକାର ସହାୟକ ଭାବରେ କାର୍ଯ୍ୟ କରନ୍ତି । ଇସ୍ପାତ କ୍ଷେତ୍ରକୁ ୩୬୦ ଡିଗ୍ରୀ ପୁନରୁଦ୍ଧାର କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି।

ଇସ୍ପାତ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ, ଏକ ପ୍ରମୁଖ ପଦକ୍ଷେପ ହେଉଛି ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲଆଇ) ଯୋଜନା, ଯାହାର ଉଦ୍ଦେଶ୍ୟ ପୁଞ୍ଜି ନିବେଶ ଆକୃଷ୍ଟ କରିବା ଏବଂ ଆମଦାନୀ ହ୍ରାସ କରିବା। ଏହି ପରିପ୍ରେକ୍ଷୀରେ ୨୯,୫୦୦ କୋଟି ଟଙ୍କା ପୁଞ୍ଜିନିବେଶ ଏବଂ ସ୍ପେଶାଲିଟି ଇସ୍ପାତ ପାଇଁ ୨୫ ନିୟୁତ ଟନ୍ ଅତିରିକ୍ତ କ୍ଷମତା ସୃଷ୍ଟି ଆଶା କରାଯାଉଛି। ଇସ୍ପାତ ଶିଳ୍ପକୁ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ କରିବା ପାଇଁ, ୨୦୨୪ ବଜେଟରେ ସରକାର ଫେରୋ ନିକେଲ ଉପରେ ମୌଳିକ ସୀମା ଶୁଳ୍କ ହ୍ରାସ କରିଛନ୍ତି ଏକ କଂଚାମାଲ, ଏବଂ ଫେରସ୍ ସ୍କ୍ରାପ୍ ଉପରେ ଶୁଳ୍କ ଛାଡ଼କୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଘରୋଇ ଉତ୍ପାଦିତ ଲୁହା ଏବଂ ଇସ୍ପାତ ଉତ୍ପାଦ (ଡିଏମଆଇ ଏବଂ ଏସପି) ନୀତି, ଯାହା ସରକାରୀ କ୍ରୟ ପାଇଁ 'ମେଡ୍ ଇନ୍ ଇଣ୍ଡିଆ' ଇସ୍ପାତକୁ ପ୍ରୋତ୍ସାହିତ କରେ।

ଆର୍ଥିକ ପ୍ରୋତ୍ସାହନ ବ୍ୟତୀତ ଶିଳ୍ପର ପରିବେଶ ସ୍ଥାୟୀତ୍ୱ ବୃଦ୍ଧି ପାଇଁ ସରକାର ନିର୍ଣ୍ଣାୟକ ପଦକ୍ଷେପ ନେଇଛନ୍ତି। ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଜାତୀୟ ସବୁଜ ହାଇଡ୍ରୋଜେନ ମିଶନ, ଇସ୍ପାତ କ୍ଷେତ୍ରକୁ ସବୁଜ ହାଇଡ୍ରୋଜେନ ଉତ୍ପାଦନ ଏବଂ ବ୍ୟବହାରର ବ୍ୟାପକ ଲକ୍ଷ୍ୟରେ ସମନ୍ୱିତ କରେ, ଯାହା ଇସ୍ପାତ ଉତ୍ପାଦନର ଡିକାର୍ବନାଇଜେସନରେ ଯୋଗଦାନ କରେ । ଇସ୍ପାତ ସ୍କ୍ରାପ୍ ରିସାଇକ୍ଲିଂ ନୀତି ଘରୋଇ ସ୍ତରରେ ଉତ୍ପାଦିତ ସ୍କ୍ରାପର ଉପଲବ୍ଧତା ବୃଦ୍ଧି କରି ଏହି ପ୍ରୟାସକୁ ଆହୁରି ସୁଦୃଢ଼ କରିଥାଏ, ଯାହା ଦ୍ୱାରା ସମ୍ବଳ ଦକ୍ଷତା ବୃଦ୍ଧି ପାଇଥାଏ ।

ଆଜି ଭାରତର ଇସ୍ପାତ ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ପହଂଚିଛି, ଯାହା ସ୍ଥାୟୀତାକୁ ଗ୍ରହଣ କରିବା ସହିତ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ ଅଛି । ବ୍ୟାପକ ଭିତ୍ତିଭୂମି ପ୍ରକଳ୍ପ ଏବଂ 'ମେକ୍ ଇନ୍ ଇଣ୍ଡିଆ' ଏବଂ ପିଏମ୍ ଗତି-ଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଭଳି ପଦକ୍ଷେପ ଚାହିଦାକୁ ପ୍ରୋତ୍ସାହିତ କରୁଛି, ଯାହା ନିରନ୍ତର ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି। ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରର ରଣନୈତିକ ପୁଞ୍ଜିନିବେଶ ଉତ୍ପାଦକତା ଏବଂ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କରିବାକୁ ଯାଉଛି, ଯାହା ଜାତୀୟ ଇସ୍ପାତ ନୀତି ୨୦୧୭ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟକୁ ଅତିକ୍ରମ କରିବାରେ ଶିଳ୍ପକୁ ସାହାଯ୍ୟ କରିବ । ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବା ଦିଗରେ କାର୍ଯ୍ୟ କରୁଥିବା ବେଳେ ଇସ୍ପାତ କ୍ଷେତ୍ର ଅର୍ଥନୈତିକ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ଶିଳ୍ପ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ସ୍ଥାୟୀ ତଥା କ୍ରମାଗତ ପ୍ରଗତି ପାଇଁ ଏକ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପିତ କରିବ ।

## 'କର୍ମଯୋଗୀ ସପ୍ତାହ' : ଜାତୀୟ ଶିକ୍ଷା ସପ୍ତାହର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୮।୧୦(ଏଜେନସି୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଡକ୍ଟର ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ୧୯ ଅକ୍ଟୋବର ସକାଳ ୧୦:୩୦ ସମୟରେ 'କର୍ମଯୋଗୀ ସପ୍ତାହ' - ଜାତୀୟ ଶିକ୍ଷା ସପ୍ତାହର ଶୁଭାରମ୍ଭ କରିବେ । ମିଶନ କର୍ମଯୋଗୀ ସେପଟ୍ଟେମ୍ବର ୨୦୨୦ରେ ଆରମ୍ଭ କରାଯାଇଥିଲା ଏବଂ ସେବେଠାରୁ ଏହା ଯଥେଷ୍ଟ ଅଗ୍ରଗତି କରିଛି । ଏହା ଏକ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଭାରତୀୟ ନୈତିକତା ଆଧାରରେ ଏକ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରଶାସନିକ ସେବାର କଳ୍ପନା କରେ ।ରାଷ୍ଟ୍ରୀୟ ଶିକ୍ଷା ସପ୍ତାହ (ଏନ୍‌ଏଲ୍‌ଡବ୍ଲ୍ୟୁ) ଏହି କ୍ଷେତ୍ରରେ ଏକ ସର୍ବବୃହତ ଆୟୋଜନ ହେବ ଯାହା ସରକାରୀ କର୍ମଚାରୀଙ୍କ ପାଇଁ ବ୍ୟକ୍ତିଗତ ଏବଂ ସାଂଗଠନିକ ଦକ୍ଷତା ବିକାଶ ଦିଗରେ ନୂତନ ପ୍ରେରଣା ପ୍ରଦାନ କରିବ । ଏହି ପଦକ୍ଷେପ



ଶିକ୍ଷା ଏବଂ ବିକାଶ ପାଇଁ ଏକ ନୂତନ ପ୍ରତିବଦ୍ଧତାକୁ ଉତ୍ସାହିତ କରିବ । ଏନ୍‌ଏଲ୍‌ଡବ୍ଲ୍ୟୁ "ଗୋଟିଏ ସରକାର" ବାର୍ତ୍ତା ଆରମ୍ଭ କରିବା ସହ ସମସ୍ତଙ୍କୁ ଜାତୀୟ ଲକ୍ଷ୍ୟ ସହିତ ସମାନ କରିବା ଏବଂ ଆଜୀବନ ଶିକ୍ଷାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି ।ଏନ୍‌ଏଲ୍‌ଡବ୍ଲ୍ୟୁ ବ୍ୟକ୍ତିଗତ ଅଂଶଗ୍ରହଣକାରୀ ଏବଂ ମନ୍ତ୍ରଣାଳୟ, ବିଭାଗ ଏବଂ ସଂଗଠନ ଦ୍ୱାରା ବିଭିନ୍ନ ପ୍ରକାରର ଯୋଗଦାନ ମାଧ୍ୟମରେ ଶିକ୍ଷା ପାଇଁ ଉତ୍ସର୍ଗୀକୃତ ହେବ । ଏନ୍‌ଏଲ୍‌ଡବ୍ଲ୍ୟୁ ସମୟରେ ପ୍ରତ୍ୟେକ କର୍ମଯୋଗୀ ଅତି କମରେ ୪ ଘଂଟା ଦକ୍ଷତା-ସମ୍ବନ୍ଧିତ ଶିକ୍ଷାର ଲକ୍ଷ୍ୟ ହାସଲ କରିବାକୁ ପ୍ରତିଶ୍ରୁତି ଦେବ । ଅଂଶଗ୍ରହଣକାରୀମାନେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଦ୍ୱାରା ଆଇଜିଓଟି, ୱେବିନାର୍ସ(ସର୍ବସାଧାରଣ ବକ୍ତୃତା/ ନୀତି ମାଷ୍ଟରକ୍ଲାସ୍) ଉପରେ ବ୍ୟକ୍ତିଗତ ଭୂମିକା ଆଧାରିତ ମଡ୍ୟୁଲଗୁଡିକର ମିଶ୍ରଣ ମାଧ୍ୟମରେ ଧାର୍ଯ୍ୟ ସମୟକୁ ସମ୍ପୂର୍ଣ୍ଣ କରିପାରିବେ । ସପ୍ତାହ ମଧ୍ୟରେ, ବିଶିଷ୍ଟ ବ୍ୟକ୍ତିମାନେ ସେମାନଙ୍କର ପ୍ରତିଷ୍ଠିତ କ୍ଷେତ୍ର ଉପରେ ଆଲୋଚନା କରିବେ ଏବଂ ସେମାନଙ୍କୁ ଅଧିକ ପ୍ରଭାବଶାଳୀ ଢ଼ଙ୍ଗରେ ନାଗରିକ-କେନ୍ଦ୍ରିକ ବିତରଣ ଦିଗରେ କାର୍ଯ୍ୟ କରିବାରେ ସାହାଯ୍ୟ କରିବେ । ଏହି ସପ୍ତାହ ମଧ୍ୟରେ, ମନ୍ତ୍ରଣାଳୟ, ବିଭାଗ ଏବଂ ସଂଗଠନ ମଧ୍ୟ ଡୋମେନ୍-ଆଧାରିତ ଦକ୍ଷତା ବୃଦ୍ଧି ପାଇଁ ସେମିନାର ଏବଂ କର୍ମଶାଳା ଆୟୋଜନ କରିବେ ।

## ସଲମାନ ଖାନଙ୍କୁ ପୁନର୍ବାର ଧମକ

ମୁମ୍ବାଇ ୧୮।୧୦(ଏଜେନ୍ସି): ଚଳଚ୍ଚିତ୍ର ଅଭିନେତା ସଲମାନ ଖାନଙ୍କୁ ପୁଣିଥରେ ମୃତ୍ୟୁ ଧମକ ମିଳିଛି ।ମୁମ୍ବାଇ ଟ୍ରାଫିକ ପୋଲିସର ଏକ ହ୍ୱାଟ୍ସଅପ ନମ୍ବରରେ ମିଳିଥିବା ଏହି ଧମକପୂର୍ଣ୍ଣ ମେସେଜରେ କୁହାଯାଇଛି ଯେ ୫ କୋଟି ଟଙ୍କା ଦିଅ ନଚେତ ଅବସ୍ଥା ବାବା ସିଦ୍ଦିକୀଙ୍କ ଅବସ୍ଥାଠାରୁ ଖରାପ ହେବ। ମୁମ୍ବାଇ ପୋଲିସ ଏହି ହ୍ୱାଟ୍ସଅପ୍ ମେସେଜର ତଦନ୍ତ ଆରମ୍ଭ କରିଛି ।ପୋଲିସ ସୁଚନାନୁସାରେ ମୁମ୍ବାଇ ଟ୍ରାଫିକ ପୋଲିସର ହ୍ୱାଟ୍ସଅପ୍ ନମ୍ବରରେ ଏକ ଧମକପୂର୍ଣ୍ଣ ବାର୍ତ୍ତା ଆସିଛି ।ମେସେଜ ପଠାଉଥିବା ବ୍ୟକ୍ତି ଧମକ ଦେଇଛନ୍ତି ଯଦି ଟଙ୍କା ନ ଦିଆଯାଏ ତେବେ ସଲମାନ ଖାନଙ୍କ ଅବସ୍ଥା ବାବା ସିଦ୍ଦିକୀଙ୍କ ଅବସ୍ଥାଠାରୁ ଖରାପ ହେବ ।ମେସେଜରେ କୁହାଯାଇଛି ଏହାକୁ ହାଲୁକା ଭାବେ ଗ୍ରହଣ କର ନାହିଁ,ଯଦି ସଲମାନ ଖାନ ଜୀବିତ ରହିବାକୁ ଚାହାନ୍ତି ଏବଂ ଲରେନ୍ସ ବିଷ୍ଣୋଇଙ୍କ ସହ ଶତ୍ରୁତା ଶେଷ କରିବାକୁ ଚାହାନ୍ତି ତେବେ ତାଙ୍କୁ ୫ କୋଟି ଟଙ୍କା ଦେବାକୁ ପଡିବ।

## ହିନ୍ଦୁଙ୍କ ଉପରେ ହମଲାକୁ ଧନଖଡଙ୍କ ନିନ୍ଦା

ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି): ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ ଶୁକ୍ରବାର ପଡୋଶୀ ଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ହମଲାକୁ ଦୃଢ଼ ନିନ୍ଦା କରିଛନ୍ତି । ଏବଂ ଏହା ଉପରେ କଥିତ ନୈତିକ ଉପଦେଶକ ର ନିରବତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି କି, ଏହି ଲୋକଙ୍କ ବ୍ୟବହାର ମାନବାଧିକାର ଗୁଡ଼ିକର ବିରୁଦ୍ଧୟ ଧନଖଡ ଏହି ଟିପ୍ପଣୀ ରାଷ୍ଟ୍ରୀୟ ମାନବାଧିକାର ଆୟୋଗର



ସ୍ଥାପନା ଦିବସ ସମାରୋହକୁ ସମ୍ବୋଧିତ କରି କରିଛନ୍ତି । ସେ କହିଛନ୍ତି , ଆମେ ଅତ୍ୟଧିକ ସହିଷ୍ଣୁ , ଏବଂ ଏହି ପ୍ରକାରର ଅତିକ୍ରମଣ ପ୍ରତି ଅଧିକ ସହିଷ୍ଣୁତା ଠିକ୍ ନୁହେଁ । ଭାବନ୍ତୁ ଯଦି ଆପଣ ସେଥିରୁ ଜଣେ ହୋଇଥା'ନ୍ତେ। ଉପ-ରାଷ୍ଟ୍ରପତି ଆହୁରି କହିଛନ୍ତି, ଯୁବକ, ଯୁବତୀ ଓ ମହିଳାଙ୍କ ସହ କରାଯାଇ ଥିବା ବର୍ବରତା, ନିର୍ଯାତନା ଓ ଭୟାବହ ଅନୁଭବକୁ ଦେଖନ୍ତୁ । ଆମର ଧାର୍ମିକ ସ୍ଥଳ ଗୁଡ଼ିକର ଅପମାନ କରାଯାଉଛି । ହେଲେ ସେ କୌଣସି ଦେଶର ନାଁ ନେଇ ନାହାନ୍ତି, କିନ୍ତୁ ତାଙ୍କର ଏହି ଟିପ୍ପଣୀ ବାଂଲାଦେଶରେ ନିକଟରେ ହିନ୍ଦୁଙ୍କ ଉପରେ ହମଲା ସଂପର୍କିତ ଥିବାର କୁହାଯାଉଛି ।

ପିଟିଆଇର ଏକ ରିପୋର୍ଟ ଅନୁସାରେ, ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କର ଅଗଷ୍ଟରେ କ୍ଷମତାକୁ ବାହାର ହେବା ପରେ ସେଠାରେ ହିନ୍ଦୁଙ୍କ ଉପରେ ହମଲାର ଖବର ଆସୁଛି । ଦୁର୍ଗା ପୂଜା ବେଳେ ହୋଇଥିବା ହିଂସାକାଣ୍ଡ ଯୋଗୁଁ ୧୭ରୁ ଅଧିକ ଲୋକଙ୍କର ଗିରଫଦାରୀ ହୋଇଛି । ଅନେକ ମାମଲା ରୁଜୁ କରାଯାଇଛି । ବାଂଲାଦେଶର ୧୭ କୋଟି ବିଶିଷ୍ଟ ଜନସଂଖ୍ୟାରେ ହିନ୍ଦୁଙ୍କ ସଂଖ୍ୟା କେବଳ ୮ ପ୍ରତିଶତ । ଧନଖଣ୍ଡ କହିଛନ୍ତି ଏହି ପ୍ରକାରର ମାମଲାରେ ନିରବ ରହିବା ଉଚିତ ନୁହେଁ। ମାନବାଧିକାରର ସମର୍ଥକଙ୍କୁ ଏହା ଉପରେ ଧ୍ୟାନ ଦେବା ଉଚିତ ।

## ସଦଗୁରୁଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୧୮।୧୦(ମହାଭାରତ): ସଦଗୁରୁ ଜଗଦୀଶ ବାସୁଦେବଙ୍କୁ ମିଳିଲା ଆଶ୍ୱସ୍ତି । ସଦଗୁରୁଙ୍କ ଦ୍ୱାରା ପରିଚାଳିତ କୋଏମ୍ବାଟୁରସ୍ଥିତ ଇଶା ଫାଉଣ୍ଡେସନ ବିରୋଧରେ ଆସିଥିବା ଅଭିଯୋଗ ମାମଲାକୁ ବନ୍ଦ କରିଛନ୍ତି ସୁପ୍ରିମକୋର୍ଟ । ଫାଉଣ୍ଡେସନରେ ଦୁଇ ମହିଳା ଭକ୍ତ କୌଣସି ଚାପ ବିନା ସ୍ୱେଚ୍ଛାକୃତ ଭାବେ ସାମିଲ ହୋଇଛନ୍ତି ବୋଲି କହିବା ପରେ ସୁପ୍ରିମକୋର୍ଟ ମାମଲାକୁ ବନ୍ଦ କରିଛନ୍ତି । ଦୁଇ ମହିଳା ଭକ୍ତଙ୍କ ପିତାମାତାଙ୍କ ପକ୍ଷରୁ ସଦଗୁରୁଙ୍କ ବିରୋଧରେ ସୁପ୍ରିମକୋର୍ଟରେ ଦାୟର ହୋଇଥିଲା ମାମଲା । ଏହି ମାମଲାର ଶୁଣାଣି



କରି ସିଜେଆ ।ଇ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି- ଦୁଇ ମହିଳାଙ୍କର ବୟସ ଯଥାକ୍ରମେ ୨୪ ଓ ୨୭ ବର୍ଷୟ ସେମାନେ ଫାଉଣ୍ଡେସନରେ ସ୍ୱେଚ୍ଛାକୃତ ଭାବେ ଯୋଗଦେଇଥିଲେ । ପୂର୍ବରୁ ସଦଗୁରୁଙ୍କ ଦ୍ୱାରା ପରିଚାଳିତ ଇଶା ଫାଉଣ୍ଡେସନ ବିରୋଧରେ ପୋଲିସ ତଦନ୍ତ ଲାଗି ମାଡ୍ରାସ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ରୋକ ଲଗାଇଥିଲେ ସୁପ୍ରିମକୋର୍ଟ। ଏକ ଷ୍ଟାଟସ ରିପୋର୍ଟ ଦାଖଲ ଲାଗି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ । କୋଏମ୍ବାଟୁରସ୍ଥିତ ଆଶ୍ରମରେ ଶତାଧିକ ପୋଲିସ ପ୍ରବେଶ କରିବା ପରେ ମାମଲା ପହଞ୍ଚିଥିଲା ସୁପ୍ରିମକୋର୍ଟରେ ।

## ନିର୍ବାଚନ ଲଢ଼ିପାରିବେନି ମଧୁ କୋଡା !

ନୂଆଦିଲ୍ଲୀ,୧୮।୧୦: ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଝଟକା ଲାଗିଛି । ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସେ କୋଇଲା ସ୍କାମ ମାମଲାରେ ତାଙ୍କ ଦଣ୍ଡାଦେଶ ଉପରେ ରୋକ ଲଗାଇବାକୁ ଆବେଦନ କରିଥିଲେ ଯାହାକୁ କୋର୍ଟ ଖାରଜ କରିଦେଇଛନ୍ତି । ଜଷ୍ଟିସ ନୀନା ବନସାଲ କୃଷ୍ଣ କହିଛନ୍ତି ଯେ ପୂର୍ବତନ କୋଇଲା ସଚିବ ଏଚ୍ ସି ଗୁପ୍ତା, ଝାଡଖଣ୍ଡର ପୂର୍ବତନ ମୁଖ୍ୟ ସଚିବ ଏ କେ ବସୁ ଏବଂ କୋଡାଙ୍କର ଘନିଷ୍ଠ ସହଯୋଗୀ ବିଜୟ ଯୋଶୀଙ୍କୁ ଦୁର୍ନୀତି ମାମଲାରେ ତଳ କୋର୍ଟ ୩ ବର୍ଷର ଜେଲ ଦଣ୍ଡ ଶୁଣାଇଥିଲେ । କୋଲକାତାର ବିନି ଆଇରନ ଆଣ୍ଡ ଷ୍ଟିଲ ଉଦ୍ୟୋଗ ଲିମିଟେଡ୍‌କୁ ରାଜ୍ୟରେ ରାଜହାର ଉତ୍ତର କୋଇଲା ବ୍ଲକ ଆବଣ୍ଟନରେ ଦୁର୍ନୀତି ହୋଇଥିବାର ଅଭିଯୋଗ ହୋଇଥିଲା । ଅପରାଧିକ ଷଡଯନ୍ତ୍ର ଏବଂ ୟୁପିଏ ଶାସନର କୋଇଲା ଘୋଟାଲା ଅଭିଯୋଗରେ କୋଲକାତା ଭିତ୍ତିକ କମ୍ପାନୀ ବିନି ଆଇରନ୍ ଏବଂ ଷ୍ଟିଲ୍



ଲିମିଟେଡ୍ ବିଆଇଏସୟୁଏଲ, କୋଡାଙ୍କ ଉପରେ ୫୦ ଲକ୍ଷ ଟଙ୍କାର ଜରିମାନା କୋର୍ଟ ଲଗାଇଥିଲେ । ଏହାପରେ ଅଭିଯୁକ୍ତମାନଙ୍କୁ ଜାମିନ ପ୍ରଦାନ କରାଯାଇଥିଲା । ଏହାପୂର୍ବରୁ ସେପ୍ଟେମ୍ବର ୩ ତାରିଖରେ ଦିଲ୍ଲୀ ହାଇକୋର୍ଟ ତାଙ୍କ ଦଣ୍ଡ ବିରୋଧରେ ରାୟ ସଂରକ୍ଷିତ ରଖିଥିଲେ । ଏଥିରେ ୪୦୦୦ କୋଟି ଟଙ୍କା କୋଇଲା ସ୍କାମରେ ଦୋଷୀ ସାବ୍ୟସ୍ତ ହେବା ଘଟଣାରେ କୋଡା ମାମଲା ଖାରଜ ପାଇଁ ଆବେଦନ କରିଥିଲେ ଏହି ସମୟ ମଧ୍ୟରେ ସିବିଆଇ କୋଡାଙ୍କ ପିଟିସନର ଗ୍ରହଣୀୟତା ଉପରେ ପ୍ରଶ୍ନ ଉଠାଇଥିଲା । ତଦନ୍ତକାରୀ ସଂସ୍ଥା କହିଛି ଯେ ଦୋଷୀ ସାବ୍ୟସ୍ତ ହେବା ପାଇଁ ସମାନ ଆବେଦନ ମଧ୍ୟ ପୂର୍ବରୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଏହା ସହିତ ଏହା ମଧ୍ୟ କୁହାଯାଇଥିଲା ଯେ, ଯେହେତୁ ଦିଲ୍ଲୀ ହାଇକୋର୍ଟର ୨୦୨୦ ର ନିଷ୍ପତ୍ତି ଏହାର ଅନ୍ତିମ ରୂପ ନେଇଛି, ତେଣୁ ଏକ ନୂତନ ପିଟିସନ ଦାଖଲ କରି ଏହି ପ୍ରସଙ୍ଗ ପୁନର୍ବାର ଉଠାଯାଇପାରିବ ନାହିଁ । ସୂଚନା ଥାଉ କି କୋଇଲା ଘୋଟାଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡା ଦୋଷୀ ସାବ୍ୟସ୍ତ ହୋଇଥିଲେ । ଡିସେମ୍ବର ୧୬, ୨୦୧୭ ରେ ପଟିଆଲା ହାଉସ କୋର୍ଟ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ତିନି ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ ଏବଂ ୨୫ ଲକ୍ଷ ଟଙ୍କା ଜରିମାନା କରିଥିଲେ।

## ପୁଣି ଋଷ ଯିବେ ମୋଦୀ

ନୂଆଦିଲ୍ଲୀ,୧୮।୧୦: ବ୍ରିକ୍ସ ଶିଖର ସମ୍ମିଳନୀପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଅକ୍ଟୋବର ୨୨-୨୩ରେ ରୁଷ ଗସ୍ତ କରିବେ । ଏହି ଗସ୍ତ ସମୟରେ ସେ ଅନେକ ଦ୍ୱିପାକ୍ଷିକ ବୈଠକ ମଧ୍ୟ କରିବେ । ରୁଷ୍ ର ଅଧ୍ୟକ୍ଷତାରେ କାଜାନରେ ଅନୁଷ୍ଠିତ ହେବାକୁ ଥିବା ୧୬ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗ ଦେବା ପାଇଁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ମୋଦୀ ରୁଷିଆ ଗସ୍ତ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ ଏହି ଶିଖର ସମ୍ମିଳନୀର ବିଷୟବସ୍ତୁ ହେଉଛି ନ୍ୟାୟସଂଗତ ବିଶ୍ୱ ବିକାଶ ଏବଂ ନିରାପତ୍ତା ପାଇଁ ବହୁପକ୍ଷବାଦକୁ ସୁଦୃଢ଼ କରିବା । ଏହି ଶିଖର ସମ୍ମିଳନୀ ନେତାମାନଙ୍କୁ ପ୍ରମୁଖ ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ବ୍ରିକ୍ସ ସଦସ୍ୟ ଦେଶର ପ୍ରତିପକ୍ଷ ଏବଂ ରୁଷିଆର କାଜାନରେ ଆମନ୍ତ୍ରିତ ନେତାମାନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର ଆଶା ରଖିଛନ୍ତି। ଗତ ଜୁଲାଇ ମାସରେ ପ୍ରଧାନମନ୍ତ୍ରୀ ମୋଦୀ ଋଷ ଗସ୍ତରେ ଯାଇଥିଲେ । ୨୦୨୨ ଫେବ୍ରୁଆରିରେ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ଏହା ଥିଲା ମୋଦୀଙ୍କ ପ୍ରଥମ ଋଷ ଗସ୍ତ ।

## ର' ଅଧିକାରୀଙ୍କୁ ଦୋଷ ଦେଲା ଆମେରିକା

ନୂଆଦିଲ୍ଲୀ, ୧୮।୧୦: ଶିଖ୍ ବିଚ୍ଛିନ୍ନତାବାଦୀ ଗୁରପତୱନ୍ତ ପନ୍ନୁଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଆମେରିକା କଠୋର ଆଭିମୁଖ୍ୟ ଗ୍ରହଣ କରିବା ସହ ଭାରତୀୟ ଗୁଇନ୍ଦା ଏଜେନ୍ସି 'ର'ର ଜଣେ ପୂର୍ବତନ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ଆମେରିକା ମାଟିରେ ପନ୍ନୁଙ୍କ ଅସଫଳ ହତ୍ୟା ଷଡ଼ଯନ୍ତ୍ରରେ ଏହି ର' ଅଧିକାରୀ ଙ୍କ ସମ୍ପୃକ୍ତି ଥିବା ଆମେରିକା ଅଭିଯୋଗ କରିଛି। ଆମେରିକା କହିଛି ଯେ 'ର' ର ଏହି ପୂର୍ବତନ ଅଧିକାରୀ ଜଣକ ହେଉଛନ୍ତି ୩୯ ବର୍ଷୀୟ ବିକାଶ ଯାଦବ। ଯାଦବଙ୍କୁ ଭାରତର ବୈଦେଶିକ ଗୁଇନ୍ଦା ସେବା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ ନିଯୁକ୍ତ କରିଛି। ଆମେରିକାର ଫେଡେରାଲ ପ୍ରସିକ୍ୟୁଟରମାନେ ଗୁରୁବାର ନ୍ୟୁୟର୍କର ଏକ ଆମେରିକୀୟ ଅଦାଲତରେ ବିକାଶ ଯାଦବଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି। ପନ୍ନୁଙ୍କ ହତ୍ୟା ମାମଲାରେ ଷଡ଼ଯନ୍ତ୍ର ଓ ମନି ଲଣ୍ଡରିଂ ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରହିଛି। ଆମେରିକାର ନ୍ୟାୟ ବିଭାଗ କହିଛି ଯେ ସେ ଏବେ ବି ଫେରାର ଅଛନ୍ତି। ପ୍ରାରମ୍ଭିକ ଅଭିଯୋଗରେ ଯାଦବଙ୍କୁ କେବଳ 'ସିସି-୧' (ସହ-ଷଡ଼ଯନ୍ତ୍ରକାରୀ) ବୋଲି ଚିହ୍ନଟ କରାଯାଇଥିଲା।

## ୟୁକ୍ରେନ ବିରୋଧି ଯୁଦ୍ଧରେ ଋଷକୁ ସାହାଯ୍ୟ କରିବେ କିମ୍ ସେନା

ନୂଆଦିଲ୍ଲୀ,୧୮।୧୦: ଋଷ ଆଉ ୟୁକ୍ରେନ ମଧ୍ୟରେ ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ଯୁଦ୍ଧ ଚାଲିଛି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଦେଶ ଏହି ଯୁଦ୍ଧରେ ନିର୍ଣ୍ଣାୟକ ନେତୃତ୍ୱ ନେବାକୁ ସକ୍ଷମ ହୋଇନାହାଁନ୍ତି । ଗୋଟିଏ ପଟେ ପାଶ୍ଚାତ୍ୟ ଦେଶ ଗୁଡ଼ିକ ୟୁକ୍ରେନକୁ କ୍ରମାଗତ ଭାବରେ ଯୁଦ୍ଧାସ୍ତ୍ର ଯୋଗାଉଥିବା ବେଳେ ଏବେ ଯୁଦ୍ଧରେ ଋଷକୁ ମଧ୍ୟ ବଡ଼ ସାହାଯ୍ୟ ମିଳିଛି । ଦକ୍ଷିଣ କୋରିଆର ଗୁପ୍ତଚର ସଂସ୍ଥା ଦାବି କରିଛି ଯେ, ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ ଜୋଙ୍ଗ ଉନ ୟୁକ୍ରେନ ସହ ଯୁଦ୍ଧରେ ଲଢ଼ିବାକୁ ଋଷକୁ ସାହାଯ୍ୟ କରିବାକୁ ଆଗେଇ



ଆସିଛନ୍ତି । ଏଥିପାଇଁ ସେ ହଜାର ହଜାର ସୈନିକ ଋଷକୁ ପଠାଇଛନ୍ତି । ସୂଚନାଥାଉକି, କିଛି ଦିନ ପୂର୍ବରୁ ଋଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ କିମ ଜୋଙ୍ଗ ଉନ୍ ପରସ୍ପରକୁ ଭେଟିଥିଲେ ଏବଂ ଏହି ସମୟରେ ଉଭୟ ଦେଶ ଅନେକ ବଡ ଚୁକ୍ତି ଉପରେ ମୋହର ଲଗାଇଥିଲେ । ତେବେ ବର୍ତ୍ତମାନ ସମୟରେ ଦକ୍ଷିଣ କୋରିଆର ଗୁପ୍ତଚର ଏଜେନ୍ସି କହିଛି ଯେ, ୟୁକ୍ରେନ ସହିତ ଯୁଦ୍ଧରେ ଋଷକୁ ସାହାଯ୍ୟ କରିବା ପାଇଁ ଉତ୍ତର କୋରିଆ ୧୨ ହଜାର ସୈନ୍ୟ ପଠାଇଛି । ଦକ୍ଷିଣ କୋରିଆର ୟୋନହାପ ନ୍ୟୁଜ୍ ଏଜେନ୍ସି ଶୁକ୍ରବାର ଏହି ସୂଚନା ଦେଇଛି । ନ୍ୟୁଜ୍ ଏଜେନ୍ସି ନ୍ୟାସନାଲ ଇଣ୍ଟେଲିଜେନ୍ସ ସର୍ଭିସ (ଘଓଝ) ର ଇନପୁଟ ଗୁଡ଼ିକୁ ଉଦ୍ଧୃତ କରିଛି ଯେ ଉତ୍ତର କୋରିଆ ସୈନ୍ୟମାନେ ଋଷକୁ ସାହାଯ୍ୟ କରିବାକୁ ଯାଇ ସାରିଛନ୍ତି । ରୁଷକୁ ସାହାଯ୍ୟ କରିବା ପାଇଁ ଉତ୍ତର କୋରିଆ ସୈନ୍ୟ ପଠାଇବା ପ୍ରସଙ୍ଗରେ ଦକ୍ଷିଣ କୋରିଆର ରାଷ୍ଟ୍ରପତି ଏକ ଜରୁରୀ ବୈଠକ କରିଛନ୍ତି । ରାଷ୍ଟ୍ରପତି ୟୋନ୍ ସୁକ୍ ୟୋଲଙ୍କ କାର୍ଯ୍ୟାଳୟ କହିଛି ଯେ ଜରୁରୀକାଳୀନ ବୈଠକରେ ରାଷ୍ଟ୍ରପତି ଅଧ୍ୟକ୍ଷତା କରିଛନ୍ତି । ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ୟୁକ୍ରେନକୁ ନିଜର ୪୯ ପୁରୁଣା M1A1 ଆବ୍ରାମସ ଟ୍ୟାଙ୍କ ।

## ମହାରାଷ୍ଟ୍ରର କଂଗ୍ରେସ ନେତା ନିଷ୍ପତ୍ତି ନେବାରେ ଅକ୍ଷମ

ମୁମ୍ବାଇ,୧୮।୧୦: ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ମହାବିକାଶ ଅଘାଡ଼ି ମେଣ୍ଟରେ ଆସନ ବୁଝାମଣାକୁ ନେଇ ବିବାଦ ଦେଖାଦେଇଛି । ଶୁକ୍ରବାର ଶିବସେନା (ୟୁବିଟି) ସଂଜୟ ରାଉତ ଆସନ ବୁଝାମଣାରେ ହେଉଥିବା ବିଳମ୍ବକୁ ନେଇ କଂଗ୍ରେସକୁ ସମାଲୋଚନା କରିଛନ୍ତି । ରାଜ୍ୟ କଂଗ୍ରେସର ନେତା ନିଷ୍ପତ୍ତି ନେବାରେ ଅକ୍ଷମ ବୋଲି ଅଭିଯୋଗ କରିଛନ୍ତି ସଂଜୟ ରାଉତ। ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ୨୮୮ ବିଧାନସଭା ଆସନ ମଧ୍ୟରୁ ୨୦୦ ଆସନରେ ସହମତି ହୋଇଛି । କିନ୍ତୁ ବାକି ଆସନକୁ ନେଇ ଏବେ ବି ବିଚାର ଚାଲିଛି । ତେବେ ମହାବିକାଶ ଅଘାଡ଼ି ମେଣ୍ଟରେ କଂଗ୍ରେସ, ଶିବସେନା (ୟୁପିଟି) ଏବଂ ଏନସିପି (ଏସ୍ପି) ସାମିଲ ଅଛି । ଶାସନରେ ଥିବା ମହାୟୁତି ବିରୋଧରେ ନିର୍ବାଚନ ଲଢ଼ିବ ମହାବିକାଶ ଅଘାଡ଼ି । ସଂଜୟ ରାଉତ ଆହୁରି କହିଛନ୍ତି, ମହାରାଷ୍ଟ୍ରର କଂଗ୍ରେସ ପ୍ରଭାରୀ ରମେଶ ଚେନ୍ନିଥଲା, ମୁକୁଲ



ବାସନିକଙ୍କ ସହ ଆଲୋଚନା ହୋଇଛି । ଏନେଇ ରାହୁଲ ଗାନ୍ଧୀଙ୍କ ସହ ଆଲୋଚନା ହେବ । ଶୀଘ୍ର ଆସନ ବୁଝାମଣା କରିବାକୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି । ସଂଜୟ ରାଉତ କହିଛନ୍ତି ଯେ , ମୋତେ ଲାଗୁଛି ମହାରାଷ୍ଟ୍ରର କଂଗ୍ରେସ ନେତା ନିଷ୍ପତ୍ତି ନେବାରେ ଅକ୍ଷମ । କେତେକ ଆସନକୁ ନେଇ ନିଷ୍ପତ୍ତି ହୋଇପାରି ନାହିଁ । ଖୁବଶୀଘ୍ର ନିଷ୍ପତ୍ତି ନିଆଯିବା ଦରକାର । ସେପଟେ ଏନସିପି (ଏସପି) ଏବଂ ଶିବସେନା (ୟୁବିଟି) ମଧ୍ୟରେ କୌଣସି ମତଭେଦ ନାହିଁ । କଂଗ୍ରେସ ସହ ମଧ୍ୟ ସେଭଳି କିଛି ବିବାଦ ନାହିଁ । କିନ୍ତୁ କିଛି ଆସନକୁ ନେଇ ୩ ଦଳ ଦାବି କରୁଛନ୍ତି । ୨୦୦ ଆସନକୁ ନେଇ ସହମତି ପ୍ରକାଶ ପାଇଥିବା ବେଳେ ଅନ୍ୟ କେତେକ ଆସନକୁ ନେଇ ଅସୁବିଧା ହେଉଛି । ଏନେଇ ଉଦ୍ଧବ ଠାକରେ ଯଦି କିଛି ପରାମର୍ଶ କରନ୍ତି ତେବେ ମୁଁ ଏହାର ପାଳନ କରିବି ବୋଲି ସଂଜୟ ରାଉତ କହିଛନ୍ତି । ଶିବସେନା ନେତା ଆହୁରି କହିଛନ୍ତି, ବିଜେପିକୁ ପରାସ୍ତ କରିବାକୁ ଚାହୁଁଛୁ । ବିଜେପି ସହ କିଭଳି ଲଢ଼ିବୁ ଜାଣିଛୁ । ଅମିତ ଶାହ, ବିଜେପି ଏବଂ ସିନ୍ଦେ ଗୋଷ୍ଠୀ ଆମକୁ ବେଶୀ ହଇରାଣ କରିଛନ୍ତି । ସିନ୍ଦେ ଗୋଷ୍ଠୀ ବିଜେପିର ବିଷ୍ଣୋଇ ଗ୍ୟାଙ୍ଗ, ତା ପାଖରେ କେଣସି ଅସ୍ତ୍ର ନାହିଁ । କିନ୍ତୁ ଇଡି ଏବଂ ସିବିଆଇକୁ ଲଗାଇ ଆମକୁ ହଇରାଣ କରୁଛନ୍ତି ବୋଲି ସଂଜୟ ରାଉତ ଦାବି କରିଛନ୍ତି । ସୂଚନାଯୋଗ୍ୟ, ଆସନ ବୁଝାମଣାକୁ ନେଇ ଗୁରୁବାର ମହାବିକାଶ ଅଘାଡ଼ି ନେତାଙ୍କ ମଧ୍ୟରେ ମାରାଥନ୍ ଆଲୋଚନା ହୋଇଥିଲା । କିନ୍ତୁ ଏବେ ଯାଏଁ କେଣସି ନିଷ୍କର୍ଷ ବାହାରିପାରି ନାହିଁ ।

# ଭାରତର ସଂଘର୍ଷ

## ରବିନ୍ଦ୍ରଙ୍କ ଶତକରେ ନ୍ୟୁଜିଲାଣ୍ଡ ୪୦୨ : ରୋହିତ, କୋହଲି ଓ ସର୍ଫରାଜଙ୍କ ଅର୍ଦ୍ଧଶତକରେ ଭାରତ ଦ୍ୱିତୀୟ ଇଂନିସ ୩/୨୩୧

**ବେଙ୍ଗାଲୁରୁ, ୧୮।୧୦:** ରୋଚକ ମୋଡ଼ରେ ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟୟ ବେଙ୍ଗାଲୁରୁରେ ଚାଲିଥିବା ଏହି ଟେଷ୍ଟରେ ଭାରତ ସଂଘର୍ଷ ଆରମ୍ଭ କରିଛି । ପ୍ରଥମେ ଭ୍ରମଣକାରୀ ନ୍ୟୁଜିଲ୍ୟାଣ୍ଡ ୪୬ ରନରେ ଭାରତକୁ ଅଲଆଉଟ କରିଥିଲେ। ଏହାପରେ ରଚିନ ରବୀନ୍ଦ୍ରଙ୍କ ଦମଦାର ୧୩୪ ରନ କ୍ୱିି ଟିମ ବିଶାଳ ୪୦୨ ରନ କରିଛି।

ଏଥିସହ ୩୫୬ ରନର ବଡ଼ ଲିଡ ହାସଲ କରି ନେଇଛି। ୩୫୬ ରନ ପଛରେ ଥିବା ଭାରତ ଦ୍ୱିତୀୟ ଇନିଂସରେ କେବଳ ମ୍ୟାଚ୍ ବଞ୍ଚାଇବାକୁ ସଂଘର୍ଷ କରୁଛି। ପ୍ରଥମ ଇନିଂସ ତୁଳନାରେ ଭାରତୀୟ ଟିମ ଏଥର କିଛିଟା ଭଲ ବ୍ୟାଟିଂ କରିଛି। ହେଲେ ମ୍ୟାଚ୍ ଆଉ ୨ ଦିନ ବାକି ଥିବାରୁ ଡ୍ରାଇଭିଂ ସିଟରେ ନ୍ୟୁଜିଲ୍ୟାଣ୍ଡ ରହିଛି।

ତୃତୀୟ ଦିନର ଶେଷ ସୁଦ୍ଧା ଭାରତ ୩ ୱିକେଟ ହରାଇ ୨୩୧ ରନ କରିଛି। ଦଳ ଏବେ ବି ନ୍ୟୁଜିଲ୍ୟାଣ୍ଡର ପ୍ରଥମ ଇନିଂସ ସ୍କୋର ଠାରୁ ୧୨୫ ରନ ପଛରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ସର୍ଫରାଜ ଖାନ ୭୦ ରନ କରି ଅପରାଜିତ ରହିଛନ୍ତି।ଦିବସର ଶେଷ ବଲରେ ବିରାଟ କୋହଲି ଦୁର୍ଭାଗ୍ୟଜନକ ଭାବେ ୭୦ ରନ କରି ଗ୍ଲେନ ଫିଲିପ୍ସଙ୍କ ବଲରେ ଆଉଟ ହୋଇଯିବାରୁ ଭାରତର ଚିନ୍ତା ବଢ଼ି ଯାଇଛି। ଭାରତ କେମିତ ବ୍ୟାଟିଂ କରୁଛି, ତା' ଉପରେ ମ୍ୟାଚନ ନିର୍ଭର କରିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଜି ଗୋଟିଏ ଦିନରେ ଏମ ଚିନାସ୍ୱାମୀରେ ୪୫୩ ରନ ହେବା ସହ ୧୦ ୱିକେଟ ଝଡ଼ିଛି। ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ନ୍ୟୁଜିଲ୍ୟାଣ୍ଡ ୩ ୱିକେଟ ହରାଇ ୧୮୦ ରନ କରିଥିଲା। ଆଜି ଦଳ ମୋଟ ୪୦୨ ରନ କରି ବାକି ୭ ୱିକେଟ ହରାଇଥିଲା। ରବୀନ୍ଦ୍ର ୧୩୪ ଓ ଟିମ ସାଉଦି ୬୫ ରନର ଇନିଂସ ଖେଳିଛନ୍ତି। ସେହିପରି ଟିମ୍ ୱିଲ୍ ୟଙ୍ଗ ୩୩, ଟମ୍ ଲାଥମ ୧୫, ଡାରିଏଲ ମିଚେଲ ୧୮, ଟମ୍ ବ୍ଲୁନ୍ଡେଲ ୫, ମାଟ ହେନରେ ୮ ଏବଂ ଅଜାଜ ପଟେଲ ୪ ରନ୍ କରିଛନ୍ତି। ଏହାର ଅର୍ଥ ନ୍ୟୁଜିଲ୍ୟାଣ୍ଡ ଆଜି ୨୨୨ ରନ କରିଥିଲା। ଭାରତ ୨୩୧ ରନ କରି ଆଜି ୩ ୱିକେଟ ହରାଇଛି।

ପ୍ରଥମ ଇନିଂସରେ ୩୫୬ ରନ ପଛରେ ଥିବା ଭାରତ ପାଇଁ ରୋହିତ ଶର୍ମା ଓ ଯଶସ୍ୱୀ ଜୈସୱାଲ ଠିକ ଠାକ ଆରମ୍ଭ କରିଥିଲେ। ଚା' ପାନ ବିରତି ଯାଏ ଉଭୟ କୌଣସି ବିପର୍ଯ୍ୟୟ ଘଟିବାକୁ ସୁଯୋଗ ଦେଇ ନଥିଲେ। ଟି'ରୁ ଫେରିବା ପରେ ୫୨ ବଲରେ ୩୫ ରନ କରିଥିବା ଜୈସୱାଲ ବଡ଼ ଶଟ ଖେଳିବାକୁ ଯାଇ ଏଜାଜ ପଟେଲଙ୍କ ବଲରେ ଷ୍ଟମିଂ ହୋଇଯାଇଥିଲେ।

ଭାରତକୁ ୭୨ ରନରେ ପ୍ରଥମ ଝଟକା ଲାଗିଥିଲା। ତେବେ ଅଧିନାୟକ ରୋହିତ ଶର୍ମା ଦମଦାର ବ୍ୟାଟିଂ କରି ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ ସେ ମଧ ଦୁର୍ଭାଗ୍ୟଜନକ ଭାବେ ପଟେଲଙ୍କ ବଲରେ ବୋଲ୍ଡ ହୋଇଥିଲେ।ବଲଟି ଇନସାଇଡ ଏଡଜ ହେବା ସହ ଯାଇ ଷ୍ଟମ୍ପରେ ମାଡ଼ ହୋଇଥିଲେ ହେଁ ରୋହିତ ଏହା ଜାଣି ପାରି ନଥିଲେ। ଫଳରେ ତାଙ୍କୁ ୫୨ ରନ କରି ନିରାଶ ହୋଇ ପ୍ୟାଭିଲିୟନ ଫେରିବାକୁ ପଡ଼ିଥିଲା।ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ସର୍ଫରାଜଙ୍କ ସହ ବିରାଟ କୋହଲି ଦମଦାର ବ୍ୟାଟିଂ କରିଥିଲେ। ସର୍ଫରାଜ କାଉଣ୍ଟର ଆଟାକ କରି ବଡ଼ ବଡ଼ ଶଟ ଖେଳିଥିଲେ। ସେ ୪୦ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ବିରାଟ ମଧ କ୍ରିଜରେ ସହ ୭୦ ବଲରେ ୫୦ ରନ ହାସଲ କରିଥିଲେ। ଷ୍ଟମ୍ପ ସମୟ ପାଖେଇ ଆସୁଥିବା ବେଳେ ଦୁଇ ବ୍ୟାଟର ବେଶ ସତର୍କତା ଅବଲମ୍ବନ କରିଥିଲେ। ଲାଗୁଥିଲା କାଲି ପୁଣି ଏହି ଦୁଇ ଜଣ ଭାରତର ଇନିଂସକୁ ଆଗକୁ ନେବେ।କିନ୍ତୁ ଶେଷ ବଲରେ ଘଟିଥିଲା ବିପର୍ଯ୍ୟୟ ଫିଲ୍ପଙ୍କ ବଲକୁ ବିରାଟ ଡିଫେଣ୍ଡ କରିବାକୁ ଚେଷ୍ଟା କରୁଥିବା ବେଳେ ଏହା ସ୍ନିକ ହୋଇ ୱିକେଟ କିପରଙ୍କୁ ହାତକୁ ଚାଲି ଯାଇଥିଲା। ଶେଷ ବଲରେ ବିରାଟଙ୍କୁ ଆଉଟ ହେବାକୁ ପଡ଼ିଥିଲା। ବିରାଟ ତାଙ୍କ ୭୦ ରନର ଇନିଂସରେ ୮ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି। ସର୍ଫରାଜ ୭୦ ରନ କରି ଅପରାଜିତ ରହିଛନ୍ତି। ୭୮ ବଲରେ ସାମ୍ନା କରିଥିବା ସର୍ଫରାଜ ୭ଟି ଚୌକା ଓ ୩ଟି ଛକା ମାରିଛନ୍ତି।







## ୯ ହଜାର ଟେଷ୍ଟ ରନ୍ କ୍ଲବ୍‌ରେ ବିରାଟ କୋହଲି




ବେଙ୍ଗାଲୁରୁ, ୧୮।୧୦: ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି କିଙ୍ଗ କୋହଲି। ନିଜର ଅର୍ଦ୍ଧଶତକ ସହିତ ଟେଷ୍ଟ କ୍ରିକେଟ ଫର୍ମାଟରେ ୯ ହଜାର ରନ କ୍ଲବରେ ନିଜ ନାମଲ ସାମିଲ କରି ରଚିଛନ୍ତି। ସୁନୀଲ ଗାଭାସ୍କର, ସଚିନ ତେନ୍ଦୁଲକର, ରାହୁଲ ଦ୍ରାଭିଡଙ୍କ ପରେ ୪ର୍ଥ ଭାରତୀୟ ଖେଳାଳି ଭାବେ ସେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି।

ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଭାରତୀୟ ଦଳ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ ଦଳ ମାତ୍ର ୪୬ ରନରେ ଅଲଆଉଟ୍ ହୋଇଯାଇଥିଲା। ହେଲେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନମାନେ ଭଲ ପ୍ରଦର୍ଶନ କରି ୪୦୨ ରନର ବିଶାଳ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ୨ୟ ପାଳିରେ ଭାରତ ଭଲ ଆରମ୍ଭ କରିଥିଲା। ପ୍ରଥମ ପାଳିରେ ବିରାଟ କୋହଲି ଶୂନରେ ଆଉଟ ହୋଇଯାଇଥିଲେ। ତେଣୁ ୨ୟ ପାଳିରେ ତାଙ୍କ ବ୍ୟାଟରୁ ଭଲ ରନ୍ର ଆଶା ରଖିଥିଲେ ପ୍ରଶଂସକ, ଯାହାଙ୍କୁ କୋହଲି ବି ନିରାଶ କରି ନ ଥିଲେ। ଅର୍ଦ୍ଧଶତକୀୟ ଇନିଂସ ଖେଳିବା ସହିତ ଟେଷ୍ଟ କ୍ରିକେଟରେ ୯ ହଜାର ରନ୍ ପୂରଣ କରିଥିଲେ। ୪ର୍ଥ ଭାରତୀୟ ଭାବେ ସେ ଏହି ସଫଳତା ହାସଲ କରିଥିବାବେଳେ ସାରା ବିଶ୍ୱରେ ୧୭ ଜଣ କ୍ରିକେଟର ଏହି ବିରଳ ରେକର୍ଡର ଅଧିକାରୀ ହୋଇପାରିଛନ୍ତି।

## ହରମନପ୍ରୀତଙ୍କୁ ପୁଣି ଅଧିନାୟିକା ଦାୟିତ୍ୱ

ନୂଆଦିଲ୍ଲୀ, ୧୮।୧୦: ଟି୨୦ ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳର ଖରାପ ପ୍ରଦର୍ଶନ ସତ୍ତ୍ୱେ ଭାରତୀୟ ହରମନପ୍ରୀତ ସିଂହଙ୍କୁ ଅଧିନାୟିକା ଭାବେ ଦାୟିତ୍ୱ ଦିଆଯାଇଛି। ଚଳିତ ମାସ ୨୪ ତାରିଖରେ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଏକଦିବସୀୟ ଶୃଙ୍ଖଳା ପାଇଁ ହରମନପ୍ରୀତ ଅଧିନାୟିକା ଦାୟିତ୍ୱ ତୁଲାଇବେ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅହମ୍ମଦାବାଦରେ ହେବାକୁ ଥିବା ଏକଦିବସୀୟ ମ୍ୟାଚ୍ ସହ ଆସନ୍ତା ବର୍ଷ ହେବାକୁ ଥିବା ଏକ ଦିବସୀୟ ବିଶ୍ୱକପ୍ ପାଇଁ ଭାରତୀୟ ମହିଳା ଦଳ ପ୍ରସ୍ତୁତି ଆରମ୍ଭ କରିଛି। ତେବେ ଦଳରେ ରିଚା ଘୋଷ, ଆଶା ଶୋଭନା ଓ ପୂଜା ବସ୍ତ୍ରକାରଙ୍କୁ ଦଳରେ ସାମିଲ କରାଯାଇନାହିଁ। ରିଚା ଘୋଷ ଦ୍ୱାଦଶ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଆଘାତ ଆଶା ଶୋଭନା ଚିକିତ୍ସିତ ହେଉଛନ୍ତି। ପୂଜା ବସ୍ତ୍ରକାରଙ୍କୁ ବିଶ୍ରାମ ଦିଆଯାଇଥିବା ଜଣାପଡିଛି।

ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟ ତାଲିକା - . ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶଫାଳୀ ବର୍ମା, ଡି ହେମଲଥା, ଦୀପ୍ତି ଶର୍ମା, ଯେମିମା ରୋଡ୍ରିଗସ, ଯାଷ୍ଟିକା ଭାଟିଆ। (ୱିକେଟ ରକ୍ଷକ), ଛେତ୍ରୀ (ୱିକେଟ ରକ୍ଷକ), ସାୟାଲୀ ସତଗରେ, ଅରୁନ୍ଧତୀ ରେଡ୍ଡୀ, ରେଣୁକା ସିଂହ ଠାକୁର, ତେଜଲ ହାସବିନିସ, ସାଇମ ଥାକର, ପ୍ରିୟ ମିଶ୍ର, ରାଧା ଯାଦବ, ଶ୍ରେୟାଙ୍କ ପାଟିଲ।




## ବଡ଼ ଗେମ୍ ଖେଳିବା ଯୋଜନାରେ କେ ଏଲ୍ ରାହୁଲ

ନୂଆଦିଲ୍ଲୀ, ୧୮।୧୦: ଆଇପିଏଲ୍ ୨୦୨୫ର ମେଗା ଅକ୍ସନ ପୂର୍ବରୁ ସବୁ ଟିମ୍ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। କେଉଁ ଦଳ ପ୍ରଥମେ କାହାକୁ ରିଟେନ୍ କରିବେ ତାହାର ତାଲିକା କରିବା ଆରମ୍ଭ କରିଛନ୍ତି ।ଏଥିଲାଗି ଅକ୍ଟୋବର ୩୧ ଯାଏ ସମୟ ଦିଆଯାଇଛି, ଯେଉଁଥିରୁ ଏବେ ମାତ୍ର ୧୩ ଦିନ ବାକି ରହିଛି ଏସବୁ ମଧ୍ୟରେ ଲକ୍ଷ୍ନୌ ସୁପର ଜିଆଣ୍ଟସ୍‌ର ଅଧିନାୟକ କେ ଏଲ୍ ରାହୁଲ ବଡ଼ ଗେମ୍ ଖେଳିପାରନ୍ତି। ମେଗା ଅକ୍ସନ ପୂର୍ବରୁ ସେ ମାଲିକ ସଞ୍ଜିବ ଗୋଏଙ୍କାଙ୍କୁ ବଡ଼ ଝଟ୍‌କା ଦେଇ ମେଗା ଅକ୍ସନରେ ସାମିଲ ହୋଇପାରନ୍ତି।

ଚଳିତ ଥର ଆଇପିଏଲ୍‌ର ଫ୍ରାଞ୍ଚାଇଜମାନେ ଅଧିକରୁ ଅଧିକ ୬ ଖେଳାଳିଙ୍କୁ ରିଟେନ କରିପାରିବାର ଅନୁମତି ରହିଛି। ସମସ୍ତ ଟିମ୍ ନିଜର ରଣନୀତି ମୁତାବକ ଖେଳାଳିଙ୍କୁ ରିଟେନ୍ କରିବାକୁ ନେଇ ଆଲୋଚନା କରୁଛନ୍ତି। ଏମିତିରେ କେ ଏଲ୍ ରାହୁଲ ରିଟେନ ହେବାକୁ ଚାହୁଁ ନାହାନ୍ତି ଅପରପକ୍ଷେ ଫ୍ରାଞ୍ଚାଇଜ ମଧ ତାଙ୍କୁ ରିଟେନ କରିବାକୁ ଚାହୁଁନାହିଁ ଉଭୟଙ୍କ ମଧ୍ୟରେ ମାମଲାକୁ ନେଇ ସହମତି ହୋଇପାରୁନାହିଁ ଏଣୁ ସେ ଫ୍ରାଞ୍ଚାଇଜ୍ ଛାଡ଼ି ମେଗା ଅକ୍ସନକୁ ଯାଇ ପାରନ୍ତି।

## ସନ୍ତୋଷ ଟ୍ରଫି ଚୟନ ପ୍ରକ୍ରିୟାରେ ନବରଙ୍ଗପୁର ଜିଲ୍ଲାରୁ ତିନି ଖେଳାଳି

ନବରଙ୍ଗପୁର : ନବରଙ୍ଗପୁର ଜାତୀୟ ସ୍ତରରେ ହେବାକୁ ଥିବା ସନ୍ତୋଷ ଟ୍ରଫି ଫୁଟବଲ ପ୍ରତିଯୋଗୀତା ନିମନ୍ତେ ଓଡିଶା ଦଳ ପାଇଁ ଓଡ଼ିଶା ଫୁଟବଲ ସଂଘ ତରଫରୁ ଏକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏହି ଚୟନ ପ୍ରକ୍ରିୟାରେ ଭାଗ ନେବା ନିମନ୍ତେ ନବରଙ୍ଗପୁର ଜିଲ୍ଲାର ତିନି ଜଣ ଖେଳାଳି ମନୋନୀତ ହୋଇଛନ୍ତି ଯ ସେମାନେ ହେଲେ ନଥାନ ମାଣ୍ଡାଙ୍ଗୀ, ପ୍ରେମ ପିୟୁସ ବାଘ ଏବଂ ମିଥୁନ ସାନ୍ତା । ସୂଚନାଯୋଗ୍ୟ ଯେ ଫୁଟବଲ ଖେଳର ସ୍ଥାନରେ ଖେଳିବା ପାଇଁ ନଥାନ ମାଣ୍ଡାଙ୍ଗୀ, ପ୍ରେମ ପିୟୁସ ବାଘ ମନୋନୀତ ହୋଇଥିବା ବେଳେ ମିଥୁନ ସାନ୍ତା ଫରୱାର୍ଡ ସ୍ଥାନରେ ଖେଳିବା ନିମନ୍ତେ ନେଟ୍ସ ରେ ଭାଗ ନେବେୟ ଏମାନେ ସମ୍ପୃକ୍ତ ଚୟନ କେମ୍ପ ରେ ଯୋଗ ଦେବା ନିମନ୍ତେ କଟକ ଯାତ୍ରା କରିବେ । ଏହି ଖବର ପ୍ରାପ୍ତ ହେଲା ପରେ ନବରଙ୍ଗପୁର ଜିଲ୍ଲାପାଳ ତଥା କ୍ରିଡାସଂଘର ସଭାପତି ଡକ୍ଟ୍ର ଶୁଭଙ୍କର ମହାପାତ୍ର, ଉପସଭାପତି ତଥା ଅରକ୍ଷୀ ମିହିର କୁମାର ପଣ୍ଡା , କ୍ରିଡା ସଂଘର ସମ୍ପାଦକ ପ୍ରହାଲାଦ ତ୍ରିପାଠୀ , ଉପସଭାପତି ଏମୟ ବାଲାକୃଷ୍ଣା ରାଓ , ସହସଂପାଦକ ମନୋଜ କୁମାର ପଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକ, ହକି ସମ୍ପାଦକ ଦୁର୍ଗା ମଲ୍ଲିକ୍, ଇଥେଲେଟିକ ସମ୍ପାଦକ ଜ୍ୟୋତି ପରିଚ୍ଛା, ଇଣ୍ଡର ସମ୍ପାଦକ ବୁନୁ ପଟ୍ଟନାୟକ, ମହିଳା କ୍ରୀଡା ସମ୍ପାଦିକା ଇ.ଚନ୍ଦନା ମଲ୍ଲିକ, ଭଲିବଲ ସମ୍ପାଦକ ଶ୍ରୀ ବୋଇକୁଣ୍ଠ, ଚୟନକର୍ତ୍ତା ବରିଷ୍ଠ ପ୍ରାକ୍ତନ ଫୁଟବଲ ଖେଳାଳି ବେହେରା, ଫିରୋଜ ହିଆଲ , ସଂଘର ବରିଷ୍ଠ ସଭ୍ୟ ଶଶାଙ୍କ ଶେଖର ବେହେରା, ଦୁର୍ଯୋ ହରିଜନ ପ୍ରମୁଖ ଶୁବେଚ୍ଛା ଜଣାଇବା ସହ ଓଡ଼ିଶା ଦଳ ପକ୍ଷରୁ ଏମାନେ ସନ୍ତୋଷ ଟ୍ରଫି ରେ ଖେଳିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।



## ଅଶ୍ୱିନଙ୍କ କ୍ୟାରିୟରର ସବୁଠୁ ଖରାପ ଦିନ

ନୂଆଦିଲ୍ଲୀ, ୧୮।୧୦: ଟିମ୍ ଇଣ୍ଡିଆର ଭେଟେରାନ ସ୍ପିନର ଆର୍. ଅଶ୍ୱିନଙ୍କ ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍ ସ୍ମରଣୀୟ ହୋଇ ରହିବ କାରଣ ମ୍ୟାଚ୍‌ର ପ୍ରଥମ ଇନିଂସରେ ତାଙ୍କ ସହ ଏଭଳି କିଛି ଘଟିଛି ଯାହା ସେ କେବେ ସ୍ୱପ୍ନରେ ବି ଭାବି ନ ଥିଲେ।

ଅଶ୍ୱିନ ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୧୬ ଓଭର ବୋଲିଂ କରିଥିଲେ।ଏହି ସମୟରେ ସେ ୫.୮୭ ହାରରେ ୯୪ ରନ୍ ଦେଇ ମାତ୍ର ୧ ଉଇକେଟ ନେଇଥିଲେ। ଅଶ୍ୱିନ ମହଙ୍ଗା ସାବ୍ୟସ୍ତ ହେବା ବହୁତ କମ୍ ଦେଖିବାକୁ ମିଳିଥାଏ। ତେବେ ସେ ଇନିଂସର ୮୦ତମ ଓଭରରେ ମୋଟ ୨୦ ରନ୍ ଦେଇଥିଲେ। ସେଥିରେ ୩ ଚୌକା ଏବଂ ୧ ଛକା ସାମିଲ ଥିଲା।ସେ ତାଙ୍କ ଟେଷ୍ଟ କ୍ୟାରିୟରରେ ପ୍ରଥମ ଥର ପାଇଁ ଗୋଟିଏ ଓଭରରେ ୨୦ ରନ୍ ଦେଇଥିଲେ।

ଏହି ମ୍ୟାଚ୍ ପୂର୍ବରୁ ଅଶ୍ୱିନ ନିଜ ଟେଷ୍ଟ କ୍ୟାରିୟରରେ କେବେ ବି ଗୋଟିଏ ଓଭରରେ ୧୭ରୁ ଅଧିକ ରନ୍ ଦେଇ ନ ଥିଲେ। ସେହିଭଳି ୨୦୧୬ ପରେ ପ୍ରଥମ ଥର ପାଇଁ ସେ କୌଣସି ଓଭରରେ ୧୭ ଅଥବା ଅଧିକ ରନ୍ ଦେଇଛନ୍ତି।କେବଳ ଏତିକି ନୁହେଁ ୨୦ ଥର ପାଇଁ ସେ ଭାରତରେ କୌଣସି ଟେଷ୍ଟ ମ୍ୟାଚ୍‌ର ଇନିଂସରେ ୧ ଉଇକେଟ ନେଇଛନ୍ତି।

ତେବେ ଟିମ୍ ଇଣ୍ଡିଆ ଲାଗି ଏହି ଇନିଂସରେ କୁଲଦୀପ ଯାଦବ ଏବଂ ରବିନ୍ଦ୍ର ଜାଡେଜା ସବୁଠାରୁ ସଫଳ ବୋଲର ପାଲଟିଥିଲେ ଉଭୟ ୩ ଲେଖାଏ ଉଇକେଟ ନେଇଥିଲେ।ଏହାଛଡ଼ା ମହମ୍ମଦ ସିରାଜ ମଧ ୨ ଉଇକେଟ ନେଇଥିଲେ। ବୁମ୍‌ରା ମଧ କେବଳ ୧ ଉଇକେଟ ହାସଲ କରିପାରିଥିଲେ।

## ଚାମ୍ପିଅନ୍ସ ଟ୍ରଫି ନେଇ ସ୍ପଷ୍ଟ ଚିତ୍ର ଦେଲା ବୈଦେଶିକ ମନ୍ତ୍ରଣାଳୟ

ନୂଆଦିଲ୍ଲୀ, ୧୭।୧୦: ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଭାରତୀୟ କ୍ରିକେଟ ଟିମ୍ ପାକିସ୍ତାନ ଗସ୍ତ କରିବ କି ଏଷବ ଏମିତି ପ୍ରଶ୍ନ ଉଙ୍କି ମାରିଛି। ବର୍ତ୍ତମାନ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଏସସିଓ ବୈଠକ ପାଇଁ ପାକିସ୍ତାନ ଗସ୍ତରେ ଅଛନ୍ତି। ଏହି ସମୟରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଏବଂ ଭାରତର ଆଭିମୁଖ୍ୟ ଉପରେ ଦୁଇ ଦେଶ ମଧ୍ୟରେ କୌଣସି ଆଲୋଚନା ହୋଇଥିଲା କି ? ଏହି ପ୍ରଶ୍ନର ଉତ୍ତରରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧିର ଜୟସାଲ କହିଛନ୍ତି ଯେ ବୈଦେଶିକ ମନ୍ତ୍ରୀଙ୍କ ପାକିସ୍ତାନ ଗସ୍ତ ସମୟରେ କ୍ରିକେଟ ସମ୍ପର୍କରେ କୌଣସି ଆଲୋଚନା ହୋଇନାହିଁ।ଏହାର ସ୍ପଷ୍ଟ ଅର୍ଥ ହେଉଛି ପାକିସ୍ତାନର ମାଟିରେ ଚାମ୍ପିଅନ୍ସ ଟ୍ରଫି ନ ଖେଳିବା ପାଇଁ ଭାରତର ନିଷ୍ପତ୍ତି ଏବେ ବି ସ୍ଥିର ରହିଛି।

## ବାରବାଟୀରେ ରଣଜୀ ଟ୍ରଫି

## ସୁମିତଙ୍କ ୫ ସଫଳତା : ଜାମ୍ମୁ-କାଶ୍ମୀର ୨୮୦




କଟକ, ୧୮।୧୦: ବାରବାଟୀ ଲଢେଇ ରଣଜୀ ଟ୍ରଫିର ଉଦଘାଟନୀ ମ୍ୟାଚରେ ୫ ୱିକେଟ ଅକ୍ତିଆର କଲେ ସୁମିତ ଶର୍ମା। ହୋମଗ୍ରାଉଣ୍ଡ ବାରବାଟୀ ଷ୍ଟାଡିଅମରେ ରଚିଲେ ରେକର୍ଡ ଜମ୍ମୁ କଶ୍ମୀର ବିପକ୍ଷରେ ସେ ଏହି ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ଠାରୁ ବାରବାଟୀ ଷ୍ଟାଡିଅମରେ ଆରମ୍ଭ ହୋଇଥିବା ଓଡିଶା ଓ ଜମ୍ମୁ କଶ୍ମୀର ମ୍ୟାଚରେ ଭ୍ରମଣକାରୀ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା। ପ୍ରଥମ ପାଳିରେ ଓପନର ଅଭିନବ ପୁରୀ ଓ ସୌରଭ କନୋଜିଆ। ଦୁଇ ଅଙ୍କ ଛୁଇଁବା ପୂର୍ବରୁ ଓଡ଼ିଶାର ପେସ ଆଟାକ ଅରଗରେ ହାର ମାନିଥିଲେ। କେବଳ ଅବଦୁଲ ସାମଦଙ୍କ ଧୂଆଁଧାର ୧୨୭ ରନ (୧୧୭ ବଲ, ୯ ଛକା, ୬ ଚୌକା)ର ଶତକୀୟ ପାଳି ଜମ୍ମୁ କଶ୍ମୀରକୁ ୨୭୦ ରନରେ ପହଞ୍ଚାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାହିଲ ଲୋତ୍ରା ୩୯, ଶୁଭମ ପୁନିର ୨୦, ଯୁଧିଷ୍ଠିର ସିଂହ ୧୮, ଆବିଦ ମୁସ୍ତାକ ୧୭ ରନ୍ କରିଥିଲେ।

### ଓଡ଼ିଶା ୧୫/୧

ଓଡିଶା ପକ୍ଷରୁ ଆଜି ରଣଜୀ ପଦାର୍ପଣ କରିଥିବା ସୁମିତ ପ୍ରଥମ ମ୍ୟାଚରେ ହିଁ ୫ ୱିକେଟ ଅର୍ଜନ କରି ବିପକ୍ଷ ଦଳକୁ ବ୍ୟାକଫୁଟକୁ ଆଣିଥିଲେ। ସେହିପରି ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି ଲେଖାଏଁ ୱିକେଟ ନେଇ ଜାମ୍ମୁ କଶ୍ମୀରର ବଡ଼ ସ୍କୋରକୁ ଅଟକାଇବାରେ ସଫଳ ହୋଇଥିଲେ। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଏକ ୱିକେଟ ସହ ପ୍ରଥମ ପାଳିରେ ୧୫ ରନ କରିଛି। ଓଡିଶା ଶାନ୍ତନୁ ମିଶ୍ର ଖାତା ଖୋଲିବା ପୂର୍ବରୁ ପାଭିଲିୟନ ଫେରିବା ପରେ ଅନୁରାଗ ଷଡ଼ଙ୍ଗୀ ଓ ସନ୍ଦୀପ ପଟ୍ଟନାୟକ ପିଚରେ ଅପରାଜିତ ରହିଛନ୍ତି।

## ଶେଷରେ ବିଜୟ ସ୍ୱାଦ ପାଇଲା ପାକିସ୍ତାନ

ମୁଲତାନ, ୧୮।୧୦: ଟେଷ୍ଟରେ କ୍ରମାଗତ ହାରି ଚାଲିଥିବା ପାକିସ୍ତାନ ନବକଳେବର ପରେ ବିଜୟ ସ୍ୱାଦ ଚାଖିଛି। ମୁଲତନାରେ ଇଂଲଣ୍ଡ ଠାରୁ ପ୍ରତିଶୋଧ ନେବାକୁ ସକ୍ଷମ ହୋଇଛି। ଦଳ ଦ୍ୱିତୀୟ ଟେଷ୍ଟରେ ଘରୋଇ ଟିମ ୧୫୨ରେ ଇଂଲଣ୍ଡକୁ ହରାଇ ଟେଷ୍ଟ ସିରିଜ୍‌କୁ ୧-୧ ସ୍ଥିତିକୁ ଆଣି ପାରିଛି।ଶାନ ମସୁଦ ପାକିସ୍ତାନ ଟିମର ଟେଷ୍ଟ କ୍ୟାପ୍ଟେନ ହେବା ପରେ ଦଳ ପ୍ରଥମଥର ପାଇଁ କୌଣସି ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛି। ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ସ୍ପିନରମାନେ ଦୁଇ ଇନିଂସର ଇଂଲଣ୍ଡର ୨୦ଟି ଯାକ ୱିକେଟ ନେଇ ନୂଆ ରେକର୍ଡ କରିଛନ୍ତି।

ଶାନ ମସୁଦ ଗତବର୍ଷ ନଭେମ୍ବର ମାସରେ ପାକିସ୍ତାନ ଟେଷ୍ଟ ଟିମରେ ଅଧିନାୟକ ହୋଇଥିଲେ। ଏହାପରେ ଦଳ ଅଷ୍ଟ୍ରେଲିଆ ମାଟିରେ ୦-୩ରେ ଟେଷ୍ଟ ସିରିଜ ହାରିଥିଲା ଏହାପରେ ଘରୋଇ ମାଟିରେ ଅପେକ୍ଷାକୃତ ବାଂଲାଦେଶ ଠାରୁ ୦-୨ ହାରିଥିଲା ପାକିସ୍ତାନ।

ଏହାକୁ ନେଇ ଦଳକୁ ତୀବ୍ର ସମାଲୋଚନା ହେବାକୁ ପଡ଼ିଥିଲା। ତଥାପି ସମାନ ଟିମ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ଖେଳିବାକୁ ମୁଲତନାରେ ଓହ୍ଲାଇଥିଲା ପ୍ରଥମ ଇନିଂସରେ ପାକିସ୍ତାନ ୫୫୬ ରନ ବି କରିଥିଲା। ହେଲେ ଇଂଲଣ୍ଡ ଚମତ୍କାର ଢଙ୍ଗରେ ମ୍ୟାଚ୍ ଜିତି ପାକିସ୍ତାନକୁ ଆଉ ଏକ ଝଟକା ଦେଇଥିଲା।

ଏହି ପରାଜୟ ପରେ ଶାନ ମସୁଦଙ୍କ କ୍ୟାପ୍ଟେନ୍ସି ବିପଦରେ ପଡ଼ିଥିଲା ଦଳରେ ଥିବା ଷ୍ଟାର ବ୍ୟାଟର ବାବର ଆଜମଙ୍କୁ ଠାରୁ ଦ୍ରୁତ ବୋଲର ଶାହୀନ ଶାହ ଆଫ୍ରିଦି ଓ ନସିମ ଶାହଙ୍କ ଭଳି କ୍ରିକେଟରଙ୍କୁ ବିଶ୍ରାମ ନାଁରେ ଦ୍ୱିତୀୟ ଟେଷ୍ଟରୁ ବିଦା କରାଯାଇଥିଲା ଯୁବ ଖେଳାଳିଙ୍କୁ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ସୁଯୋଗ ମିଳିଥିଲା। ବାବର ଆଜମଙ୍କ ସ୍ଥାନରେ ଖେଳୁଥିବା କମରାନ ଗୁଲାମ ୧୧୮ ରନର ଇନିଂସ ମଧ ଖେଳିଥିଲେ ପାକିସ୍ତାନ ପ୍ରଥମ ଇନିଂସରେ ୩୬୬ ରନ କରିଥିବା ବେଳେ ଇଂଲଣ୍ଡକୁ ଦୁଇ ସ୍ପିନର ସାଜିଦ ଖାନ ଓ ନୋମାନ ଅଲୀ ଘାଣ୍ଟିଥିଲେ। ସାଜିଦ ଖାନ ୭ ଓ ନୋମାନ ୩ଟି ୱିକେଟ ନେବାରୁ ଇଂଲଣ୍ଡ ପ୍ରଥମ ଇନିଂସରେ ୨୯୧ ରନ କରି ଅଲଆଉଟ ହୋଇ ଯାଇଥିଲା।

ଦ୍ୱିତୀୟ ଇନିଂସରେ ପାକିସ୍ତାନ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଆଘା ସଲମାନ ଦଳକୁ ବଞ୍ଚାଇ ଦେଇଥିଲେ। ସେ ୬୩ ରନର ଇନିଂସ ଖେଳିବାରୁ ପାକିସ୍ତାନ ୨୨୧ ରନ କରିବାକୁ ସକ୍ଷମ ହୋଇଥିଲା।

ଫଳରେ ଇଂଲଣ୍ଡକୁ ୨୯୭ ରନର ଟାର୍ଗେଟ ମିଳିଥିଲା ତେବେ ପୁଣିଥରେ ନୋମାନ ଓ ସାଜିଦ ଇଂଲଣ୍ଡକୁ ଘାଇଲା କରିଥିଲେ। ଏହି ଦୁଇ ଜଣଙ୍କ ବ୍ୟତୀତ ଦ୍ୱିତୀୟ ଇନିଂସରେ ପାକିସ୍ତାନ ଆଉ କୌଣସି ବୋଲରଙ୍କୁ ମଧ ବ୍ୟବହାର କରି ନଥିଲା। ଉଭୟ ୩୩.୩ ଓଭର ବୋଲିଂ କରିବା ସହ ଇଂଲଣ୍ଡକୁ ୧୪୪ ରନରେ ଅଲଆଉଟ କରି ଦେଇଥିଲେ। ନୋମାନ ୮ଟି ୱିକେଟ ନେଇଥିବା ବେଳେ ସାଜିଦଙ୍କ ଖାତାକୁ ୨ଟି ୱିକେଟ ଯାଇଛି। ଦୁଇଟି ଯାକ ଇନିଂସରେ ନୋମାନଙ୍କ ୱିକେଟ ସଂଖ୍ୟା ୧୧ ଓ ସାଜିଦଙ୍କ ୱିକେଟ ସଂଖ୍ୟା ୧୦ ରହିଛି ତଥାପି ପ୍ରଥମ ଇନିଂସର ଗୁରୁ ଦୃଷ୍ଟିରୁ ସାଜିଦଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମିଳିଛି।




Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ